• Vol.- 46, Issue No. 84
• Wednesday, 24 June 2026
• ବୁଧବାର, ୨୪ ଜୁନ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ୯ରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନ୍

ଭୁବନେଶ୍ୱର,୨୩।୬(ନିପ୍ର): ଦୂର ତଥା ଗଭୀର ସମୁଦ୍ର ଅଞ୍ଚଳରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ଲେଟର ଅଫ୍ ଅଥରାଇଜେସନ୍ (ପ୍ରାଧିକୃତ ଅନୁମତି ପତ୍ର) ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜନ ନେଇ ମଙ୍ଗଳବାର ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଥିସହ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସଂପୃକ୍ତ କେନ୍ଦ୍ର ମନ୍ତ୍ରୀମଣ୍ଡଳ ସଦସ୍ୟ, ବିଭିନ୍ନ ରାଜ୍ୟର ପ୍ରତିନିଧି, ଜାତୀୟ ମତ୍ସ୍ୟ ସଂସ୍ଥାଗୁଡ଼ିକର ଅଧିକାରୀ ଏବଂ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ମତ୍ସ୍ୟଜୀବୀ,



ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୯ ଜୁଲାଇରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ( ଓୟୁଏଟି), ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଏହି ଜାତୀୟ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି ମତ୍ସ୍ୟଚାଷ କ୍ଷେତ୍ରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଆଦି ଅଂଶଗ୍ରହଣ କରିବେ । ବୈଠକରେ ଉପରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରି ବିଭିନ୍ନ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

# କେନ୍ଦ୍ର କ୍ୟାବିନେଟରେ ହୋଇପାରେ ଅଦଳବଦଳ

## ରାଷ୍ଟ୍ରପତିଙ୍କୁ ଭେଟିଲେ ମୋଦି



ନୂଆଦିଲ୍ଲୀ, ୨୩।୬: କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳରେ ଅଦଳବଦଳ ନେଇ ଚାଲିଥିବା ଚର୍ଚ୍ଚା ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଏହି ସାକ୍ଷାତକାର ପରେ ରାଜନୈତିକ ମହଲରେ ହଲଚଲ ଜୋର୍ ଧରିଛି। ରାଷ୍ଟ୍ରପତି ଭବନ ପକ୍ଷରୁ ଏହି ସାକ୍ଷାତକାରର କିଛି ଫଟୋ ମଧ୍ୟ ସେୟାର କରାଯାଇଛି। ରାଷ୍ଟ୍ରପତି ଭବନ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏକ ପୋଷ୍ଟ ସେୟାର କରି ଲେଖାଯାଇଛି, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି।' ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ଏହି ବୈଠକ ପଦ୍ମ ପୁରସ୍କାର ପାଇଁ ଆୟୋଜିତ କାର୍ଯ୍ୟକ୍ରମର ଠିକ ପୂର୍ବରୁ ଅନୁଷ୍ଠିତ ହୋଇଛି।ଜାତୀୟ ରାଜଧାନୀର ରାଜନୈତିକ ସ୍ତରରେ ମନ୍ତ୍ରିମଣ୍ଡଳ ଅଦଳବଦଳକୁ ନେଇ ଜୋର୍‌ଦାର ଚର୍ଚ୍ଚା ଚାଲିଥିବାରୁ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି।

## କେନ୍ଦ୍ର କ୍ୟାବିନେଟ୍‌ରେ ସାମିଲ ହେବେ କି ରାଘବ ଚଢା ?

ନୂଆଦିଲ୍ଲୀ, ୨୩।୬ : ରାଘବ ଚଢାଙ୍କୁ କେନ୍ଦ୍ର କ୍ୟାବିନେଟ୍‌ରେ ସାମିଲ କରାଯିବା ନେଇ କଳ୍ପନାଜଳ୍ପନା ଜୋର୍ ଧରିଛି। ଭାରତୀୟ ଜନତା ପାର୍ଟି (ବିଜେପି)ର ରାଷ୍ଟ୍ରୀୟ ସଭାପତି ନୀତିନ ନବିନ ପଞ୍ଜାବ ଗସ୍ତରୁ ହଠାତ୍ ଦିଲ୍ଲୀ ଫେରିଛନ୍ତି। ସେ ଚଣ୍ଡିଗଡ଼ରେ ପଞ୍ଜାବ ରାଜ୍ୟପାଳ ଗୁଲାବ ଚାନ୍ଦ କଟାରିଆ ଏବଂ ପଞ୍ଜାବ ରାଜ୍ୟ ସଭାପତି କେୱଲ ସିଂହ ଢିଲୋନଙ୍କୁ ଭେଟି ମଙ୍ଗଳବାର ଦିଲ୍ଲୀ ଯିବାର କାର୍ଯ୍ୟକ୍ରମ ଥିଲା। ମାତ୍ର ସେ ଗତକାଲି ସନ୍ଧ୍ୟାରେ ଦିଲ୍ଲୀ ଫେରି ଯାଇଛନ୍ତି। ତାଙ୍କ ସହିତ ପଞ୍ଜାବରେ ବିଜେପି ବୈଠକରେ ଯୋଗଦେବା ପାଇଁ ଯାଇଥିବା ରାଘବ ଚଢା ମଧ୍ୟ ଦିଲ୍ଲୀ ଫେରି ଯାଇଛନ୍ତି। ବିଜେପି ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଏବଂ ରାଜ୍ୟସଭା ସାଂସଦ ବିକ୍ରମଜିତ୍ ସାହାଣୀ ମଧ୍ୟ ସେମାନଙ୍କ ସହିତ ଅଛନ୍ତି। ଏହି ଚାରିଜଣ ଲୁଧିଆନାର ହାଲୱାରା ବିମାନବନ୍ଦରରୁ ଦିଲ୍ଲୀ ଯାଇଥିଲେ।

## କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଜର୍ଜ କୁରିଏନ୍

ନୂଆଦିଲ୍ଲୀ, ୨୩।୬ : ଇସ୍ତଫା ଦେଇଛନ୍ତି ଜର୍ଜ କୁରିଏନ୍। ମଙ୍ଗଳବାର ଭାରତୀୟ ଜନତା ପାର୍ଟି (ବିଜେପି)କୁ ଏକ ବଡ଼ ଝଟକା ଲାଗିଛି। ଦଳର ବରିଷ୍ଠ ନେତା ଜର୍ଜ କୁରିଏନ୍ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ସେ ସଂଖ୍ୟାଲଘୁ ବ୍ୟାପାର ଏବଂ ମତ୍ସ୍ୟପାଳନ ରାଷ୍ଟ୍ରମନ୍ତ୍ରୀ ଥିଲେ। ତାଙ୍କର ରାଜ୍ୟସଭା କାର୍ଯ୍ୟକାଳ ମଧ୍ୟ ଜୁନ୍ ୨୧ ତାରିଖରେ ଶେଷ ହୋଇଥିଲା। ସେ ମଙ୍ଗଳବାର ହଠାତ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଇସ୍ତଫାପତ୍ର ପ୍ରଦାନ କରି ଦଳର ହାଇକମାଣ୍ଡଙ୍କୁ ଚକିତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ସମ୍ବିଧାନର ଧାରା ୭୫ର ଧାରା



(୨) ଅନୁଯାୟୀ କେନ୍ଦ୍ର ମନ୍ତ୍ରୀ ପରିଷଦରୁ ଜର୍ଜ କୁରିଏନ୍‌ଙ୍କ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି ଏବଂ ତାଙ୍କୁ ତାଙ୍କ ଦାୟିତ୍ୱରୁ ମୁକ୍ତ କରିଛନ୍ତି। ସୂଚନାନୁଯାୟୀ, କେରଳ ବିଜେପିର ନେତା ଜର୍ଜ କୁରିଏନ୍ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ, କିନ୍ତୁ ଏଥର ତାଙ୍କୁ ପୁନଃନିର୍ବାଚିତ କରାଯାଇ ନ ଥିଲା। ତାଙ୍କ ସ୍ଥାନରେ ମଧ୍ୟପ୍ରଦେଶରୁ ବିଜେପି ସାଧାରଣ ସମ୍ପାଦକ ତରୁଣ ଚୁଗ୍‌ଙ୍କୁ ନିଯୁକ୍ତ କରାଯାଇଥିଲା। ଏହାର କାରଣ ସମ୍ଭବତଃ କେରଳ ବିଧାନସଭା ନିର୍ବାଚନରେ ଦଳର ଖରାପ ପ୍ରଦର୍ଶନ କାରଣରୁ। ଏଥିପାଇଁ ତାଙ୍କୁ ରାଜ୍ୟସଭାକୁ ପୁନଃନିର୍ବାଚିତ କରାଯାଇ ନଥିଲା ଏବଂ ତାଙ୍କ ଅନିର୍ବାଚିତ ହେବାରେ ଅସନ୍ତୋଷ ପ୍ରକାଶ କରି ସେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ମାତ୍ର ତାଙ୍କ ଇସ୍ତଫା ପଛର ସଠିକ୍ କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

## ନୂଆପଡ଼ା: ବିଷ ପିଇ ଜୀବନ ହାରିଲେ ଚାଷୀ !



ନୂଆପଡା, ୨୩।୬ : ନୂଆପଡ଼ା କୋମନା ଥାନା ଜଡ଼ାମୁଣ୍ଡା ଗାଁର ଚାଷୀ ନେପାଳ ମାଝୀ । ଟୋକନ ପାଇବାର ୨୪ ଦିନ ପରେ ବି ଧାନ ବିକ୍ରି କରି ପାରିନଥିଲେ । ସେ ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ନେପାଳ ଚଳିତ ରବିଋତୁରେ ୩ ଏକର ଧାନ ଓ ୨ ଏକରରେ ଚିନାବାଦାମ ଚାଷ କରିଥିଲେ । ଧାନ ବିକିବା ପାଇଁ ଗତ ମେ' ୩୦ରେ ଟୋକନ୍ ପାଇଥିଲେ । ପାଖାପାଖି ୩୭ କ୍ୱିଣ୍ଟାଲ୍ ଧାନ ବିକ୍ରି ପାଇଁ ପାଇଁ ଅନୁମତି ମିଳିଥିଲା । ହେଲେ ଧାନ ବିକ୍ରି ନ ହେବାରୁ ୩ ଛୁଆଙ୍କୁ ପାଠପଢା ଏବଂ ପରିବାର ଚଳାଇବାକୁ ନେଇ ଚିନ୍ତାଗ୍ରସ୍ତ ଥିଲେ । ଟ୍ରାକ୍ଟର, ଥେସର ମେସିନ ପାଉଣା ବି ବାକିଥିଲା । ସୋମବାର ଧାନ ବିକ୍ରି ଦାବିରେ ଚାଷୀମାନଙ୍କ ସହ ସିଏସଓ ଅଫିସ୍ ସମ୍ମୁଖରେ ସେ ଧାରଣା ଦେଇଥିଲେ । ହେଲେ ଘରକୁ ଫେରିବା ପରେ ବିଷ ପିଇ ଦେଇଥିଲେ ବୋଲି କୁହାଯାଇଛି। ତାଙ୍କ ମୃତ୍ୟୁକୁ ନେଇ ମଙ୍ଗଳବାର ଜିଲ୍ଲାରେ ଉତ୍ତେଜନା ଦେଖାଦେଇଛି। ମୃତ ଚାଷୀଙ୍କୁ କ୍ଷତିପୂରଣ ଦାବିରେ ଜଦାମୁଣ୍ଡା ଛକରେ ଉଭୟ କଂଗ୍ରେସ ଓ ବିଜେଡି ପକ୍ଷରୁ ରାସ୍ତାରୋକ୍ କରାଯାଇଛି। ଫଳରେ ଜାତୀୟ ରାଜପଥ ଦୀର୍ଘ ସମୟ ଧରି ବନ୍ଦ ରହିଥିଲା।

## ୨୮ରେ ଆର୍‌ଆଇ ୫ରେ ଓଟିଇଟି ପରୀକ୍ଷା

ଭୁବନେଶ୍ୱର, ୨୩।୬: ପରୀକ୍ଷାର୍ଥୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସୂଚନା ଆସିଛି। ଆସନ୍ତା ୨୮ ତାରିଖରେ ଆରଆଇ ଅମିନ ପରୀକ୍ଷା ହେବ। ବଦଳିବ ଓଟିଇଟି ପରୀକ୍ଷା ତାରିଖ। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଦୁଇଟି ଯାକ ପରୀକ୍ଷା ଗୋଟିଏ ଦିନରେ ପଡୁଥିବାରୁ ପରୀକ୍ଷା ତାରିଖ ବଦଳାଇବାକୁ ଗଣଶିକ୍ଷା ବିଭାଗ ସହିତ ଆଲୋଚନା ହୋଇଛି।ଆରଆଇ ଅମିନ ପରୀକ୍ଷାର ଏହା ଶେଷ ପର୍ଯ୍ୟାୟ। ପ୍ରାୟ ୧୬ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ଜୁନ୍ ୨୮ରେ ହେବାକୁ ଥିବା ଓଟିଇଟି ପରୀକ୍ଷା ଜୁଲାଇ ୫ ତାରିଖରେ ହେବ। ପରୀକ୍ଷାର୍ଥୀମାନେ ଆଡମିଟ୍ କାର୍ଡ ଡାଉନଲୋଡ କରିସାରିଥିଲେ ଆଉଥରେ ଡାଉନଲୋଡ୍ କରିବାକୁ ମନା କରାଯାଇଛି।

# ୩ ଓଡ଼ିଆଙ୍କୁ ମିଳିଲା ପଦ୍ମଶ୍ରୀ

ନୂଆଦିଲ୍ଲୀ, ୨୩।୬: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଦେଶର ସର୍ବୋଚ୍ଚ ସମ୍ମାନ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି । ୨୦୨୬ ବର୍ଷ ପାଇଁ ୨ ଜଣଙ୍କୁ ପଦ୍ମ ବିଭୂଷଣ, ୭ ଜଣଙ୍କୁ ପଦ୍ମ ଭୂଷଣ ଏବଂ ୫୬ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି । ପି. ନାରାୟଣନ ଓ ପୂର୍ବତନ ବିଚାରପତି କେ. ଟି ତୋମସ୍ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ବଲିଉଡ୍ କଣ୍ଠ ଶିଳ୍ପୀ ଅଲକା ୟାଗନିକ ପଦ୍ମ ଭୂଷଣ ପୁରସ୍କାର ଗ୍ରହଣ କରିଛନ୍ତି । ଏହି ପୁରସ୍କାର ସମାରୋହରେ ଉପରାଷ୍ଟ୍ରପତି ସିପି ରାଧାକ୍ରୀଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟମାନେ ଉପସ୍ଥିତ ଥିଲେ । ୩ ଜଣ ଓଡ଼ିଆ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ସେମାନେ ହେଲେ ମହେନ୍ଦ୍ର କୁମାର ମିଶ୍ର, ସୀମାଞ୍ଚଳ ପାତ୍ର ଓ ଚରଣ ହେମ୍ବ୍ରମ। ସାନ୍ତାଳୀ ଭାଷାର ବିଶିଷ୍ଟ ଲେଖକ ଚରଣ ହେମ୍ବ୍ରମଙ୍କୁ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଏହି ସମ୍ମାନ ମିଳିଛି । ସେହିପରି ମହେନ୍ଦ୍ର କୁମାର ମିଶ୍ରଙ୍କୁ ସାହିତ୍ୟ ଓ ଶିକ୍ଷାକ୍ଷେତ୍ର କ୍ଷେତ୍ରରେ ଏହି ସମ୍ମାନ ମିଳିଥିବାବେଳେ ସୀମାଞ୍ଚଳ ପାତ୍ରଙ୍କୁ ଲୋକକଳା ପାଇଁ ପ୍ରଦାନ କରାଯାଇଛି । ରାଷ୍ଟ୍ରପତିଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଥିବା ଓଡ଼ିଶାର ସମସ୍ତ ବ୍ୟକ୍ତିତ୍ୱଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



## 'କାଡା' ନିର୍ବାହୀ ଯନ୍ତ୍ରୀଙ୍କ ୧୫ ପ୍ଲଟ

### ■ ଥିଲା ଜୁଆ ସଉକ ! ■ ବିଦେଶୀ ନୋଟ୍ ଜବତ

ସମ୍ବଲପୁର, ୨୩।୬: ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର କାଡା (କମାଣ୍ଡ ଏରିଆ ଡେଭଲପମେଣ୍ଟ ଅଥରିଟି) ବିଭାଗର ନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନ ନାୟକଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ବେଳେ ବିଭିନ୍ନ ଜିଲ୍ଲାରେ ତାଙ୍କର ଥିବା ଏକାଧିକ ଜମି ଓ ପ୍ଲଟର ସୁରାକ୍ ମିଳିଛି। ଏହି ନିର୍ବାହୀ ଯନ୍ତ୍ରୀଙ୍କର ସମ୍ବଲପୁର, କଟକ, ବାଲେଶ୍ୱର ଓ ମାଲକାନଗିରି ସ୍ଥିତ ୭ଟି ଠିକଣାରେ ଚଢ଼ାଉ କରାଯାଇଛି। ଚଢ଼ାଉ ଜାରି ରହିଥିବା ବେଳେ ଶ୍ରୀ ନାୟକ ଓ



ତାଙ୍କ ପରିବାର ଲୋକଙ୍କ ନାଁରେ ଥିବା ଏକାଧିକ ସଂପତ୍ତି ଠାବ କରିଛି ଭିଜିଲାନ୍ସ। ଠାବ କରାଯାଇଥିବା ଶ୍ରୀ ନାୟକ ଓ ତାଙ୍କ ପରିବାର ଲୋକଙ୍କର ସଂପତ୍ତି ମଧ୍ୟରେ ରହିଛି ୧୫ଟି ଦାମୀ ପ୍ଲଟ୍। ଏହି ପ୍ଲଟ ଗୁଡ଼ିକ ଭୁବନେଶ୍ୱର, କଟକ, ଯାଜପୁର ଜିଲ୍ଲାର କୋରେଇ, ବାଲେଶ୍ୱରର ବସ୍ତା ଓ ପୁରୀର ଡେଲାଙ୍ଗ ଆଦି ଅଞ୍ଚଳରେ ରହିଛି। ତାଙ୍କ ଘରୁ ନଗଦ ୩ ଲକ୍ଷ ୪୫ ହଜାର ଟଙ୍କା ଜବତ କରାଯାଇଛି। ଏହା ସହିତ ଶ୍ରୀଲଙ୍କା, ନେପାଳ, ବାହାରିନ ଓ ଆମେରିକାର କିଛି ନୋଟ୍ ଜବତ କରାଯାଇଛି। ଏହି ଯନ୍ତ୍ରୀଙ୍କ ଜୁଆ ସଉକ ଥିଲା ଓ ସେଥିଲାଗି ସେ ବାହାର ଦେଶକୁ ଯାଉଥିଲେ ବୋଲି କୁହାଯାଇଛି। ତାଙ୍କର ୩ଟି ଚାରି ଚକିଆ ଗାଡ଼ି ଗୋଟିଏ ଜେସିବି ଓ ଗୋଟିଏ ଦୁଇ ଚକିଆ ଠାବ କରାଯାଇଛି।

## ଏଣିକି ଟିଇଟି ପାସ ବାଧ୍ୟତାମୂଳକ ଅବଧି ୨ରୁ ୩ ବର୍ଷକୁ ବୃଦ୍ଧି

ଭୁବନେଶ୍ୱର, ୨୩।୬: ଟିଇଟି ପାସ କରି ନ ଥିବା ଶିକ୍ଷକଙ୍କ ପାଇଁ ମଙ୍ଗଳବାର ବଡ଼ ଖବର ଆସିଛି। ଦେଶର ସମସ୍ତ ଶିକ୍ଷକଙ୍କ ପାଇଁ ଟିଇଟି ପାସ ବାଧ୍ୟତାମୂଳକ କରିଛନ୍ତି ସୁପ୍ରିମକୋର୍ଟ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଦିଆଯାଇଛି। ଟିଇଟି କ୍ଲିୟର କରିବା ଅବଧି ୨ରୁ ୩ ବର୍ଷକୁ ବୃଦ୍ଧି କରାଯାଇଛି। ୨୦୨୮ ଅଗଷ୍ଟ ୩୧ ସୁଦ୍ଧା ଟିଇଟି କ୍ଲିୟର ନିର୍ଦ୍ଦେଶ ଦିଆଯାଇଛି। ଟିଇଟି ପାସ କରି ନ ଥିବା ଶିକ୍ଷକଙ୍କୁ ୩ ବର୍ଷ ମଧ୍ୟରେ କ୍ଲିୟର କରିବା ପାଇଁ କୁହାଯାଇଛି।

## ଦାରିଦ୍ର୍ୟ : ୩ ପିଲାଙ୍କୁ ସିଡବ୍‌ଲୁସିକୁ ଦେଲେ ବାପା

### ଶିଶୁ ଯତ୍ନ ଗୃହକୁ ପଠାଇଲେ ଅଧିକାରୀ

ରାଉରକେଲା, ୨୩।୬: ସୁନ୍ଦରଗଡ଼ ଜିଲ୍ଲାର ଶିଶୁ କଲ୍ୟାଣ କମିଟି (ସିଡବଲୁସି)କୁ ଜଣେ ଦିନ ମଜୁରିଆ ନିଜର ତିନି ପିଲାଙ୍କୁ ଦାରିଦ୍ର୍ୟ ଯୋଗୁଁ ଯତ୍ନ ନେବାକୁ ଅସାମର୍ଥ୍ୟ ପ୍ରକାଶ ପୂର୍ବକ ଛାଡ଼ିଛନ୍ତି। ଫଳରେ ସିଡବଲୁସି ସେମାନଙ୍କୁ ହେପାଜତକୁ ନେଇଛି। କିଞ୍ଜିରକେଲା ଅଞ୍ଚଳର ଦିନମଜୁରିଆ ଜଣଙ୍କର ତିନି ପିଲା – ଦୁଇ ଝିଅ ଏବଂ ଗୋଟିଏ ପୁଅ । ସେମାନଙ୍କ ଯତ୍ନ ନେବାକୁ ସିଡବ୍‌ଲୁସି ସହିତ ଯୋଗାଯୋଗ କରିଥିଲେ । କାରଣ ସେ ଘୋର ଦାରିଦ୍ର୍ୟ ଯୋଗୁଁ ସେମାନଙ୍କୁ ପାଳନ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଖବର ଅନୁଯାୟୀ, କିଛି ବର୍ଷ ପୂର୍ବରୁ ଏହି ବ୍ୟକ୍ତିଙ୍କ ସ୍ତ୍ରୀ କାହା ସହିତ ପଳାଇ ଯାଇଥିଲେ। ଆବେଦନ ଗ୍ରହଣ କରି, ସିଡବ୍‌ଲୁସି ତାଙ୍କ ଗାଁ ପରିଦର୍ଶନ କରିବା ଏବଂ ଏ ସମ୍ପର୍କରେ ଏକ ବିସ୍ତୃତ ତଦନ୍ତ କରିବା ପାଇଁ ଏକ ଦଳ ପଠାଇଥିଲା। ପରିବାର ଅତ୍ୟନ୍ତ ଦାରିଦ୍ର୍ୟରେ ଜୀବନଯାପନ କରୁଥିବା ଦଳ ଜାଣିବା ପରେ ସିଡବ୍‌ଲୁସି ପାଞ୍ଚରୁ ୧୦ ବର୍ଷ ବୟସର ତିନି ଭାଇଭଉଣୀଙ୍କୁ ହେପାଜତକୁ ନେଇଛି। ସୁନ୍ଦରଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା କହିଛନ୍ତି, 'ବ୍ୟକ୍ତି ଜଣକ ତାଙ୍କ ତିନି ପିଲାଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାରେ ସଂଘର୍ଷ କରୁଥିବା ନେଇ ଅଧିକାରୀଙ୍କ ଟିମ୍ ଠାରୁ ଜାଣିବାକୁ ପାଇବା ପରେ ଆମେ ତିନି ଭାଇଭଉଣୀଙ୍କୁ ହେପାଜତକୁ ନେଇଛୁ ଏବଂ ସେମାନଙ୍କୁ ଶିଶୁ ଯତ୍ନ ଗୃହକୁ ପଠାଇଛୁ।'

### ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

## ଡଃ ମୁଖାର୍ଜୀଙ୍କ ସ୍ୱପ୍ନ ସାକାର ହୋଇଛି



ଭୁବନେଶ୍ୱର, ୨୩।୬: ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ 'ରାଷ୍ଟ୍ର ପ୍ରଥମ' ନୀତିରେ ଅନୁପ୍ରାଣିତ ହୋଇ ଓଡ଼ିଶା ମାଟି ତଥା ସମଗ୍ର ଭାରତବର୍ଷକୁ ସଶକ୍ତ, ସମୃଦ୍ଧ ଓ ଏକତାର ସୂତ୍ରରେ ବାନ୍ଧି ରଖିବାରେ ଯୁବପିଢ଼ି କାର୍ଯ୍ୟ କରନ୍ତୁ। ଯୁବପିଢ଼ିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଏପରି ଆହ୍ୱାନ ଦେଇଛନ୍ତି । ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଯୁବପିଢ଼ିଙ୍କୁ ଏହି ଆହ୍ୱାନ ଦେଇଛନ୍ତି। ଡଃ ମୁଖାର୍ଜୀଙ୍କ ଅତୁଳନୀୟ ତ୍ୟାଗ ଓ ଶିକ୍ଷା ସଂସ୍କାର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାତ୍ର ୩୩ ବର୍ଷ ବୟସରେ ସେ କଲିକତା ବିଶ୍ୱବିଦ୍ୟାଳୟର ସର୍ବକନିଷ୍ଠ କୁଳପତି ଭାବେ ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲେ। ଦେଶର ଏକତା ଓ ଅଖଣ୍ଡତା ପାଇଁ ଜାମ୍ମୁ-କାଶ୍ମୀର ଆନ୍ଦୋଳନରେ ସେ ଦେଇଥିବା ଐତିହାସିକ

**ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲେ**

ସ୍ଲୋଗାନ 'ଏକ ଦେଶ ମେଁ ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ ନେହିଁ ଚଲେଙ୍ଗେ' ସମଗ୍ର ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧିଥିଲା।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଗତ ୫ ଅଗଷ୍ଟ ୨୦୧୯ ମସିହାରେ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯାଇ ଡଃ ମୁଖାର୍ଜୀଙ୍କ ସେହି ଅଧୁରା ସ୍ୱପ୍ନକୁ ସାକାର କରାଯାଇଛି ଏବଂ ଏହାହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି। କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଆଜି ଗୋଟିଏ ସମ୍ବିଧାନ ଏବଂ ଗୋଟିଏ ତ୍ରିରଙ୍ଗା ଭାରତର ବିଜୟ ପତକା ଉଡ଼ାଉଛି। ୨୧ ଅକ୍ଟୋବର ୧୯୫୧ରେ ଡଃ ମୁଖାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ 'ଭାରତୀୟ ଜନସଂଘ' ଆଜି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ 'ଭାରତୀୟ ଜନତା ପାର୍ଟି' ଭାବେ ଉଭା ହୋଇଛି, ଯାହାର ମୂଳମନ୍ତ୍ର ହେଉଛି ସାଂସ୍କୃତିକ ରାଷ୍ଟ୍ରବାଦ। ପୂର୍ବ ସରକାର ଡଃ ମୁଖାର୍ଜୀଙ୍କ ସ୍ମୃତି ଦିବସକୁ ଅଣଦେଖା କରୁଥିବା ବେଳେ ବର୍ତ୍ତମାନର ସରକାର ଏହାକୁ ଏକ ଜାତୀୟ କର୍ତ୍ତବ୍ୟ ଭାବେ ଗ୍ରହଣ କରି ପାଳନ କରୁଛନ୍ତି । ଏହି ଅବସରରେ ସେ ଦେଶ ଓ ରାଜ୍ୟକୁ ଦୁର୍ବଳ କରୁଥିବା ଭ୍ରଷ୍ଟ, ଦେଶବିରୋଧୀ ଏବଂ ପରିବାରବାଦୀ ଶକ୍ତିମାନଙ୍କ ପ୍ରତି ସତର୍କ ରହିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଓଡ଼ିଶା ବିଧାନ ସଭାର ବାଚସ୍ପତି ସୁରମା ପାଢୀ କହିଥିଲେ ଯେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଜାତୀୟତାବାଦ ଚିନ୍ତାଧାରାକୁ ଯିଏ ବିଚ୍ଛୁରିତ କରିଥିଲେ ସେ ହେଉଛନ୍ତି ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ । ସେ ହେଉଛନ୍ତି ପ୍ରକୃତ ଦେଶ ଭକ୍ତର ନିଦର୍ଶନ, ଯିଏ କି ଦଳ ମତ ନିର୍ବିଶେଷରେ ନିଜ ଦେଶକୁ ଭଲପାଉଥିଲେ । ଏହି ଅବସରରେ ପୂର୍ବତନ ରାଜ୍ୟସଭା ସାଂସଦ ଦୁଷ୍ମନ୍ତ କୁମାର ଗୌତମ, ଏକାମ୍ର ବିଧାୟକ ବାବୁ ସିଂହ ପ୍ରମୁଖ ମତବ୍ୟକ୍ତ କରିଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ।

# ମହାପ୍ରଭୁଙ୍କ ଏମିତି ଜଣେ ଭକ୍ତ






## ରଥଯାତ୍ରାକୁ ଆସିନଥିଲେ ବୋଲି ନନ୍ଦିଘୋଷ ଅଟକାଇଥିଲେ ଶ୍ରୀଜଗନ୍ନାଥ

ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାରେ ନାନା ଅଲୌକିକ ଘଟଣାମାନ ଘଟିବାର ଅନେକ ପ୍ରମାଣ ମିଳେ । ଭକ୍ତର ମାନ ରକ୍ଷା କରିବା ପାଇଁ କେତେବେଳେ ଭଗବାନ ବଳରାମ ଦାସଙ୍କ ବାଲି ରଥରେ ବିଜେ କରିଛନ୍ତି ତ କେତେବେଳେ ରାଜାଙ୍କୁ ସ୍ୱପ୍ନାଦେଶ ଦେଇ ଭକ୍ତ ଜଗନ୍ନାଥ ଦାସଙ୍କୁ ବନ୍ଦୀଶାଳାରୁ ମୁକ୍ତ କରିଛନ୍ତି ତ କେତେବେଳେ ଭକ୍ତର ଭୋକ ଦୂର ପାଇଁ ନିଜକୁ ଅର୍ପିତ ସୁନାଥାଳିର ଦିବ୍ୟଅନ୍ନ ବଢ଼ାଇ ଦେଇଛନ୍ତି ଭକ୍ତ ବନ୍ଧୁ ମହାନ୍ତିଙ୍କର ହାତକୁ , ଦୂରରେ ଥାଇ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ଗ୍ରହଣ କରିଛନ୍ତି ନିଜର ମହାବାହୁ ବଢ଼ାଇ । ଗୀତଗୋବିନ୍ଦ ଶୁଣିବା ପାଇଁ ସୁଦୂର ପଲ୍ଲୀରେ ବାଇଗଣ ତୋଳୁଥିବା ଅବସ୍ଥାରେ ଗୀତଗୋବିନ୍ଦ ବୋଲୁଥିବା ବୁଢ଼ୀର ବାଇଗଣ କିଆରୀରେ ହାଜର ହୋଇଛନ୍ତି । ଗର୍ବୀର ଗର୍ବ ଚୂର୍ଣ୍ଣ ପାଇଁ କେତେବେଳେ ଅଟକି ରହନ୍ତି ତ ରଥ ଉପରେ । କେତେବେଳେ ଭକ୍ତ ହାତର ସ୍ପର୍ଶ ପାଇ ମାନ ଭାଙ୍ଗନ୍ତି ମାନଗୋବିନ୍ଦ । ମହାପ୍ରଭୁଙ୍କ ମହାନ ଲୀଳା ବୁଝିବା ସାଧାରଣ ମାନବ ପକ୍ଷେ ଅସମ୍ଭବ । ସେ ଭାବକୁ ନିକଟ , ଅଭାବକୁ ଦୂର । ଯିଏ ତାଙ୍କୁ ଯେପରି ଭଜିଛି ସେ ସେପରି ତାଙ୍କୁ ପାଇଛି । ଯିଏ ତାଙ୍କୁ ଯେଉଁ ରୂପରେ ଦେଖିବାକୁ ଚାହିଁଛି ସେ ସେହି ରୂପରେ ଦେଖିବାକୁ ପାଇଛି । ସିଏ ପରା ଜଗତରନାଥ ଜଗନ୍ନାଥ ଏହା ନ କରନ୍ତେ ବା କିପରି ? ତାଙ୍କରି ଭକ୍ତ ସାଲବେଗ । ମାତା ତାଙ୍କର ହିନ୍ଦୁ ରମଣୀ ହୋଇଥିଲେ ମଧ୍ୟ ପିତା ଥିଲେ ମୋଗଲ ସୁବେଦାର ଲାଲବେଗ । ସାଲବେଗ ଯୁବକ ଅବସ୍ଥାରେ ଏକଦା ଭୀଷଣ ଭାବରେ କ୍ଷତାକ୍ତ ଓ ପୀଡ଼ିତ ହୋଇଥିଲେ । ଯେତେ ଔଷଧ ଲଗାଇଲେ ମଧ୍ୟ କ୍ଷତର ଉପଶମ ହେଲା ନାହିଁ । ନିଜ ମା'ଙ୍କ ପରାମର୍ଶକ୍ରମେ ବୃନ୍ଦାବନ ବିହାରୀଙ୍କୁ ଉପାସନା କରି ବ୍ୟାଧିମୁକ୍ତ ହୋଇଥିଲେ । ଶ୍ରୀକୃଷ୍ଣଙ୍କ କରୁଣାରୁ ମୃତ୍ୟୁମୁଖରୁ ରକ୍ଷା ପାଇଥିବାରୁ ନିଜର ସମଗ୍ର ଜୀବନ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ସମର୍ପଣ ପୂର୍ବକ ସନ୍ନ୍ୟାସୀ ଜୀବନଯାପନ କରିବାକୁ ସ୍ଥିର କରିଥିଲେ । ପରବର୍ତ୍ତୀ ଅବସ୍ଥାରେ ଶ୍ରୀକ୍ଷେତ୍ରରେ ଆସି ଅବସ୍ଥାନ କରିଥିଲେ । ଶ୍ରୀକ୍ଷେତ୍ରରେ ଅବସ୍ଥାନ କାଳରେ ସାଲବେଗ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ବହୁ ଜଣାଣ, ଭଜନ ରଚନା କରିଥିଲେ ଓ ତାହାକୁ ଗାଉଥିଲେ ମଧ୍ୟ । ଶ୍ରୀକ୍ଷେତ୍ରରେ ଅବସ୍ଥାନ କରୁଥିଲେ ମଧ୍ୟ ବୃନ୍ଦାବନ ଯାଇ ବୃନ୍ଦାବନ ବିହାରୀ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବା ପାଇଁ ଇଚ୍ଛା ତାଙ୍କର ବଳବତ୍ତର ହୋଇ ଉଠିଥିଲା । ଶ୍ରୀଜଗନ୍ନାଥଙ୍କ ପ୍ରତି ସାଲବେଗଙ୍କର ଥିଲା ପ୍ରଗାଢ଼ ଭକ୍ତି । ଜାତିରେ ଯବନ ହୋଇଥିବାରୁ ଶ୍ରୀମନ୍ଦିରରେ ପ୍ରବେଶ କରି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ସୁଯୋଗ ନ ଥିବାରୁ ପ୍ରତିବର୍ଷ ରଥଯାତ୍ରାରେ ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆତ୍ମସନ୍ତୋଷ ଲାଭ କରୁଥିଲେ । ଏକଦା ସାଲବେଗ ବୃନ୍ଦାବନ ଯାଇ ସେଠାରେ ପ୍ରାୟ ବର୍ଷେ ଯାଏଁ ରହିବା ପରେ ରଥଯାତ୍ରା ସମୟ ପାଖେଇ ଆସିବାରୁ ବୃନ୍ଦାବନରୁ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କରିଥିଲେ । ବାଟରେ ଅସୁସ୍ଥ ହୋଇ କିଛି ଦିନ ବିତିଗଲା । ରଥଯାତ୍ରା ସମୟ ହେଲା କିନ୍ତୁ ଶ୍ରୀକ୍ଷେତ୍ରଠାରୁ ସେ ଥିଲେ ଅନେକ ଦୂରରେ । ବାହୁଡ଼ା ଯାତ୍ରା ଶେଷ ମଧ୍ୟରେ ଶ୍ରୀକ୍ଷେତ୍ରରେ ପହଞ୍ଚି ପାରିବାର ଆଶା ନ ଥିବାରୁ ମନ ତାଙ୍କର ଆକୁଳିତ ହୋଇଉଠିଲା । ଚିତ୍ତ ତାଙ୍କର ଆନ୍ଦୋଳିତ ହେଲା । କରୁଣ ସ୍ୱରରେ ମନର ଆବେଗ ନେଇ ପଥରେ ଗାଇଲେ-

'ଜଗବନ୍ଧୁ ହେ ଗୋସାଇଁ
ତୁମ୍ଭ ଶ୍ରୀଚରଣ ବିନୁ ଅନ୍ୟ ଗତି ନାହିଁ ।'

ସେହି ବର୍ଷ ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିରକୁ ଫେରିବା ପଥରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ବଡ଼ଦାଣ୍ଡରେ ବଳଗଣ୍ଡି ନିକଟରେ ଅନିର୍ଦ୍ଦିଷ୍ଟ କାଳ ଲାଗି ଅଟକି ରହିଥିଲା । ଭକ୍ତ ସାଲବେଗ ଶ୍ରୀକ୍ଷେତ୍ରରେ ପହଞ୍ଚି ସେହିଠାରେ ନନ୍ଦିଘୋଷରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ନନ୍ଦିଘୋଷ ଚକ ଗଡ଼ି ଚାଲିଥିଲା ଶ୍ରୀମନ୍ଦିର ଅଭିମୁଖେ । ସାଲବେଗ ନିଜକୁ ଧନ୍ୟ ମଣିବା ସଙ୍ଗେ ସଙ୍ଗେ ସେହିଦିନଠାରୁ ବଡ଼ଦାଣ୍ଡର ସେହିଠାରେ (ଯେଉଁଠାରେ ନନ୍ଦିଘୋଷରେ ଶ୍ରୀଜଗନ୍ନାଥ ଦର୍ଶନ ଦେଇଥିଲେ) ନିଜର ଅବଶିଷ୍ଟ ଜୀବନ ଅତିବାହିତ କରିଥିଲେ । ତାଙ୍କର ପରଲୋକ ଗମନ ପରେ ସେହିଠାରେ ତତ୍କାଳୀନ ରାଜାଙ୍କ ନିର୍ଦ୍ଦେଶରେ ତାଙ୍କୁ ସମାଧି ଦିଆଯାଇଥିଲା । ସେହିଠାରେ ସାଲବେଗଙ୍କ ସମାଧି ପୀଠ ଅବସ୍ଥିତ ।

# ମନ୍ଦିରରୁ ଫେରିବା ସମୟରେ ସାଙ୍ଗରେ ଆଣନ୍ତୁ ଫୁଲ, ପାଦୁକ



ଅନେକ ସମୟରେ ମନ୍ଦିର ଯିବା ସମୟରେ ହେଉ ଅବା ଫେରିବା ସମୟରେ ଜାଣତ ଏବଂ ଅଜାଣତରେ ଆମ ଦ୍ୱାରା ଭୁଲ ହୋଇଯାଇଥାଏ । ଯାହା ଶୁଭ ଫଳ ବଦଳରେ ଅଶୁଭ ଫଳ ମିଳିଥାଏ । ଧାର୍ମିକ ଶାସ୍ତ୍ରରେ ଏଭଳି କିଛି କାର୍ଯ୍ୟ ରହିଛି ଯାହା ମନ୍ଦିରରୁ ଫେରିବା ସମୟରେ କରିବା ଉଚିତ ନୁହେଁ । ଫଳରେ ନକାରାତ୍ମକ ପ୍ରଭାବ ପଡିବାର ଆଶଙ୍କା ଥାଏ । ତେବେ ଆସନ୍ତୁ ସମସ୍ତ ବିଷୟରେ ଜାଣିବା । ମନ୍ଦିରକୁ ଫେରିବା ସମୟରେ କିଛି କଥା ପ୍ରତି ଧ୍ୟାନ ଦେବା ଆବଶ୍ୟକ । ମନ୍ଦିର ଯିବା ସମୟରେ ଘଣ୍ଟି ବଜାଇବା ଶୁଭ ବୋଲି ହିନ୍ଦୁ ଧର୍ମରେ ବିଶ୍ୱାସ କରାଯାଇଥାଏ । କିନ୍ତୁ ଫେରିବା ସମୟରେ ଘଣ୍ଟି ବଜାଇବା ଉଚିତ ନୁହେଁ । ମନ୍ଦିରରୁ ଖାଲି ହାତରେ ମଧ୍ୟ ଫେରିବା ଉଚିତ ନୁହେଁ । ଏହା ବ୍ୟତୀତ ମନ୍ଦିରରୁ ଆସିବା ପରେ ସାଙ୍ଗେ ସାଙ୍ଗେ ଖାଇବା ମଧ୍ୟ ଉଚିତ ନୁହେଁ । ତେବେ ଏହା ପଛର କାରଣ କ'ଣ ସେ ସମ୍ପର୍କରେ ମଧ୍ୟ ଆସନ୍ତୁ ଜାଣିବା । ଧାର୍ମିକ ବିଶ୍ୱାସ ଅନୁସାରେ, ମନ୍ଦିରରୁ ଫେରିବା ସମୟରେ ଘଣ୍ଟି ବଜାଇବା ଉଚିତ ନୁହେଁ । କାରଣ ଏହା ମନ୍ଦିର ଯିବା ଦ୍ୱାରା ସୃଷ୍ଟି ହୋଇଥିବା ସକାରାତ୍ମକ ଭାବନା ବା ଶକ୍ତିକୁ ନଷ୍ଟ କରି ଦେଇଥାଏ । ଯେତେବେଳେ ଆମେ ମନ୍ଦିର ଭିତରକୁ ପ୍ରବେଶ କରିଥାଉ ନକାରାତ୍ମକ ଶକ୍ତି ଦୂର ହୋଇ ସକାରାତ୍ମକ ଶକ୍ତି ବିସ୍ତାର ହୁଏ । ତେଣୁ ଫେରିବା ସମୟରେ ମନ୍ଦିରର ଘଣ୍ଟି ବଜାଇବା ଅନୁଚିତ ବୋଲି ମାନାଯାଇଥାଏ । ଶିବ ମନ୍ଦିରରୁ ଫେରିବା ସମୟରେ ବାରମ୍ବାର ପଛକୁ ଚାହିଁବା ଉଚିତ ନୁହେଁ । ଏହା ମଧ୍ୟ ହିନ୍ଦୁ ଧର୍ମରେ ବିଶ୍ୱାସ ରହିଛି ଯେ, ମନ୍ଦିରରୁ ଫେରିବା ସମୟରେ ଭଗବାନ ଶିବଙ୍କ ଧ୍ୟାନ ଭକ୍ତଠାରୁ ତାଙ୍କ ଦୁନିଆକୁ ଚାଲିଯାଏ । ଯାହା ଦ୍ୱାରା ତାଙ୍କଠାରୁ ମିଳିଥିବା କୃପାକୁ ବାଧା ଦେଇପାରେ । ଏହା ସହିତ, ଅର୍ଜିତ ପୁଣ୍ୟ ମଧ୍ୟ କମିଯାଇଥାଏ । ତେଣୁ ମନ୍ଦିରରୁ ଘରକୁ ଯିବା ସମୟରେ ବାରମ୍ବାର ପଛକୁ ଚାହିଁବାକୁ ପରିହାର କରନ୍ତୁ । ପ୍ରାୟତଃ ଲୋକମାନେ ଦେବୀ କିମ୍ବା ଦେବତାଙ୍କୁ ପୂଜା କରିବା ପାଇଁ ଫୁଲ, ଫଳ, ମିଠା, ଧୂପ, ଦୀପ ଆଦି ସାଙ୍ଗରେ ନେଇ ଯାଇଥାନ୍ତି । ଭଗବାନଙ୍କୁ ଅର୍ପଣ କରିବା ପରେ ସେମାନେ ଘରକୁ ଖାଲି ହାତରେ ଫେରି ଆସିଥାନ୍ତି । ଯାହାକୁ ଅଶୁଭ ବୋଲି ବିବେଚନା କରାଯାଇଥାଏ । ତେଣୁ ମନ୍ଦିରରୁ ଫେରିବା ସମୟରେ ଭୋଗ କିମ୍ବା ପାଦୁକ କିମ୍ବା ଫୁଲ, ଫଳ ଆଦି ଜିନିଷ ସାଙ୍ଗରେ ଆଣନ୍ତୁ । ଯାହା ଆପଣଙ୍କ ପାଇଁ ଶୁଭମୟ ହେବ ।

# କାହିଁକି ଗୁପ୍ତ ରଖାଯାଏ କିନ୍ନରଙ୍କ ଅନ୍ତିମ ସଂସ୍କାର ?





ସମାଜରେ ମନୁଷ୍ୟର କେବଳ ଦୁଇଟି ଦିଗ ବିଷୟରେ ପ୍ରାୟତଃ ଆଲୋଚନା କରାଯାଏ। ଗୋଟିଏ ପୁରୁଷ, ଅନ୍ୟଟି ନାରୀ। ତଥାପି, ଈଶ୍ୱର ମନୁଷ୍ୟତାର ଏକ ତୃତୀୟ ରୂପ ମଧ୍ୟ ସୃଷ୍ଟି କରିଛନ୍ତି, ଯାହାକୁ ଆମେ କିନ୍ନର ବୋଲି କହୁଛେ। ସମାଜର ଅନେକ ଏମାନଙ୍କ ଠାରୁ ଦୂରତା ବଜାୟ ରଖୁଥିଲେ ମଧ୍ୟ କିନ୍ନରମାନଙ୍କର ଉପସ୍ଥିତି ଅନେକ ଶୁଭ ଅବସରରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ସେମାନଙ୍କ ଆଶୀର୍ବାଦକୁ ଯେତିକି ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ, ସମାନଙ୍କର ଅଭିଶାପକୁ ମଧ୍ୟ ଅନେକ ଲୋକ ଭୟ କରନ୍ତି। ତଥାପି କିନ୍ନର ସମ୍ପ୍ରଦାୟର କିଛି ରହସ୍ୟ ରହିଛି ଯାହା ବିଷୟରେ ଆଜି ମଧ୍ୟ ଅଧିକାଂଶ ଲୋକ ଅଜ୍ଞ। ଏହି ରହସ୍ୟ ମଧ୍ୟରୁ ଗୋଟିଏ ହେଉଛି ସେମାନଙ୍କ ଶବଦାହ ବା ଅନ୍ତିମ ସଂସ୍କାର ପରମ୍ପରା। କିନ୍ନର ସମ୍ପ୍ରଦାୟ ମଧ୍ୟରେ ଶବଦାହକୁ ଗୁପ୍ତ ରଖାଯାଏ। ଦାହ କରାଯିବା ପରିବର୍ତ୍ତେ ମରଶରୀରକୁ କବର ଦିଆଯାଏ। ଏହା ବ୍ୟତୀତ, କିନ୍ନରମାନଙ୍କ ଅନ୍ତିମ ସଂସ୍କାର ସହିତ ଜଡ଼ିତ ରୀତିନୀତି ମଧ୍ୟରାତ୍ରିରେ କରାଯାଏ।

**ଶବଦାହ ଯାତ୍ରାକୁ ଗୁପ୍ତ ରଖିବା ପଛରେ ଥିବା ବିଶ୍ୱାସ:** କିନ୍ନରଙ୍କ ଅନ୍ତିମ ଯାତ୍ରା ସବୁବେଳେ ଅନନ୍ୟ। କୁହାଯାଏ ଯେ କିନ୍ନରଙ୍କ ଶବକୁ ଚାରି କାନ୍ଧରେ ନୁହେଁ ବରଂ ଠିଆ କରି ବୋହି ନିଆଯାଏ। କିନ୍ନରମାନଙ୍କ ଶବଯାତ୍ରା ଏବଂ ଶେଷ ସଂସ୍କାରକୁ ନେଇ ଗୁପ୍ତ ରଖିବାରେ ଏକ ଆଶ୍ଚର୍ଯ୍ୟଜନକ ବିଶ୍ୱାସ ରହିଛି। କୁହାଯାଏ ଯେ ଯଦି କେହି କିନ୍ନରଙ୍କ ଶବଯାତ୍ରା କିମ୍ବା ଶବ ଦେଖନ୍ତି, ତେବେ ସେମାନଙ୍କର ପରବର୍ତ୍ତୀ ଜୀବନ କିନ୍ନର ହୋଇପାରେ। କିନ୍ନରମାନେ ସେମାନଙ୍କ ମୃତ୍ୟୁରେ ଶୋକ ନୁହେଁ ବରଂ ଏହାକୁ ଉତ୍ସବ ଭାବେ ପାଳନ କରନ୍ତି। କିନ୍ନରମାନେ ବିଶ୍ୱାସ କରନ୍ତି ଯେ ମୃତ ବ୍ୟକ୍ତିଙ୍କ ଆତ୍ମା ଜୀବନର ଦୁଃଖରୁ ମୁକ୍ତି ପାଇଛି। ଏହି ସମୟରେ, କିନ୍ନରମାନେ ସେମାନଙ୍କର ଦେବତା ଇରାବନଙ୍କୁ ପୂଜା କରନ୍ତି ଏବଂ ପ୍ରାର୍ଥନା କରନ୍ତି ଯେ ମୃତ ଆତ୍ମା ପୁନର୍ବାର କିନ୍ନର ଭାବରେ ଜନ୍ମ ନ ନିଅନ୍ତୁ। ଶବଦାହ ପରେ, କିନ୍ନରମାନେ ଏକ ସପ୍ତାହ ବ୍ୟାପୀ ଉପବାସ ମଧ୍ୟ ପାଳନ କରନ୍ତି ଏବଂ ମୃତ ବ୍ୟକ୍ତିଙ୍କ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରନ୍ତି।

କିନ୍ନର ସମ୍ପ୍ରଦାୟ ମଧ୍ୟରେ ଶବଦାହକୁ ଗୁପ୍ତ ରଖାଯାଏ। ଦାହ କରାଯିବା ପରିବର୍ତ୍ତେ ମରଶରୀରକୁ କବର ଦିଆଯାଏ। ଏହା ବ୍ୟତୀତ, କିନ୍ନରମାନଙ୍କ ଅନ୍ତିମ ସଂସ୍କାର ସହିତ ଜଡ଼ିତ ରୀତିନୀତି ମଧ୍ୟରାତ୍ରିରେ କରାଯାଏ।

### ଶବକୁ ପୋତିବାର ପରମ୍ପରା:

ହିନ୍ଦୁ ଧର୍ମରେ ଶବଦାହ କରାଯାଏ, କିନ୍ତୁ କିନ୍ନରଙ୍କ ଶରୀରକୁ କବର ଦିଆଯାଏ ଅର୍ଥାତ୍ ମାଟିତଳେ ପୋତି ଦିଆଯାଏ। ଶବଦାହ ପୂର୍ବରୁ, କିନ୍ନରମାନେ ଶରୀରକୁ ଧଳା କପଡାରେ ଗୁଡ଼ାଇ ଦିଅନ୍ତି। ସେମାନେ ବିଶେଷ ଭାବେ ଧ୍ୟାନ ଦିଅନ୍ତି ଯେ, ଶରୀର ଯେକୌଣସି ବନ୍ଧନରୁ ମୁକ୍ତ ରହୁ, ଯାହା ଦ୍ୱାରା ଆତ୍ମା ମୁକ୍ତି ପାଇପାରିବ। ଗରୁଡ଼ ପୁରାଣ ଅନୁସାରେ, କିନ୍ନରମାନଙ୍କୁ ଯକ୍ଷ ଏବଂ ଗନ୍ଧର୍ବଙ୍କ ସହ ସମାନ ସ୍ଥାନ ଦିଆଯାଇଛି।

# ମହାଦେବଙ୍କୁ କ୍ଷୀର ଢାଳିବାକୁ ଲାଗେ ଭକ୍ତଙ୍କ ଲମ୍ବା ଲାଇନ୍

ଭାରତରେ କାହିଁ କେଉଁ କାଳରୁ ରହିଛି ମନ୍ଦିରର ଇତିହାସ । ଏଭଳି ଅନେକ ପ୍ରାଚୀନ ମନ୍ଦିର ରହିଛି, ଯାହାର ରହସ୍ୟ ସାଧାରଣ ଲୋକଙ୍କୁ ତ ଆଶ୍ଚର୍ଯ୍ୟ କରେ, ବୈଜ୍ଞାନିକମାନେ ବି ହୋଇଥାନ୍ତି ଅବାକ୍ । ଠିକ୍ ସେହିଭଳି ଏକ ରହସ୍ୟମୟୀ ମନ୍ଦିର ରହିଛି କେରଳରେ । ଯାହା କେତୁ ଦେବତାଙ୍କୁ ସମର୍ପିତ । ତେଣୁ ଏହି ମନ୍ଦିର କେତୁ ସ୍ଥଳ ଭାବେ ମଧ୍ୟ ଜଣାଶୁଣା । ଏହି ମନ୍ଦିରର ବିଶେଷତା ହେଉଛି, ଏଠାରେ ଭକ୍ତ ଭଗବାନଙ୍କ ଉପରେ ଯେଉଁ କ୍ଷୀର ଚଢ଼ାନ୍ତି ତାହା ରଙ୍ଗ ପରିବର୍ତ୍ତନ କରିଥାଏ । କେରଳର କାବେରୀ ନଦୀ କୂଳରେ ରହିଛି ଏହି ମନ୍ଦିର । ଭଗବାନ ଶିବ ଏହି ମନ୍ଦିରର ଆରାଧ୍ୟ ଦେବତା । ମହାଦେବଙ୍କ ବ୍ୟତୀତ ଏଠାରେ ରାହୁ ଓ କେତୁ ଭଗବାନଙ୍କ ପ୍ରତିମା ମଧ୍ୟ ସ୍ଥାପନା କରାଯାଇଛି । କେରଳର କିଜାପେରୁମ୍ପଲ୍ଲମ୍ ଗାଁରେ ରହିଛି ନାଗନାଥସ୍ୱାମୀ ମନ୍ଦିର । କାବେରୀ ନଦୀ କୂଳରେ ନିର୍ମିତ ମନ୍ଦିରରେ କେତୁ ଗ୍ରହ ପୂଜା ପାଉଛନ୍ତି ଶିବ । ମହାଦେବାଙ୍କୁ ଏଠାରେ ନାଗନାଥ କୁହାଯାଏ । ଲୋକମାନେ ବହୁ ଦୂରଦୂରାନ୍ତରୁ ଆସି ଏହି ମନ୍ଦିରରେ ରାହୁ-କେତୁ ଉପରେ କ୍ଷୀର ଅର୍ପଣ କରନ୍ତି । ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଯେ, ଯେଉଁମାନେ କେତୁ ଗ୍ରହର ତ୍ରୁଟିରେ ପୀଡ଼ିତ ସେମାନଙ୍କ କ୍ଷୀରର ରଙ୍ଗ ବଦଳିଯାଏ ବୋଲି କୁହାଯାଏ । କ୍ଷୀରର ରଙ୍ଗ ଧଳାରୁ ନୀଳ ପଡ଼ିଯାଏ । ତେବେ ଏଠାରେ କ୍ଷୀର ଢାଳିଲେ ରାହୁ ଓ କେତୁ ଶାନ୍ତି ହୋଇଥାନ୍ତି ବୋଲି ସ୍ଥାନୀୟ ଲୋକେ ବିଶ୍ୱାସ କରନ୍ତି । କିଭଳି କ୍ଷୀରର ରଙ୍ଗ ନୀଳ ହୁଏ ତାହା ଆଜି ବି ରହସ୍ୟ ଘେରରେ । ବହୁ ପ୍ରାଚୀନ ପୁରାତନ ଏହି ମନ୍ଦିର । ମନ୍ଦିରର ନିର୍ମାଣ ଶୈଳୀ ମଧ୍ୟ ବେଶ୍ ଆକର୍ଷଣୀୟ । ପୌରାଣିକ କଥା ଅନୁଯାୟୀ, ରାହୁ ଅନେକ ବଳଶାଳୀ ରାକ୍ଷସ । ରାହୁକୁ କୁଟନୀତି, ରାଜନୀତି, ଭ୍ରମ, ସତ୍ତା ପଦର ଗ୍ରହ ମଧ୍ୟ କୁହାଯାଏ । ସେହିଭଳି କେତୁଙ୍କୁ ମୋକ୍ଷକାରକ ଓ ରହସ୍ୟମୟୀ ଗୁପ୍ତ ବିଦ୍ୟା ପ୍ରଦାୟ ଗ୍ରହ କୁହାଯାଏ । କୁଣ୍ଡଳୀରେ ରାହୁ କେତୁଙ୍କ ପାଇଁ କାଳସର୍ପ ଦୋଷ ମଧ୍ୟ ଲାଗିଥାଏ । ପୌରାଣିକ ମାନ୍ୟତା ଅନୁସାରେ, ଋଷିଙ୍କ ଅଭିଶାପରୁ ମୁକ୍ତି ପାଇବା ଲାଗି କେତୁ ଦେବତା ଏହି ମନ୍ଦିରରେ ଭଗବାନ ଶିବଙ୍କୁ ପ୍ରସନ୍ନ କରିବା ଲାଗି ଆରାଧନା ଆରମ୍ଭ କରିଥିଲେ । ତାଙ୍କ ଆରାଧନାରେ ପ୍ରସନ୍ନ ହୋଇ ଶିବରାତ୍ରିରେ ଭଗବାନ ଶିବ କେତୁଙ୍କୁ ଦର୍ଶନ ଦେଇଥିଲେ । ଏଥିସହ କେତୁଙ୍କୁ ଅଭିଶାପରୁ ମୁକ୍ତ କରିଥିଲେ । କେତୁଙ୍କୁ ସର୍ପଙ୍କ ଦେବତା ମଧ୍ୟ କୁହାଯାଏ । କାରଣ କେତୁ ଦେବତାଙ୍କ ମୁଣ୍ଡ ମନୁଷ୍ୟର ହୋଇଥିବା ବେଳେ ବାକି ଶରୀର ସର୍ପର ।




## ଭିଡ଼ହିଂସା ମାମଲା: ଏସ୍‌ପିଙ୍କ ତଦନ୍ତ ଜୋର୍‌ଦାର

ରାୟଗଡା,(ନିପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଇନ୍ତାଲିଗୁଡା ନିକଟରେ ଛକ ଠାରେ ଘଟିଥିବା ଚର୍ଚ୍ଚିତ ଭିଡ ହିଂସା ଘଟଣାର ତଦନ୍ତ ଜୋରଦାର କରି ଅଧିକ ଅନୁସନ୍ଧାନ କରୁଛି ପୋଲିସ ପ୍ରଶାସନ। ରାୟଗଡା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ ଘଟଣା ସ୍ଥଳ ପରିଦର୍ଶନ କରି ସ୍ଥିତି ପରୀକ୍ଷା ଓ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରିଛନ୍ତି। ଏସପି ରାଜପ୍ରସାଦ ଘଟଣାସ୍ଥଳ ଅନୁଧ୍ୟାନ କରିଥିବା ବେଳେ ଘଟଣା କ୍ରମ ସଂକ୍ରାନ୍ତରେ ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି। ଘଟଣା ସମୟରେ ଉପସ୍ଥିତ ଥିବା ପୋଲିସ ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରି ସେ ଦିନର ପରିସ୍ଥିତି ଏବଂ ଗ୍ରହଣ କରାଯାଇରଥିବା ପଦକ୍ଷେପ ଏବଂ ପରବର୍ତ୍ତୀ ଘଟଣାକ୍ରମ ଉପରେ ଟିକିନିଖି ସୂଚନା ନେଇଥିଲେ।

ତଦନ୍ତ ସହ ପୀଡ଼ିତାଙ୍କୁ ନ୍ୟାୟ ଦାବୀ କରି ଜୟପୁର ର ଆଇନଜୀବୀ ତଥା ମାନବାଧିକାର କର୍ମୀ ଅନୁପ କୁମାର ପାତ୍ର ଏନଏଚଆରସିରେ ଅଭିଯୋଗ ଦାଖଲ କରିଛନ୍ତି। କମିଶନ ଏହି ଅଭିଯୋଗକୁ ଗ୍ରହଣ କରି ଡାଇରୀ ନମ୍ବର ୧୪୨୬୫/ଆଇ. ଏନ /୨୦୨୬ ପ୍ରଦାନ କରିଛନ୍ତି। ଆଇନଜୀବୀ ଅନୁପ କୁମାର ପାତ୍ର ଏନଏଚଆର ସିଙ୍କ ନିକଟରେ ଘଟଣାର ଏକ ନିରପେକ୍ଷ ଓ ସ୍ୱତନ୍ତ୍ର, ଓଡିଶା ଡିଜିପି ଓ ରାୟଗଡା ଏସପି ଙ୍କ ଠାରୁ ତୁରନ୍ତ ଆକ୍ସନ ଟେକେନ ରିପୋର୍ଟ ତଲବ, ପୀଡିତାଙ୍କୁ ଉପଯୁକ୍ତ ଚିକିତ୍ସା, କ୍ଷତିପୂରଣ ଏବଂ ମାନସିକ ପରାମର୍ଶ ପ୍ରଦାନ ସହ ଗୁଜବ ପ୍ରଚାରକାରୀ ଓ ଭିଡ଼ ହିଂସାକାଣ୍ଡରେ ସମ୍ପୃକ୍ତ ଥିବା ସମସ୍ତ। ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ

ବାଲିପାଟଣା,(ନିପ୍ର): ବାଲିପାଟଣା ବ୍ଲକ ଅନ୍ତର୍ଗତ ରାଜସ, ଗୁଆପୁର କୁରୁଂଜିପୁର ଓ ନରିସ ପଞ୍ଚାୟତରେ




ଥିବା ୪ ଟି ବାତ୍ୟା ଆଶ୍ରୟ ସ୍ଥଳରେ ବିପର୍ଯ୍ୟୟ ଆସିବାର ପୂର୍ବ ଏବଂ ପରବର୍ତ୍ତୀ ସମୟରେ କିପରି ସତର୍କତା ଅବଲମ୍ବନ କ୍ଷୟକ୍ଷତି ରୋକିବା ସହିତ ବିପର୍ଯ୍ୟୟ ସମୟରେ ଧନଜୀବନହାନୀରୁ ରକ୍ଷା ପରବର୍ତ୍ତୀ ସମୟରେ ଏହାର ସଠିକ ପରିଚାଳନା ଉପରେ ଆବଶ୍ୟକ ଉପାଦେୟ ସୂଚନା ସମ୍ପର୍କରେ ମକଡ୍ରିଲ କରାଯାଇଥିଲା। ସ୍ଥାନୀୟ ନୋଡାଲ ଏନଜିଓଙ୍କ ଦ୍ୱାରା ଆୟୋଜିତ ଏହି ଅଭ୍ୟାସ ଓ ସଚେତନତା କର୍ମଶାଳା କାର୍ଯକ୍ରମରେ ସରକାରୀ ଅଧିକାରୀ ନୋଡାଲ ଏନଜିଓର ସମ୍ପାଦକ ଶିବ ପ୍ରସାଦ ପାଟଯୋଶୀ ସ୍ଥାନୀୟ ଲୋକ ପ୍ରତିନିଧି ପ୍ରଭୃତି ଉପସ୍ଥିତ ଥିଲେ।

## ଯୋଡ଼ା ବ୍ଲକରେ ବିପର୍ଯ୍ୟୟ ପ୍ରଶମନ ପରିଚାଳନା କର୍ମଶାଳା

ଯୋଡ଼ା,(ନିପ୍ର): କେନ୍ଦୁଝର ଜିଲା ବିପର୍ଯ୍ୟୟ ପରିଚାଳନା ତଥା ଆପଦକାଳୀନ ବିଭାଗ ସୌଜନ୍ୟରୁ ବିପର୍ଯ୍ୟୟ ପ୍ରଶମନ ପରିଚାଳନା କର୍ମଶାଳା ଯୋଡ଼ା ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ହ୍ରାସ ପ୍ରକ୍ରିୟାରେ ମହିଳା, ଶିଶୁ, ବୃଦ୍ଧ, ଦିବ୍ୟାଙ୍ଗ ଏବଂ ଅନ୍ୟାନ୍ୟ ଅବହେଳିତ ବର୍ଗଙ୍କ ଆବଶ୍ୟକତା ଓ ଭୂମିକାକୁ ଗୁରୁତ୍ୱ ଦେବା ଲକ୍ଷ୍ୟରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜକୁ ସୁରକ୍ଷିତ ରଖିବା ସହ ଜନ ସାଧାରଣଙ୍କୁ କିପରି ସାହସର ସହିତ ରକ୍ଷା କରିପାରିବା ସେଥିନିମନ୍ତେ ପରାମର୍ଶ ଦେଇଥିଲେ ।

ଆପଦ କାଳୀନ ବିଭାଗ ଜିଲ୍ଲା ପ୍ରକଳ୍ପ ଅଧିକାରୀ ସେକ୍ ଇଜାଜ୍ ଇକବାଲ, ବାସୁଦେବପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଲକ୍ଷ୍ମୀକାନ୍ତ ସିଂହ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସ୍ୱରୂପରାଜ ବିଶୋଇ, ବ୍ଲକ୍ ଫାଇନାନ୍ସ ଅଫିସର ରଶ୍ମି ରଞ୍ଜନ ଦାସ,ମତ୍ସ୍ୟ ବିଭାଗ ଅଧିକାରିଣୀ ଶିକ୍ଷା ବିଶ୍ୱାଳ, କୃଷି ବିଭାଗ ଅଧିକାରିଣୀ ସଂଯୁକ୍ତା ମୁଣ୍ଡା, ମହିଳା ଏବଂ ଶିଶୁ ବିକାଶ ଅଧିକାରିଣୀ ସୁକାନ୍ତୀ ପାତ୍ର, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଯାଜ୍ଞାସେନୀ ବେହେରା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ପାଠ୍ୟ ପୁସ୍ତକରେ ଭୁଲ ତଥ୍ୟ ପ୍ରଦାନ: କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର : ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସରକାରଙ୍କ ୨୦୨୬ ମସିହା ପୁସ୍ତକଗୁଡ଼ିକରେ ୧୬୭୮ ଭୁଲ ତଥ୍ୟ ପ୍ରଦାନ କରାଯାଇଅଛି। ଯେଉଁମାନେ ପୁସ୍ତକ ରଚନା ଦାୟିତ୍ୱରେ ଥିଲେ, ସେମାନେ ପିଲାଙ୍କ ଜୀବନ ମାଟି କରିବା ନିମନ୍ତେ ଖାମଖିଆଲି ଭାବରେ ଏପରି କାର୍ଯ୍ୟ କରିଥିବା ସେବା ପ୍ରତିନିଧିର ମୁଖ୍ୟ ସଂଗଠକ ନୀଳମଣି ମିଶ୍ର ଓ ସେବା ପ୍ରତିନିଧିର କର୍ମକର୍ତ୍ତା ମାନେ ଅଭିଯୋଗ ପୂର୍ବକ ସେମାନଙ୍କୁ ଧିକ୍କାର କରିଛନ୍ତି। ଯେଉଁମାନେ ଏହିପରି ଅବିଚାର କରିଛନ୍ତି ତାଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଓ ଯଥା ଶୀଘ୍ର ଶିକ୍ଷା ପଦ୍ଧତିର ସଂଶୋଧନ କରାଯାଉ । ସେବା ପ୍ରତିନିଧିର କର୍ମକର୍ତ୍ତାମାନେ ଭୀମେଶ୍ୱର ମନ୍ଦିର ନିକଟରେ ଏକତ୍ର ହୋଇ ଏପରି ମର୍ମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆୟୋଜିତ ପ୍ରତିବାଦ ସଭାରେ ଦାମୋଦର ସାମନ୍ତରାୟ, ରଙ୍କନିଧି ପଟ୍ଟନାୟକ, ବଂଶୀଧର ପଣ୍ଡା, ଅଶୋକ କୁମାର ମହାରଣା, ଗିରିଜା ଶଙ୍କର ମହାପାତ୍ର, ପ୍ରଦୀପ କୁମାର ରାୟ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ବାଳକୃଷ୍ଣ ପ୍ରଧାନ, ଶକୁନ୍ତଳା ତ୍ରିପାଠୀ, ସମୀର ରଥ, ସୂର୍ଯ୍ୟ ନାରାୟଣ ସାମଲ, ସୁବାସ ଚନ୍ଦ୍ର ପାଢ଼ୀ, ଉଲ୍ଲାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଭାଗ ନେଇଥିଲେ।

### ପୁରୀରେ ଦ୍ୱିତୀୟ ସମନ୍ୱୟ ବୈଠକ

# ଚଳିତ ବର୍ଷ ରଥଯାତ୍ରା ପାଇଁ ୩୭୦ ସ୍ୱତନ୍ତ୍ର ଟ୍ରେନ୍

ପୁରୀ,(ନିପ୍ର): ଚଳିତ ବର୍ଷର ବିଶ୍ୱପ୍ରସିଦ୍ଧ ରଥଯାତ୍ରାରକୁ ଅଘଟଣ ଓ ଦୁର୍ଘଟଣାବିହୀନ କରିବା ପାଇଁ ସବୁ ପ୍ରକାର ପ୍ରଚେଷ୍ଟା କରାଯାଉଛି । ଗତ ବର୍ଷ ହୋଇଥିବା ତ୍ରୁଟି ବିଚ୍ୟୁତି ଓ ଭୁଲରୁ ଅନେକ କିଛି ଶିଖି ଜାନୁୟାରୀ ମାସରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଚଳିତ ବର୍ଷ ରଥଯାତ୍ରାରେ ୨୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବ । ଚଳାଚଳ କରିବ ୩୭୦ ଟି ସ୍ୱତନ୍ତ୍ର ଟ୍ରେନ୍ ।ସହରର ବିଭିନ୍ନ ସ୍ଥାନରେ ଲାଗିବ ୬୫ ଟି ଡିସପ୍ଲେ।ମଙ୍ଗଳପୁର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ସମନ୍ୱୟ ବୈଠକରେ ଏଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।




ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଦ୍ୱିତୀୟ ସମନ୍ୱୟ ବୈଠକ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ପୁରୀ ଟାଉନ ହଲରେ ଅନୁଷ୍ଠିତ ହୋଇଛି ।ବୈଠକରେ ରଥ ନିର୍ମାଣ ,ସ୍ୱାସ୍ଥ୍ୟ ଓ ପରିମଳ ,ବିଦ୍ୟୁତ୍ ଯୋଗାଣ ,ପାନୀୟ ଜଳ ଯୋଗାଣ ସୁରକ୍ଷା ,ପରିବହନ ବ୍ୟବସ୍ଥା,ରାସ୍ତାଘାଟ ନିର୍ମାଣ ,ସ୍ୱେରେଜ୍ ଓ ଡ୍ରେନେଜ ବ୍ୟବସ୍ଥା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା ।ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ବୈଠକରେ ସୂଚନା ଦେଇ କହିଥିଲେ ଏବର୍ଷ ଅଧିକ ଚାରମାଳ ସେଟ୍ ପାଇଁ ତାଳ ଗଛ କାଠ ପହଞ୍ଚିସାରିଛି ।ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ।ରଥ ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରଥ ନିର୍ମାଣ କମିଟି ଗଠନ କରାଯାଇଛି ।ରଥ ଟଣା ଓ ପହଣ୍ଡିକୁ ଅଧିକ ଗୁରୁତ୍ୱ ଦିଆଯାଇଛି ।ସେହିପରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଳିତ ବର୍ଷ ଅନେକ ପଦକ୍ଷେପ ନିଆଯାଇଛି ।ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ୨୦୦ଟି ଅତିରିକ୍ତ ଶଯ୍ୟା ବ୍ୟବସ୍ଥା ହେବ। ସହରର ବିଭିନ୍ନ ସ୍ଥାନରେ ହେବ ୩୦ ଟି ଆଶୁ ଆରୋଗ୍ୟ କେନ୍ଦ୍ର ହେବ ।ଗହଳି ଓ ସମ୍ବେଦନଶୀଳ ସ୍ଥାନରେ ରାପିଡ ରେସ୍ପନ୍ସ ଟିମ୍ କାମ କରିବ ।୨୩୦ ଡାକ୍ତରଙ୍କ ସହ ସ୍ପେଶିଆଲିଷ୍ଟ ଡାକ୍ତର ଆସିବେ ।ପୁରୀରେ ସ୍ଥାୟୀ ବର୍ଣ୍ଣ ଓ କ୍ୟାଥୋଲାବ ହେବ ବୋଲି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ।ପୁରୀ ମହାନଗର ନିଗମ ପକ୍ଷରୁ ସହରର ସମସ୍ତ ନାଳ ଦୁଇ ଥର ସଫା କରାଯାଇଛି ।ରେଡକ୍ରସ ରୋଡ ମୁଖ୍ୟ ଡ୍ରେନ ଓ ଗଙ୍ଗା ଯମୁନା ଡ୍ରେନ ସଫେଇ କରାଯାଇଛି ।ବର୍ଷା ଜଳ ନିଷ୍କାସନ ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ ପାୱାର ପମ୍ପ ରଖାଯିବ ।ଦେବସ୍ନାନପୂର୍ଣ୍ଣମୀରେ ୩୦୦ ଅସ୍ଥାୟୀ ଶୌଚାଳୟକୁ ମିଶାଇ ସହରରେ ମୋଟ ୧୬୦୦ ଟି ଅସ୍ଥାୟୀ ଶୌଚାଳୟ ହେବ।୨୩ ଟି ସ୍ଥାନରେ ହେବ ଅସ୍ଥାୟୀ ପାର୍କିଂ ।ରଥଯାତ୍ରାରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇଛି। ରଥଯାତ୍ରା ସୁପରିଚାଳନା ଦାୟିତ୍ୱରେ ଥିବା ଅତିରିକ୍ତ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇ କହିଥିଲେ ସମଗ୍ର ସହର ସିସିଟିଭି ନଜରରେ ରହିବ ।୧୭୦ ସିସିଟିଭି କ୍ୟାମେରା ଲଗାଯାଇ କାର୍ଯ୍ୟକ୍ଷମ ହୋଇଛି ।ମୋଟ ୪୭୫ ଟି ସିସିଟିଭି କ୍ୟାମେରା ଲାଗିବ ।ଜନଗହଳି ନିୟନ୍ତ୍ରଣ ପାଇଁ ୨୮ ଟି ଜରୁରୀକାଳିନ ପ୍ରସ୍ଥାନ ପଏଣ୍ଟ୍ ରହିବ ।ଆମ୍ବୁଲାନ୍ସ ଗ୍ରୀନ କରିଡ଼ର କରାଯିବ ।

ସହରର ସୁରକ୍ଷା ପାଇଁ ଏନଏସଜି ସହ ସ୍ୱତନ୍ତ୍ର ଟାକ୍ଟୀକାଲ ୟୁନିଟ ମୁତୟନ ରହିବ ।ଯାତ୍ରୀଙ୍କ ସହାୟତା ପାଇଁ ସହାୟତା ଆପ କାର୍ଯ୍ୟକାରୀ ହେବ ।ସବୁ ବିଭାଗ ମଧ୍ୟରେ ସମନ୍ୱୟ ରଖାଯାଇ ଜନଗହଳି ନିୟନ୍ତ୍ରଣ ,ଟ୍ରାଫିକ ସୁପରିଚାଳନା, ଆଇନ ଶୃଙ୍ଖଳା ପରିସ୍ଥିତି , ଅପରାଧ ନିୟନ୍ତ୍ରଣ ,ରଥ ଟଣା , ଦର୍ଶନ ପାଇଁ ଆଇପିଏସ ଅଧିକାରୀ ଦାୟିତ୍ୱରେ ରହିବେ।୧୫ ଲକ୍ଷ ଯାତ୍ରୀଙ୍କ ସମାଗମ ସମ୍ଭାବନା ରଖି ୧୩୦ ସ୍ୱତନ୍ତ୍ର ବସ ଚଳାଚଳ କରିବ ।ସେହିପରି ରେଳ ବିଭାଗ ପକ୍ଷରୁ ୩୭୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ।ରେଗୁଲାର ଓ ସ୍ୱତନ୍ତ୍ର ଟ୍ରେନ୍ କୁ ମିଶାଇ ମୋଟ ୧୨୦୦ ଟ୍ରେନ୍ ଚଳାଚଳ କରିବ।୨୫୦୦୦ ଯାତ୍ରୀଙ୍କ ପାଇଁ ରେଳଷ୍ଟେସନ ପାଖରେ ହୋଲ୍ଡିଂ ଏରିଆ କରାଯାଉଛି ।

## ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ 'ସାହିତ୍ୟାୟନ-୨୦୨୬'

ବେଙ୍ଗାଲୁରୁ: ଓଡ଼ିଶା ବାହାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର କରିଆସୁଥିବା ବାଙ୍ଗାଲୋରର ଅଗ୍ରଣୀ ସାହିତ୍ୟିକ ଅନୁଷ୍ଠାନ ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ପକ୍ଷରୁ ବାର୍ଷିକ ଉତ୍ସବ 'ସାହିତ୍ୟାୟନ-୨୦୨୬' ଭବ୍ୟ ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବାଙ୍ଗାଲୋର, ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ବହୁ




ବିଶିଷ୍ଟ କବି, ଲେଖକ, ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଯୋଗଦେଇ ଏହାକୁ ସ୍ମରଣୀୟ କରିଥିଲେ।

ସମାଜର ଅଧ୍ୟକ୍ଷ ତଥା ଇସ୍ରୋ ବୈଜ୍ଞାନିକ ଶରତ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଲେଖିକା ଶ୍ରୀମତୀ ବନଜ ଦେବୀ ଓ କର୍ଣ୍ଣାଟକର ପ୍ରାକ୍ତନ ମୁଖ୍ୟ ସଚିବ ତଥା ବିଶିଷ୍ଟ ଓଡ଼ିଆ ବ୍ୟକ୍ତିତ୍ୱ ସୁବାସ ଚନ୍ଦ୍ର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବନଜ ଦେବୀ ଓଡ଼ିଆ ଭାଷା ଓ ସାହିତ୍ୟର ବିଶ୍ୱବ୍ୟାପୀ ପ୍ରସାର ପାଇଁ ପ୍ରବାସୀ ଓଡ଼ିଆଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଥିବା ବେଳେ ସୁବାସ ଚନ୍ଦ୍ର ଖୁଣ୍ଟିଆ ସାହିତ୍ୟ ମାଧ୍ୟମରେ ସମାଜକୁ ସଂଯୋଗ କରିବାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ କର୍ଣ୍ଣାଟକର ବିଶିଷ୍ଟ ଲେଖିକା ମମତା ଜି ସାଗର ମୁଖ୍ୟ ଅତିଥି ଏବଂ ସୁରେଶ ସମୁହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟ, ସଂସ୍କୃତି ଓ ସାମାଜିକ ମୂଲ୍ୟବୋଧର ବିକାଶରେ ଏପରି ଅନୁଷ୍ଠାନର ଭୂମିକା ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ସମାଜର ବାର୍ଷିକ ସାହିତ୍ୟ ପତ୍ରିକା 'କଥାଉତ୍କଳ' ଉନ୍ମୋଚିତ ହୋଇଥିଲା। ଏହା ସହିତ ବିଶିଷ୍ଟ ଅନୁବାଦିକା ଡ଼ଃ ଅନୁରୂପା ସିଂଙ୍କ ଅନୁବାଦ ଗ୍ରନ୍ଥ 'ମାଧବ କୌସିକ୍ ଙ୍କ 'ନିର୍ବାଚିତ ଗଳ୍ପ' ଏବଂ ସୁବ୍ରତା ସୁଦର୍ଶନୀ ବେହେରାଙ୍କ ଗଳ୍ପ ସଂକଳନ 'ଝରା ଫୁଲର ବାସ୍ନା' ଲୋକାର୍ପଣ ମଧ୍ୟ କରାଯାଇଥିଲା। ଉପସ୍ଥିତ ସାହିତ୍ୟପ୍ରେମୀମାନେ ଏହି ପ୍ରକାଶନଗୁଡ଼ିକୁ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ବିଚାରପତି ଜଗନ୍ନାଥ ପ୍ରସାଦ ଉଦଗାତା, କାମାକ୍ଷି ପଣ୍ଡା,ବ୍ରଜ କିଶୋର ପ୍ରଧାନଙ୍କ ପରି ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ମଧ୍ୟ ଯୋଗ ଦେଇଥିଲେ।

ପ୍ରାକ୍ତନ ବୈଜ୍ଞାନିକ କାର୍ତ୍ତିକ ସ୍ୱାଇଁଙ୍କ ସହିତ ନିର୍ଦ୍ଦେଶକ ମଣ୍ଡଳିଙ୍କର ମାର୍ଗଦର୍ଶନ ଏବଂ ସଭାପତି ତାପସରାଜ ମହାରଣାଙ୍କ ଆହ୍ୱାନ କ୍ରମେ ଆୟୋଜିତ ସାରସ୍ୱତ ଆସରରେ ପ୍ରେମଚାନ୍ଦ ମହାନ୍ତି, ପ୍ରଦ୍ୟୁମ୍ନ କେଶରୀ, ଲିଙ୍ଗରାଜ ରଥ, ନର୍ମଦା ନିଳୋପ୍ତଳା,ଲକ୍ଷ୍ମୀକାନ୍ତ ତ୍ରିପାଠୀ,ଟେକଚାନ୍ଦ ଦୁଆନ, ପ୍ରତିମା ଶତପଥୀ, ଇଂ. ଅବନ୍ତୀ ମଲ୍ଲିକ, ଡ଼ଃ ବସନ୍ତ ମଞ୍ଜରୀ ଦାଶ, ଅନୁରୂପା ସିଂହ, ମଦନ ମୋହନ ରାଉତ, ବିଶ୍ୱଭାରତୀ ଦାଶ, ପ୍ରଶାନ୍ତ କୁମାର ନାଥ ପ୍ରମୁଖ କବି ଓ ସାହିତ୍ୟିକ ନିଜ ନିଜର ସୃଜନଶୀଳ ରଚନା ପାଠ କରି ଉପସ୍ଥିତ ଶ୍ରୋତାମାନଙ୍କୁ ମୁଗ୍ଧ କରିଥିଲେ।

## ତିନି ଓଏଏସଙ୍କୁ ସମ୍ବର୍ଦ୍ଧନା

ଆସିକା,(ନିପ୍ର): ଆସିକା ମାନବ ସେବା ସମିତି ଓ ଅବସରପ୍ରାପ୍ତ ତଥା ବରିଷ୍ଠ ନାଗରିକ କମିଟି ପକ୍ଷରୁ ଅଞ୍ଚଳର ଚଳିତ ବର୍ଷ ଓଏଏସ ପାଇଥିବା ୦୩ ଜଣଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ସ୍ଥାନୀୟ ବାଣୀବିହାରସ୍ଥିତ ଚିତବିନୋଦନ




କେନ୍ଦ୍ର ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ଗଣେଶ ରଥଙ୍କ ଅଧକ୍ଷତା ରେ ଯୋଗ ଶିକ୍ଷକ ପ୍ରଶ୍ନ କୁମାର ଦାସ,ଅବସର ପ୍ରାପ୍ତ ଶିକ୍ଷକ ପ୍ରଦୀପ ରାଉତ, ପୀତବାସ ମୁନି,ଭବାନୀ ଶଙ୍କର ରଥ,ଆଇନଜୀବୀ ଦିଲ୍ଲୀପ ପାଣିଗ୍ରାହୀ, ସନ୍ତୋଷ ପାଣିଗ୍ରାହୀ, ବିଦେଶୀ ନାହାକ,ମାନସ ଗୌଡ଼ ପୋଷ୍ଟାଲର ଅବସରପ୍ରାପ୍ତ ହେଡ଼ ପୋଷ୍ଟ ମାଷ୍ଟର ଉତ୍ତର ପରିଡା, ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ବର୍ଦ୍ଧନା ସଭାରେ କାଳକ୍ଷଣ୍ଡପୁରର ସ୍ମୃତି ରଞ୍ଜନ ବେହେରା,ଆସିକା ଚିନି ଶିଳ୍ପ ନୂଆଗାଁର ଇତିଶ୍ରୀ ଜେନା ଓ ଆସିକା ପୌର ପରିଷଦର ସ୍ନିଗ୍ଧା ସେନାପତିଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ମାନିତ କରିବା ସହ ସେମାନଙ୍କ ଆଗାମୀ କର୍ମ ମୟ ଜୀବନ ସୁଖମୟ ହେବାକୁ ସୁବାଶିଷ ପ୍ରଦାନ କରିଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବରେ ନଗର ଯୁବ ବିଜେଡି ସଭାପତି ତାରିଣୀ ସେନାପତି ମନୋଜ ମିଶ୍ର, ବଦ୍ରୀନାଥ ପାତ୍ର, ଅରବିନ୍ଦ ପାତ୍ର, ସୁରେଶ ବିଷୋୟୀ,ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ ।

## ମିଳିତ ଜନ ଶୁଣାଣି ଓ ଜନକଲ୍ୟାଣ ଶିବିର

ହିଞ୍ଜିଳିକାଟୁ,(ନି.ପ୍ର): ଜିଲ୍ଲା ପ୍ରଶାସନ, ଗଞ୍ଜାମ ଆନୁକୁଲ୍ୟରେ ସୋମବାର ହିଞ୍ଜିଳିକାଟୁ ବ୍ଲକ ଶିକିରି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସ୍ତରୀୟ ମିଳିତ ଜନ ଶୁଣାଣି ଓ ଜନ କଲ୍ୟାଣ ଶିବିର ଅନୁଷ୍ଠିତ ହୋଇଛି। ହିଞ୍ଜିଳିକାଟୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରୁଣ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ସରପଞ୍ଚ ସୁରେଶ ବରଡ, ବ୍ଲକ ଉପାଧକ୍ଷ,ଅତିରିକ୍ତ ତହସିଲଦାର ସୁରଜ କୁମାର ନାୟକ ବେହେରା, ହିଞ୍ଜିଳି ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀନିବାସ ସେଠୀ ଓ ସହକାରୀ ଯନ୍ତ୍ରୀ ଇଂ ସ୍ୱପ୍ନେଶ୍ୱରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସଂପୃକ୍ତ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାରୀ ଯୋଜନାରୁ ବଞ୍ଚିତ ଓ ସରକାରୀ ସୁବିଧାରୁ ଉପେକ୍ଷିତ ହୋଇଥିବା ହିତାଧିକାରୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ବିଭିନ୍ନ ରକମର ଅଭିଯୋଗ ଦାଖଲ କରିଥିଲେ। ଗ୍ରାମୀଣ ଆବାସ ୮ ,ଜମି ପଟ୍ଟା ୨ , ରାସନ୍ କାର୍ଡ ୩ , ସୁଭଦ୍ରା ୨ , ବାର୍ଦ୍ଧକ୍ୟ ଭତ୍ତା ୨ ଓ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ବ୍ୟକ୍ତିଗତ ପାଇଖାନା ନିର୍ମାଣ ପାଇଁ ୨ ଆଦି ୧୯ ଟି ଅଭିଯୋଗ ଦାଖଲ ହୋଇଥିଲା। ଏହା ବ୍ୟତୀତ ରାଜ୍ୟ ସରକାରଙ୍କ




ଦୁଇ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ବିକାଶ ମୂଳକ ପଦକ୍ଷେପ ଏବଂ ଏହାର ସଫଳତା ଓ ଉପଲବ୍ଧି ବିଷୟରେ ଶିବିରରେ ଉପସ୍ଥିତ ଅଧିବାସୀଙ୍କୁ ଅବଗତ କରା ଯାଇଥିଲା। ଯୋଗ୍ୟ ହିତାଧିକାରୀ ମାନଙ୍କୁ ଜମି ପଟ୍ଟା,ଅନ୍ନପୂର୍ଣ୍ଣା ଯୋଜନାରେ ରାସନ କାର୍ଡ, ନିର୍ମାଣ ଶ୍ରମିକ କାର୍ଡ ଏବଂ ଅନ୍ତୋଦୟ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରା ଯାଇଥିଲା। ଶିବିରରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଜି.ରବି କୁମାର,ସିଡ଼ିପିଓ ବିଜୟାଲକ୍ଷ୍ମୀ ପାଢ଼ୀ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଇଂ ଭଜରାମ ସାହୁ, ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀ ଇଂ ଗିରିଶ ଚନ୍ଦ୍ର ନାୟକ,ଗୋଷ୍ଠୀ ମତ୍ସ୍ୟ ଅଧିକାରୀ ରଶ୍ମୀତା ସାହାଣୀ,ସହକାରୀ ଉଦ୍ୟାନ କୃଷି ଅଧିକାରୀ ମିଥୁନ ସେଠୀ,ସାମାଜିକ ସୁରକ୍ଷା ନିରାପତ୍ତା ଅଧିକାରୀ ବନଶ୍ରୀ ଦାଶ,କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ଅନୀଲ କୁମାର ପ୍ରଧାନ,ବିଏଲଓ ସଂଗ୍ରାମ କେଶରୀ କର,ପଞ୍ଚାୟତ ନିର୍ବାହୀ ଅଧିକାରୀ ଜି. ଯୁଧିଷ୍ଠିର ରେଡ୍ଡି, ଗ୍ରାମ୍ୟ ଜଳ ଓ ପରିମଳ ସହକାରୀ ଯନ୍ତ୍ରୀ ଇଂ ପ୍ରସନ୍ନ କୁମାର ଦଳାଇ, ସହକାରୀ ଯନ୍ତ୍ରୀ ଇଂ ସନ୍ତୋଷ କୁମାର ଦାଶ,ରାଜସ୍ୱ ନିରୀକ୍ଷକ ସୁବ୍ରତ କୁମାର ସାହୁ,ବିଏଫଟି ବୃନ୍ଦାବନ ଗୌଡ, ଯୋଗାଣ ସହାୟକ ସୁକାନ୍ତ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଆଶା, ଅଙ୍ଗନବାଡି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିଭିନ୍ନ ସରକାରୀ ଯୋଜନାର ସୁବିଧା ବଣ୍ଟନ

କୁଚିଣ୍ଡା,(ନିପ୍ର): ଭାରତ ସରକାରଙ୍କ ବାର ବର୍ଷ ଓ ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ କୁଚିଣ୍ଡା ବ୍ଲକ ପକ୍ଷରୁ ୧୮ ତାରିଖରୁ ପର୍ଯ୍ୟାୟ କ୍ରମେ ଚାଲିଥିବା ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ କୁଚିଣ୍ଡା ଟାଉନ ହଲଠାରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସ ମୁଖ୍ୟଅତିଥି,ଏମପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ,ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ସୁଶିଳ କୁମାର କର,ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିସାନ, ତହସିଲଦାର ସରିତା




ଓରାମ, ଅତିରିକ୍ତ ତହସିଲଦାର ଅନିମା ସୋରେଙ୍ଗ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଭାରତ ସରକାରଙ୍କ ବାରବର୍ଷ ଓ ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ କାର୍ଯ୍ୟ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ।ପରେ ଅତିଥିମାନେ ବିଭିନ୍ନ ଯୋଜନାର ସୁବିଧା ସୁଯୋଗ ବଣ୍ଟନ କରିଥିଲେ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ୩୫ ଜଣଙ୍କୁ କାର୍ଯ୍ୟାଦେଶ, ୨ଜଣ ଲକ୍ଷପତି ଦିଦିଙ୍କୁ ଲକ୍ଷେ ଟଙ୍କା ଲେଖାଏଁ ଋଣ ପ୍ରଦାନ, ଗୋଟିଏ ଏସଏଚଜିଙ୍କୁ ୧୫ ଲକ୍ଷ ଓ ଅନ୍ୟ ୪ ଏସଏଚଜିଙ୍କୁ ୧୦ ଲକ୍ଷ ଲେଖାଏଁ ଋଣ,୫ଜଣଙ୍କୁ ମାଛଧରା ବଡ଼ ଜାଲ, ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା,୧୨ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା,ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ୧୦ ଜଣଙ୍କୁ ରାସନ କାର୍ଡ,୫ ଜଣଙ୍କୁ ଆୟୁଷ୍ମାନ କାର୍ଡ, ଲେବର କାର୍ଡ,୩୦ଜଣ ଆଇସିଡିଏସ ସୁପରଭାଇଜରଙ୍କୁ ମୋବାଇଲ ଫୋନ୍ ବଣ୍ଟନ କରାଯାଇଥିଲା। ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ ସଭାପରିଚାଳନା କରିଥିବା ବେଳେ ଶେଷରେ ଏବିଡିଓ ଜଗମୋହନ କିସାନ ଧନ୍ୟବାଦ ଅର୍ପଣ କରିଥିଲେ।

## ରଥକୁ ଚିତ୍ରକଳାରେ ଜୀବନ୍ତ କରନ୍ତି ଚିତ୍ରକର

ପୁରୀ,(ନିପ୍ର): ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ରଥକୁ ଆକର୍ଷଣୀୟ କରିବା ପାଇଁ ମଧ୍ୟରେ ତତ୍ପରତା ଦେଖାଯାଇଛି। ଏବେ ଚିତ୍ରକାର ସେବକ ତିନିରଥର ନାଟ ଗୋଡ଼ର ଖୋଦେଇ, ରଙ୍ଗ କାର୍ଯ୍ୟ ସହ ପାର୍ଶ୍ୱ ଦେବଦେବୀ ମୂର୍ତ୍ତି, ହଂସ ପଟା, କନ୍ୟା ପଟା, ଶିଖର ଡମ୍ବୁର, ଓଲଟ ଶୁଆ ସହ ରଥ ବାହ୍ୟ ଅଂଶ



ଗୁଡ଼ିକରେ ରଙ୍ଗ କାର୍ଯ୍ୟ ଜାରି ରଖୁଛନ୍ତି। ରଥ ନିର୍ମାଣରେ ନିୟୋଜିତ ବିଭିନ୍ନ ସେବକଙ୍କ ଭଳି ରଥକୁ ପାରମ୍ପରିକ ଚିତ୍ରକଳାରେ ଜୀବନ୍ତ କରିବାରେ ଚିତ୍ରକର ସେବକଙ୍କ ପ୍ରମୁଖ ଭୂମିକା ରହିଛି। ମହାପ୍ରଭୁଙ୍କ ସ୍ନାନଯାତ୍ରା ପରେ ଅଣସର ପିଣ୍ଡିରେ ପୂଜା ପାଉଥିବା ପଟି ଦିଅଁଙ୍କୁ ମଧ୍ୟ ଚିତ୍ରକର ପ୍ରସ୍ତୁତ କରିଥାନ୍ତି । ଅକ୍ଷୟ ତୃତୀୟା ଠାରୁ ରଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ଅଣସର ପଟିଦିଅଁ ଶ୍ରୀମନ୍ଦିରକୁ ବିଜେ କରିବା ପରେ ଚିତ୍ରକରଙ୍କ ରଥ କାର୍ଯ୍ୟ ଆରମ୍ଭହୋଇଥାଏ। ଏହି ସମୟରେ ଚିତ୍ରକର ହବିଷ୍ୟାନ୍ନ ସେବନ ପୂର୍ବକ ଶୁଦ୍ଧପୂତ ଭାବେ ରଥରେ ରଙ୍ଗ ଦେବା କାର୍ଯ୍ୟ ସମ୍ପନ୍ନ କରିଥାନ୍ତି। ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟର ପରିସରରେ ତିନିରଥର ବିଭିନ୍ନ ଅଂଶର ରଙ୍ଗ ଦେବା। କାର୍ଯ୍ୟରେ ଏବେ ଚିତ୍ରକର ବ୍ୟସ୍ତ ଅଛନ୍ତି। ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ୧୦, ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ୧୪ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ୧୦ ଜଣ ଚିତ୍ରକର ସେବକ ନିୟୋଜିତ ହୋଇଛନ୍ତି। ସୁଭଦ୍ରାଙ୍କ ଦେବଦଳନ ରଥର ପାର୍ଶ୍ୱ ଦେବଦେବୀ ବିମଳା, ମଙ୍ଗଳା, ବାରାହୀ, ଭଦ୍ରକାଳୀ, ଜୟଦୁର୍ଗା, ଉମା, ବନଦୁର୍ଗା, କାତ୍ୟାୟନୀ, ହରଚଣ୍ଡୀ ଓ ଅଘୋର ବିଗ୍ରହ ଗୁଡ଼ିକୁ ମଧ୍ୟ ରଙ୍ଗରେ ଚିତ୍ରଣ କରାଯାଉଛି । ମୁଖ୍ୟ ଚିତ୍ରକରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୫ ଜଣ ଚିତ୍ରକର ରଙ୍ଗ କରିବା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ରଥର ପାର୍ଶ୍ୱ ଦେବଦେବୀ, ଗଜ ବିରାଳ, ସଖି ପରିଦଣ୍ଡା, କୋଣଗୁଜ, ଚକ୍ର, ଶୁଆ, କଳସ, ଦୁଆର ଘୋଡ଼ା, ଋଷିପଟା, ପାରାଭାଡ଼ି, ନାଟଗୋଡ଼, ଝରା, ସାରଥୀ, ଘୋଡ଼ା, ପରଭା, ଚାରିନାହାକା, ଚଉଦନାହାକା, ଠେକରାବାଡ଼ି, ଦଣ୍ଡା, ସିଂହାସନ ଓ ମୁହାଁଟି ରଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।ତିନି ରଥର ପ୍ରଭାରେ ରୂପ ଖୋଦେଇ ଅଂଶରେ ରଙ୍ଗ ଓ ଚିତ୍ର କାର୍ଯ୍ୟ ଚାଲିଛି। ଏଥିସହ ଚିତ୍ରକର ଚକ, ମୁହାଁଟ, ଘୋଡା ଏବଂ ସାରଥୀରେ ରଙ୍ଗ ଦେବା କାର୍ଯ୍ୟ ଆରମ୍ଭ କରିଛନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପିର ୮୭ ନମ୍ବର ସେବା ଭାବେ ଚିତ୍ରକର ସେବା ରହିଛି।

ଚିତ୍ରକର ରଥ ଚକଠାରୁ ଦ୍ୱାର ବେଢା ପର୍ଯ୍ୟନ୍ତ ସମସ୍ତ ଅଂଶକୁ ଚିତ୍ରିତ କରିଥାନ୍ତି । ତିନି ରଥର ସାରଥୀ ଓ ଘୋଡ଼ା ଗୁଡ଼ିକୁ ଚିତ୍ରକର ରଙ୍ଗ ଦେଇ ବେଶ ଜୀବନ୍ତ କରିଥାନ୍ତି । ଚିତ୍ର ଅଙ୍କନ ପାଇଁ ରଙ୍ଗ ଗୁଡ଼ିକ ପ୍ରାକୃତିକ ଉପାୟରେ ସଂଗ୍ରହ କରି ଶ୍ରୀମନ୍ଦିରରେ ରଖାଯାଇଥାଏ । ଏବେ ତୈଳ ରଙ୍ଗକୁ ରୁପାନ୍ତରିତ କରାଯାଇ ରଙ୍ଗ କାର୍ଯ୍ୟ ଚାଲୁଛି ।

## ଜିନ୍ଦଲ ନଗରରେ ବିଶାଳ ଯୋଗ ଶିବିର

ଅନୁଗୋଳ : ଜିନ୍ଦଲ ଷ୍ଟିଲର ଅନୁଗୋଳ କାରଖାନାରେ ଉତ୍ସାହ ଓ ଉଦ୍ଦୀପନାର ସହିତ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । 'ନୀରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ' ଥିମ୍‌କୁ ଆଧାର କରି ଆୟୋଜିତ ଏହି ବିଶାଳ ଯୋଗ ଅଧିବେଶନରେ କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ବ୍ୟବସାୟିକ ସହଯୋଗୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ସମୁଦାୟର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଯାହା ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି ଜିନ୍ଦଲ ଷ୍ଟିଲର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।



କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସଂଯୁକ୍ତ ଅନୁଗୋଳ ମୁଖ୍ୟ ପି.କେ. ବିଜୁ ନାୟର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆଇରନ୍ ଜୋନ୍) ଦାମୋଦର ମିତ୍ତଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ହୃଦୟେଶ୍ୱର ଝା, ଏଚ୍ଆର୍ ମୁଖ୍ୟ ସୁଭାଷ ଚନ୍ଦ୍ର ଏବଂ ବିଶେଷ ଅତିଥି ଭାବେ ସମ୍ବଲପୁର ଯୋଗ ବିଦ୍ୟାପୀଠର ସୁଶୀଳା ପ୍ରହ୍ଲାଦ ଫରମାନିଆ ଉପସ୍ଥିତ ଥିଲେ। ବିଭାଗୀୟ ମୁଖ୍ୟମାନଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ସମୁଦାୟ ପ୍ରତିନିଧିମାନେ ମଧ୍ୟ ଏହି ଅବସରରେ ଯୋଗଦେଇଥିଲେ। ଯୋଗ ଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ନେତୃତ୍ୱରେ ଏହି ଯୋଗ ଅଧିବେଶନ ପରିଚାଳିତ ହୋଇଥିଲା। ସ୍ୱାମୀଜୀ ଅଂଶଗ୍ରହଣକାରୀମାନଙ୍କୁ ଶାରୀରିକ ସୁସ୍ଥତା, ମାନସିକ ସୁସ୍ଥତା ଏବଂ ଜୀବନର ସାମଗ୍ରିକ ଗୁଣବତ୍ତା ବୃଦ୍ଧି କରିବା ପାଇଁ ଯୋଗ ଆସନ, ଶ୍ୱାସକ୍ରିୟା କୌଶଳ ଏବଂ ଧ୍ୟାନ ଅଭ୍ୟାସ ଦିଗରେ ମାର୍ଗଦର୍ଶନ କରିଥିଲେ।

ଜିନ୍ଦଲ ଷ୍ଟିଲ୍ ଦୀର୍ଘଦିନ ଧରି ନିଜ କର୍ମଚାରୀ କଲ୍ୟାଣ କାର୍ଯ୍ୟକ୍ରମର ଏକ ଅଂଶ ଭାବେ ଯୋଗକୁ ପ୍ରୋତ୍ସାହିତ କରିଆସୁଛି। ସଂସ୍ଥାର ବିଭିନ୍ନ କାର୍ଯ୍ୟସ୍ଥଳରେ ନିୟମିତ ଯୋଗ ଶିବିର ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରି କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ସୁସ୍ଥ ଏବଂ ସନ୍ତୁଳିତ ଜୀବନଶୈଳୀ ଅବଲମ୍ବନ ପାଇଁ ଉତ୍ସାହିତ କରାଯାଉଛି।

ଅଂଶଗ୍ରହଣକାରୀମାନେ ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କୁ ଯୋଗ ଅଭ୍ୟାସର ପ୍ରସାର ଓ ସଂଗଠନ ମଧ୍ୟରେ ନିୟମିତ ଯୋଗ ପ୍ରଶିକ୍ଷଣ ସୁବିଧା ଏବଂ ଉତ୍ସର୍ଗୀକୃତ ଯୋଗ ପ୍ରଶିକ୍ଷକଙ୍କ ବ୍ୟବସ୍ଥା କରାଇଥିବାରୁ କୃତଜ୍ଞତା ଜଣାଇଥିଲେ। ଏହି ପଦକ୍ଷେପ କିପରି ସେମାନଙ୍କ ଏବଂ ସେମାନଙ୍କ ପରିବାରର ଜୀବନଶୈଳୀକୁ ଅଧିକ ସୁସ୍ଥ କରିପାରିଛି, ସେ ବିଷୟରେ ନିଜ ନିଜ ଅନୁଭୂତି ପ୍ରକାଶ କରିଥିଲେ ।

ଏହି ଅବସରରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ନିୟମିତ ଭାବେ ଯୋଗ ଅଭ୍ୟାସ କରିବା ଏବଂ ଏହାକୁ ଦୈନନ୍ଦିନ ଜୀବନର ଏକ ଅଂଶ ଭାବେ ଗ୍ରହଣ ପାଇଁ ଶପଥ ପାଠ କରାଯାଇଥିଲେ ।

ଏହା ସହିତ, ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ନେତୃତ୍ୱରେ ଓ.ପି. ଜିନ୍ଦଲ ସ୍କୁଲ, ଶ୍ରମବୀର ପ୍ୟାଲେସ୍ ଏବଂ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ସମାନ ଭାବେ ଯୋଗ ଦିବସ ପାଳନ ଓ ଯୋଗ ଅଧିବେଶନ ଆୟୋଜନ କରାଯାଇଥିଲା।

ଜିନ୍ଦଲ୍ ଷ୍ଟିଲ ନିଜର କର୍ମଚାରୀ ଏବଂ ସେବା ଯୋଗାଇ ଆସୁଥିବା ସମ୍ପ୍ରଦାୟ ମଧ୍ୟରେ ସ୍ୱାସ୍ଥ୍ୟ, ସୁସ୍ଥତା ଏବଂ ସ୍ଥାୟୀ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଦିଗରେ ଉତ୍ସର୍ଗୀକୃତ, ଏହା ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ପ୍ରତିଫଳିତ ହୋଇଥିଲା ।

ତିଥି :(ଦଶମୀ): (ଚିତ୍ରା ତୁଳା)

ଅମୃତ ବେଳା: ଦିବା ଘ ୭।୩୭ ଗତେ ଘ ୧୦।୪୯ ମଧ୍ୟେ

## ଆଜିର ଅନୁଚିନ୍ତନ

ମୋର ଏହି ଉଗ୍ରରୂପ ଦେଖି ତୁମେ ବ୍ୟଥିତ ହେବା ଅନୁଚିତ ଏବଂ ତୁମଠାରେ ମୂଢଭାବ ଆସିବା ମଧ୍ୟ ଅନୁଚିତ।

- ଶ୍ରୀମଦ୍ ଭଗବଦ୍ ଗୀତା

# ଦାୟିତ୍ୱସଂପନ୍ନତାର ଅଭାବ

ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ଏକ ରିପୋର୍ଟ ମୁତାବକ ଦେଶରେ ଆକସ୍ମିତ ମୃତ୍ୟୁ ବାର୍ଷିକ ୧୩ହଜାରରୁ ୧୫ହଜାର। ଏଥିରେ ଅଗ୍ନିବିପତ୍ତିଜନିତ ମୃତ୍ୟୁହାର ପ୍ରାୟ ୬ରୁ ୮ ପ୍ରତିଶତ। ମୃତ୍ୟୁର ଏହି ଦିଗ ସଂପର୍କରେ ଯେଉଁ ପ୍ରତିରୋଧମୂଳକ ପଦକ୍ଷେପମାନ ଗ୍ରହଣ କରାଯିବା କଥା ତାହା ଏଯାବତ୍ ଗ୍ରହଣ ହୋଇନଥିବା ଲକ୍ଷ୍ୟ କରାଯାଉଛି। ନିକଟରେ ଉତ୍ତରପ୍ରଦେଶ, ଲକ୍ଷ୍ନୌ, ଆଲିଗଞ୍ଜସ୍ଥିତ ଏକ ତ୍ରିତଳ ବିଶିଷ୍ଟ ବିଲଡିଂରେ ୨୨ ତାରିଖ ଅପରାହ୍ନରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡରେ ୧୫ ଜଣଙ୍କ ଜୀବନ ଅକାଳରେ ଚାଲିଗଲା। ଆମ ଦେଶରେ ଅଗ୍ନିକାଣ୍ଡରେ ଏଭଳି ମୃତ୍ୟୁ କିଛି ନୂଆ କଥା ନୁହେଁ, କିନ୍ତୁ ଦୁର୍ଭାଗ୍ୟଜନକ ଯେ ଘଟଣା ଘଟିବା ପରେ ଦୀର୍ଘମିଆଦିର ଯେପରି ପଦକ୍ଷେପ ନିଆଯିବା କଥା ତାହା ନିଆଯାଉନାହିଁ। ଲକ୍ଷ୍ନୌରେ ଘଟିଥିବା ଗଭୀର ବେଦନାଦାୟକ ଘଟଣାରେ ବିଲଡିଂର ମାଲିକ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ୪ ଜଣ ଅଧିକାରୀ ନିଲମ୍ବିତ ହୋଇଛନ୍ତି। ଏହି ନିଲମ୍ବିତ ଅଧିକାରୀମାନେ ବିଦ୍ୟୁତ୍ ବିଭାଗର ଜଣେ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଅଗ୍ନିଶମ ବିଭାଗର ଜଣେ ନିରାପତ୍ତା ଅଧିକାରୀ, ଲକ୍ଷ୍ନୌ ବିକାଶ ପ୍ରାଧିକରଣର ଜଣେ ସହକାରୀ ଯନ୍ତ୍ରୀ ଓ ଅନ୍ୟ ଜଣେ ଜୁନିୟର ଇଂଜନିୟର। ଆଲୋଚ୍ୟ ବିଭାଗଗୁଡ଼ିକର ସଂପୃକ୍ତ ଅଧିକାରୀମାନେ ଉକ୍ତ ସ୍ଥାନରେ ଯେଉଁ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବାର ଥିଲା ତାହାକୁ ସେମାନେ ଉପେକ୍ଷା ନିଶ୍ଚୟ କରିଛନ୍ତି। ଲକ୍ଷ୍ୟ କରାଯାଏ ଯେ ପ୍ରତି ଅଗ୍ନିଜନିତ ଦୁର୍ଘଟଣାରେ ଘଟଣାକୁ ନିନ୍ଦା କରାଯାଏ। ଅଧିକନ୍ତୁ ଗତାନୁଗତିକ କ୍ଷତିପୂରଣ କରାଯାଏ। କ୍ରମେ ଲୋକେ ଘଟଣାକୁ ପାସୋରି ଯାଆନ୍ତି। ପୁଣି ଅପେକ୍ଷା କରାଯାଏ ପରବର୍ତ୍ତୀ ଦୁର୍ଘଟଣାକୁ । ଏପରି ପୁନରାବୃତ୍ତିରୁ ଯେପରି ନିସ୍ତାର ନାହିଁ ସେପରି ହିଁ ଲକ୍ଷ୍ୟ କରାଯାଉଛି।

ଦୁର୍ଘଟଣା ଘଟିଥିବା ବିଲଡିଂଟି ଥିଲା ଆବାସିକ। ଲୋକେ ସେଥିରେ ବସବାସ କରିବାକୁ ଉଦ୍ଦିଷ୍ଟ ଥିଲା। କିନ୍ତୁ ତାହା ବ୍ୟାବସାୟିକ ଲାଗି କାହିଁକି ବ୍ୟବହୃତ ହୋଇଥିଲା ? ବିଭିନ୍ନ ସହରରେ ଏପରି ବହୁ ଆବାସିକ ବିଲଡିଂ ରହିଛି ଯାହାକୁ ବ୍ୟାବସାୟିକ କାର୍ଯ୍ୟ ଲାଗି ବ୍ୟବହୃତ କରାଯାଉଛି। ସେପରି ବିଲଡିଂର ଚିହ୍ନଟ କ୍ଷେତ୍ରରେ ପ୍ରଶାସନର କେବେ ନିଦ୍ରାଭଙ୍ଗ ହେବ ? ଯାହା ସନ୍ଦେହ କରାଯାଉଛି ଦୁର୍ଘଟଣା ଘଟିଥିବା ଲକ୍ଷ୍ନୌର ବିଲଡିଂଟିର ଏସି ଡକ୍ଟ ପ୍ରଥମେ ନିଆଁ ଲାଗିଥିଲା। ବହୁ ସଂଖ୍ୟକ ଏସି ବିଲଡିଂଟିରେ ରହିଥିଲା। ଏଗୁଡ଼ିକ ଉପରେ ଅଧିକ ଚାପ ରହିଥିଲା ଓ ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉନଥିଲା। ଯାହାଦ୍ୱାରା ଅଗ୍ନିକାଣ୍ଡ ଘଟିବା ଯେକୌଣସି ମୁହୂର୍ତ୍ତରେ ଅବଶ୍ୟମ୍ଭାବୀ ଥିଲା। ଅବଶ୍ୟ ତଦନ୍ତ ପରେ ଏ ବାବଦ ସତ୍ୟାସତ୍ୟ ପଦାକୁ ଆସିବ। ଉକ୍ତ ବିଲଡିଂରେ ଉପଯୁକ୍ତ ପ୍ରସ୍ଥାନ ପଥ ନ ଥିଲା। ଅଗ୍ନିକାଣ୍ଡ ପରେ ପ୍ରବଳ ଧୂଆଁ ଘେର ଘୋର ବିପତ୍ତି ସୃଷ୍ଟି କଲା। ସୁତରାଂ ଏଭଳି ଘଟଣା ପ୍ରଶାସନିକ ସ୍ତରୀୟ ଉଦାସୀନତାର ପରିଣାମ କହିଲେ ଅତ୍ୟୁକ୍ତି ହେବନାହିଁ।

ସହରୀକରଣ ଜୀବନ ଭିତରେ ଆଜିକାଲି ବିଲଡିଂ ପରେ ବିଲଡିଂ ସଂକୀର୍ଣ୍ଣ ଗଳିରାସ୍ତାରେ ସୁଦ୍ଧା ନିର୍ମାଣ କରାଯାଉଛି। ତହିଁରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ବୈଦ୍ୟୁତିକ ତାର ଓ ସରବରାହଜନିତ ବ୍ୟବସ୍ଥାର ଉପଯୁକ୍ତ ରକ୍ଷଣାବେକ୍ଷଣ ନିୟମିତ ବ୍ୟବଧାନରେ ହେଉଥିବା ମନେ ହେଉନାହିଁ। ଯଦି ତାହା ହେଉଥାନ୍ତା ତେବେ ଏପରି ଅଗ୍ନିକାଣ୍ଡ ବିପତ୍ତିକୁ ଏଡ଼ାଇ ଦିଆଯାଇପାରନ୍ତା। ସହର ମଧ୍ୟରେ ଉଚ୍ଚ ବିଲଡିଂ ନିର୍ମାଣବେଳେ ନିରାପତ୍ତା ଦିଗକୁ ଯୋଜନା ପ୍ରଣୟନକାରୀମାନେ ଉପେକ୍ଷା କରିଥିବା ବୋଧ ହେଉଛି। ମନେ ରଖିବାକୁ ହେବ ଯେ ସୁରକ୍ଷା ହେଉଛି ପ୍ରଥମ, ଏହା ସହିତ ସଂଲଗ୍ନ ଦିଗ ନିୟମିତ ଯାଞ୍ଚ ଦିଗରେ ପ୍ରଶାସନ ତତ୍ପର ହେବା ସର୍ବାଦୌ ଆବଶ୍ୟକ। ପ୍ରତି ଜୀବନ ମୂଲ୍ୟବାନ। ଏପରି ମନୋଭାବ ସାଙ୍ଗକୁ ଦାୟିତ୍ୱସଂପନ୍ନତା ଆମ ବ୍ୟବସ୍ଥା ପାଇଁ ସବୁଠୁ ବଡ଼ ଆହ୍ୱାନ।

# ଇରାନ ଯୁଦ୍ଧ ଦ୍ୱାରା ବହୁଧ୍ରୁବୀୟ ବିଶ୍ୱର ମାର୍ଗ ସୁଦୃଢ଼



- ଏଡ. ସଞ୍ଜୟ ପାଣ୍ଡେ

**ଡିଜିଟାଲ ଭବିଷ୍ୟତ ନିର୍ମାଣ ପାଇଁ ମଧ୍ୟ ଚୀନ ଇରାନର ପ୍ରମୁଖ ଅଂଶୀଦାର। ନିକଟରେ ଅନୁଷ୍ଠିତ ବ୍ରିକ୍ସ ଫ୍ୟୁଚର ନେଟୱର୍କ ଇନୋଭେସନ ଫୋରମ ୨୦୨୬ ରେ ଇରାନ ବିଶ୍ୱସନୀୟ କମ୍ପ୍ୟୁଟିଂ ପାୱାର ନେଟୱର୍କ ବିକଶିତ କରିବା ପାଇଁ ସହଯୋଗ ଡାଞ୍ଚା ପ୍ରସ୍ତାବ କଲା ଏବଂ ଏହି ଉପକ୍ରମର ନେତୃତ୍ୱ ଚୀନର ଶିଳ୍ପ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ନେଲା। କୃତ୍ରିମ ବୁଦ୍ଧିମତ୍ତା, ଔଦ୍ୟୋଗିକ ଇଣ୍ଟରନେଟ ଅଫ ଥିଙ୍ଗସ, ସ୍ମାର୍ଟ ଲଜିଷ୍ଟିକ, ଆଧୁନିକ ବିତ୍ତୀୟ ପ୍ରଯୁକ୍ତି ଭଳି କ୍ଷେତ୍ରରେ ଇରାନ ନିଜ କ୍ଷମତା ବଢ଼ାଉଛି, ଏବଂ ଚୀନ ଏଥିରେ ମୁଖ୍ୟ ବୈଷୟିକ ଅଂଶୀଦାର।**

ଗତ କିଛି ବର୍ଷ ମଧ୍ୟରେ ପଶ୍ଚିମ ଏସିଆର ଭୂ-ରାଜନୈତିକ ସମୀକରଣଗୁଡ଼ିକ ଦ୍ରୁତ ଗତିରେ ବଦଳି ଯାଇଛି। ଆମେରିକା ଓ ଇସ୍ରାଏଲର ମିଳିତ ସାମରିକ ଆକ୍ରମଣର ସମ୍ମୁଖୀନ ହେଉଥିବା ବେଳେ ଇରାନ କେବଳ ରଣକ୍ଷେତ୍ରରେ ଅଟକି ରହିନାହିଁ, ବରଂ ଏକ ସାମରିକ ଶ୍ରେଷ୍ଠତା ମଧ୍ୟ ହାସଲ କରିଛି। ଏହି ବିଜୟ ପଛରେ ଇରାନର ସ୍ୱଦେଶୀ ସାମରିକ କ୍ଷମତା, ଜନତାର ଐକ୍ୟ ଓ ନିର୍ଣ୍ଣାୟକ କୂଟନୀତି ତ ଥିଲା, ତେବେ ଏହାକୁ ଏକ ମଜଭୁତ ଆଧାରସ୍ତମ୍ଭ ମିଳିଥିଲା – ଚୀନ। '୧୨ ଦିନିଆ ଯୁଦ୍ଧ' ଏବଂ 'ରମଜାନ ଯୁଦ୍ଧ' ଭଳି ତାଜା ସଂଘର୍ଷଗୁଡ଼ିକରେ ଇରାନୀ ଜନତା ଓ ଉଦ୍ୟୋଗପତିମାନେ ପ୍ରଦର୍ଶିତ କରିଥିବା ଶକ୍ତି ଏବଂ ଚୀନ ପ୍ରଦାନ କରିଥିବା ଆର୍ଥିକ, ବୈଷୟିକ, କୂଟନୈତିକ ଓ ମାନବୀୟ ସହାୟତା ଯୋଗୁଁ ଏକ ନୂତନ ଶକ୍ତି ସନ୍ତୁଳନ ସୃଷ୍ଟି ହୋଇଛି। ଚୀନ ଇରାନକୁ ପ୍ରକୃତରେ କି ସହାୟତା କଲା, ଉପଲବ୍ଧ ତଥ୍ୟରୁ ଜଣାପଡ଼େ ଚୀନ ଇରାନ ଅଞ୍ଚଳରେ ନିଜର ପ୍ରଭାବ କିପରି ବଢ଼ାଇଲା, ଏବଂ ଏହି ସବୁକୁ ମିଶାଇ ଆମେରିକୀୟ ପ୍ରାଧାନ୍ୟର ଯୁଗ ଇତିହାସରେ ପରିଣତ ହେଉଥିବା ପରିଲକ୍ଷିତ ହେଉଛି।

ଚୀନ ଇରାନକୁ ଦେଇଥିବା ସହାୟତା ରଣକ୍ଷେତ୍ରରୁ ଆରମ୍ଭ କରି ପୁନଃନିର୍ମାଣ ପର୍ଯ୍ୟନ୍ତ ସବୁସ୍ତରରେ ବ୍ୟାପ୍ତ ଥିଲା। ସର୍ବପ୍ରଥମେ, ଚୀନ ଇରାନର ଆର୍ଥିକ ଜୀବନରେଖା ବିଚ୍ଛିନ୍ନ ହେବାକୁ ଦେଲା ନାହିଁ। ପାଶ୍ଚାତ୍ୟ ପ୍ରତିବନ୍ଧକ ଯୋଗୁଁ ଅନେକ ଦେଶ ଇରାନୀ ତୈଳ କିଣିବାକୁ ଡରୁଥିବା ସମୟରେ, ଚୀନ କ୍ରମାଗତ ଭାବେ ଇରାନର ସବୁଠାରୁ ବଡ଼ ତୈଳ ଗ୍ରାହକ ହୋଇ ରହିଲା। ଚୀନ ହେଉଛି ଇରାନୀ ଏବଂ ରୁଷୀୟ ତୈଳର



ସବୁଠାରୁ ବଡ଼ କ୍ରେତା, ଏବଂ ପାଇପଲାଇନ ଓ ସାମୁଦ୍ରିକ ମାର୍ଗ ଦେଇ ହେଉଥିବା ଏହି ବାଣିଜ୍ୟ ଯୋଗୁଁ ଇରାନର ବୈଦେଶିକ ମୁଦ୍ରାର ଉତ୍ସ ଶୁଖିଗଲା ନାହିଁ ଏବଂ ଯୁଦ୍ଧ ସମୟରେ ମଧ୍ୟ ଅର୍ଥବ୍ୟବସ୍ଥା ଧ୍ୱସ୍ତ ହେଲା ନାହିଁ। ତତ୍‌ସହିତ, ଯୁଦ୍ଧବିରତି ଓ ଚୁକ୍ତି ପାଇଁ ଚୀନ ଅତ୍ୟନ୍ତ ସକ୍ରିୟ ରାଜନୈତିକ ସମର୍ଥନ ପ୍ରଦାନ କଲା। ପାକିସ୍ତାନର ମଧ୍ୟସ୍ଥତାରେ ଆମେରିକା ସହିତ ପରୋକ୍ଷ ଆଲୋଚନା ଚାଲିଥିବା ବେଳେ, ଚୀନ ଆରମ୍ଭରୁ ହିଁ ଇରାନର ରାଜନୈତିକ ଦୃଷ୍ଟିକୋଣକୁ ସ୍ୱାଗତ କଲା। ଚୁକ୍ତି ଘୋଷିତ ହେବା ପରେ ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟୀ ଇରାନୀ ସମକକ୍ଷ ଅବ୍ବାସ ଅରାଗଚୀଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରିବା ବେଳେ ଦମନ ବିରୋଧରେ ଇରାନ ସରକାର ଓ ଜନତାର ଦୃଢ଼ତା ଏବଂ ଦାୟିତ୍ୱପୂର୍ଣ୍ଣ ରାଜନୈତିକ ଦୃଷ୍ଟିକୋଣର ପ୍ରଶଂସା କଲେ। ସେ ଚୁକ୍ତିର ସମସ୍ତ ବ୍ୟବସ୍ଥାର ସଠିକ ଓ ସମ୍ପୂର୍ଣ୍ଣ କାର୍ଯ୍ୟକାରିତାର ଆବଶ୍ୟକତାକୁ ରେଖାଙ୍କିତ କରି ଚୀନ ଏଥିପାଇଁ ସହଯୋଗ କରିବାକୁ ପ୍ରସ୍ତୁତ ଥିବା ଘୋଷଣା କଲେ। କୂଟନୈତିକ ମୋର୍ଚ୍ଚାରେ ଚୀନ ରୁଷ ସହିତ ସମନ୍ୱିତ ଭୂମିକା ଗ୍ରହଣ କଲା। ଚୀନ ଓ ରୁଷ ଉଭୟ ଦେଶ ଇସଲାମାବାଦ ଚୁକ୍ତିକୁ ସ୍ୱାଗତ କଲେ। ରୁଷୀୟ ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ଆମେରିକା ଓ ଇସ୍ରାଏଲ ଚୁକ୍ତି ପାଳନ କରିବା ଦାୟିତ୍ୱ ଉପରେ ଗୁରୁତ୍ୱ ଦେଲେ। ଜାତିସଂଘ ସୁରକ୍ଷା ପରିଷଦର ସମର୍ଥନ ସହ ଅନ୍ତର୍ଜାତୀୟ ସମୁଦାୟ ଏହି ଚୁକ୍ତିକୁ ସହଯୋଗ କରିବା ଉଚିତ, ଏହା ଉପରେ ଚୀନ-ରୁଷ ଏକମତ ହେଲେ। ଏହି ରାଜନୈତିକ ମୋର୍ଚ୍ଚା ଯୋଗୁଁ ଇରାନକୁ ଏକାକୀ କରିବାର ଆମେରିକାର ପ୍ରଚେଷ୍ଟା ବିଫଳ ହେଲା।

ଯୁଦ୍ଧ ପରବର୍ତ୍ତୀ ପୁନଃନିର୍ମାଣ ସମୟରେ ମଧ୍ୟ ଚୀନ ଇରାନ ଓ ଲେବାନନର ପକ୍ଷରେ ଠିଆ ହେବାକୁ ଘୋଷଣା କଲା। ଚୀନର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଲିନ ଜିଆନ ସ୍ପଷ୍ଟ କଲେ ଯେ ବେଜିଂ ଯୁଦ୍ଧୋତ୍ତର ପୁନଃନିର୍ମାଣକୁ ଉଚ୍ଚ ପ୍ରାଥମିକତା ଦିଏ ଏବଂ ଅର୍ଥନୈତିକ ପରିସ୍ଥିତି ଓ ଜନତାର ଜୀବନଧାରଣ ମାନରେ ଉନ୍ନତି ଆଣିବାକୁ ଶୀଘ୍ର ନୂତନ ମାନବୀୟ ସହାୟତା ପଠାଯିବ। ଏତଦ୍‌ବ୍ୟତୀତ, ଇସଲାମାବାଦ ଚୁକ୍ତି ଅଧୀନରେ ୩୦୦ ବିଲିୟନ ଡଲାରର ପୁନଃନିର୍ମାଣ ପାଣ୍ଠି ଗଠନ କରାଯିବ, ଯେଉଁଥିରେ ଚୀନର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ସାମରିକ-ବୈଷୟିକ ମୋର୍ଚ୍ଚାରେ ମଧ୍ୟ ଚୀନ ବହୁତ ସହାୟତା କଲା। ବାୟୁ ପ୍ରତିରକ୍ଷା, ଡ୍ରୋନ ପ୍ରଯୁକ୍ତି, କ୍ଷେପଣାସ୍ତ୍ର ପ୍ରଣାଳୀ ଏବଂ ସାଇବର କ୍ଷମତାରେ ଗଭୀର ସହଯୋଗ ଦ୍ୱାରା ଇରାନ ନିଜର ସ୍ୱଦେଶୀ କ୍ଷମତାକୁ ମଜଭୁତ କରି ଇସ୍ରାଏଲର ଆଇରନ ଡୋମ ପ୍ରଣାଳୀକୁ ପ୍ରଭାବଶାଳୀ ଆହ୍ୱାନ ଦେଲା।

ଡିଜିଟାଲ ଭବିଷ୍ୟତ ନିର୍ମାଣ ପାଇଁ ମଧ୍ୟ ଚୀନ ଇରାନର ପ୍ରମୁଖ ଅଂଶୀଦାର। ନିକଟରେ ଅନୁଷ୍ଠିତ ବ୍ରିକ୍ସ ଫ୍ୟୁଚର ନେଟୱର୍କ ଇନୋଭେସନ ଫୋରମ ୨୦୨୬ ରେ ଇରାନ ବିଶ୍ୱସନୀୟ କମ୍ପ୍ୟୁଟିଂ ପାୱାର ନେଟୱର୍କ ବିକଶିତ କରିବା ପାଇଁ ସହଯୋଗ ଡାଞ୍ଚା ପ୍ରସ୍ତାବ କଲା ଏବଂ ଏହି ଉପକ୍ରମର ନେତୃତ୍ୱ ଚୀନର ଶିଳ୍ପ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ନେଲା। କୃତ୍ରିମ ବୁଦ୍ଧିମତ୍ତା, ଔଦ୍ୟୋଗିକ ଇଣ୍ଟରନେଟ ଅଫ ଥିଙ୍ଗସ, ସ୍ମାର୍ଟ ଲଜିଷ୍ଟିକ, ଆଧୁନିକ ବିତ୍ତୀୟ ପ୍ରଯୁକ୍ତି ଭଳି କ୍ଷେତ୍ରରେ ଇରାନ ନିଜ କ୍ଷମତା ବଢ଼ାଉଛି, ଏବଂ ଚୀନ ଏଥିରେ ମୁଖ୍ୟ ବୈଷୟିକ ଅଂଶୀଦାର।

ଇରାନରେ ଚୀନର ପ୍ରଭାବ ବିସ୍ତାର କେବଳ ସରକାରୀ କୂଟନୈତିକ ସମ୍ପର୍କ ଭିତରେ ସୀମିତ ନ ରହି ଅର୍ଥବ୍ୟବସ୍ଥା, ପ୍ରଯୁକ୍ତି, ବିତ୍ତୀୟ ଭିତ୍ତିଭୂମି ଏବଂ ଡିଜିଟାଲ ଭବିଷ୍ୟତ ପର୍ଯ୍ୟନ୍ତ ବ୍ୟାପ୍ତ। ଇସଲାମାବାଦ ଚୁକ୍ତି ଘୋଷିତ ହେବା ମାତ୍ରେ, ଇରାନ ଚୀନ, ରୁଷ ଏବଂ ଓମାନ ସହିତ ଉଚ୍ଚସ୍ତରୀୟ ରାଜନୈତିକ ସମନ୍ୱୟ ରକ୍ଷା କଲା। ବୈଦେଶିକ ମନ୍ତ୍ରୀ ଅରାଗଚୀ ଚୀନର ୱାଙ୍ଗ ୟୀଙ୍କୁ ଚୁକ୍ତିର ବିବରଣୀ ଜଣାଇବା ସମୟରେ ଇରାନ-ଚୀନ ସମ୍ପର୍କର କୌଶଳିକ ସ୍ୱରୂପ ଉପରେ ଗୁରୁତ୍ୱ ଦେଲେ ଏବଂ ଆଲୋଚନା ସମୟରେ ଚୀନ ଦେଇଥିବା ସମର୍ଥନ ପାଇଁ ଧନ୍ୟବାଦ ଜଣାଇଲେ। ଉଭୟ ଦେଶ ଶକ୍ତି, ବାଣିଜ୍ୟ ଓ ବିନିଯୋଗରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି କରିବାର ସୁଯୋଗ ଉପରେ ଚର୍ଚ୍ଚା କଲେ। ଏଥିରୁ ହିଁ ସଂସଦ ଅଧ୍ୟକ୍ଷ ମହମ୍ମଦ ବାଘେର ଖଲିବାଫଙ୍କ ଦୂରଦୃଷ୍ଟି ସ୍ପଷ୍ଟ ହୁଏ। ସେ ନିଜେ ଚୀନ ପ୍ରସଙ୍ଗରେ ଇରାନର ବିଶେଷ ପ୍ରତିନିଧି ଅଟନ୍ତି, ଏବଂ ସେ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ 'ଭବିଷ୍ୟତରେ ଯଦି କୌଣସି ଆଞ୍ଚଳିକ ଗୋଷ୍ଠୀ ଗଠିତ ହୁଏ, ତେବେ ତହିଁରେ ଚୀନ ଏବଂ ଇରାନ ଦୁଇଟି ନିଶ୍ଚିତ ଏବଂ ଅପରିହାର୍ଯ୍ୟ ସଦସ୍ୟ ହେବେ। ତାଙ୍କ ମତରେ, 'ଚୀନ ଆମ ପାଇଁ ଅଦ୍ୱିତୀୟ। ଆମକୁ ଚୀନକୁ ବିଶ୍ୱାସ କରାଇବାକୁ ହେବ ଯେ ଆମେ କେବଳ ଗ୍ରାହକ ନୁହଁ, ପୂର୍ଣ୍ଣ ଅଂଶୀଦାର।' ଏହି ଭୂମିକା ଚୀନ ସହିତ ସମ୍ପର୍କକୁ ସାଧାରଣ ବାଣିଜ୍ୟରୁ ସର୍ବାଙ୍ଗୀନ କୌଶଳିକ ଅଂଶୀଦାରୀ ଆଡ଼କୁ ନେବାର ସଂକଳ୍ପ ଦର୍ଶାଉଛି।ଏହି ପୃଷ୍ଠଭୂମିରେ ଇରାନ ଚେମ୍ବର ଅଫ କମର୍ସର ଉପାଧ୍ୟକ୍ଷ ଗାଦିର ଉଲ୍ଲେଖ କଲେ ଯେ ୨୦୩୫ ଏବଂ ୨୦୫୦ ପର୍ଯ୍ୟନ୍ତ ଚୀନ କେଉଁଠି ପହଞ୍ଚିବ, ତାହା ବୁଝି ଇରାନ-ଚୀନ ଉନ୍ନୟନ ଦସ୍ତାବେଜ ପ୍ରସ୍ତୁତ କରାଯିବା ଉଚିତ। କୃତ୍ରିମ ବୁଦ୍ଧିମତ୍ତା, ଅତ୍ୟାଧୁନିକ ପ୍ରଯୁକ୍ତି, ବୈଦ୍ୟୁତିକ ଯାନ – ଏସବୁ ଚୀନର ପ୍ରାଥମିକତା ଏବଂ ସେହି ଅନୁସାରେ ଇରାନକୁ ନିଜର ଔଦ୍ୟୋଗିକ ଓ ବାଣିଜ୍ୟ ନୀତି ପ୍ରଣୟନ କରିବା ଉଚିତ। ଏହାଦ୍ୱାରା ଚୀନ ଇରାନୀ ବଜାରକୁ ପ୍ରାଥମିକତା ଦେବ ଏବଂ ଇରାନ ଚୀନର ମୂଲ୍ୟ-ଶୃଙ୍ଖଳରେ ନିଜକୁ ସ୍ଥାନ ଦେଇପାରିବ। ଏହି ନୀତିକୁ ମୂର୍ତ୍ତ ରୂପ ଦେବା ପାଇଁ ବିଶେଷ ଅର୍ଥନୈତିକ କ୍ଷେତ୍ରରେ 'ଇରାନ-ଚୀନ ସହଯୋଗ ବିଭାଗ' ପ୍ରତିଷ୍ଠା ପ୍ରସ୍ତାବ ଦିଆଗଲା। ରପ୍ତାନି ବୃଦ୍ଧି ଓ ବିନିଯୋଗ ଆକୃଷ୍ଟ କରିବା ପାଇଁ ଏହି କ୍ଷେତ୍ରଗୁଡ଼ିକ ସୁରକ୍ଷିତ ଓ ସ୍ଥିର ପରିବେଶ ପ୍ରଦାନ କରିବ। ଏହା ସହିତ ଇରାନ-ଚୀନ ମିଳିତ ବିନିଯୋଗ ପାଣ୍ଠି ଗଠନ କରାଯିବ ବୋଲି ସ୍ଥିର ହେଲା, ଯାହା ଦ୍ୱାରା ଚୀନକୁ ଦୀର୍ଘମିଆଦୀ ପୁଞ୍ଜି ଅଂଶଗ୍ରହଣ ସୁନିଶ୍ଚିତ କରାଯାଇପାରିବ।

ଏତଦବ୍ୟତୀତ, ଇରାନ ଚେମ୍ବରର ଅନୁସନ୍ଧାନ କେନ୍ଦ୍ର ମୁଖ୍ୟ ଇସା ମନସୁରୀ ଲଜିଷ୍ଟିକ ଟାଉନ ନିର୍ମାଣ କରି କଷ୍ଟମ, ପରିବହନ ଓ ଆର୍ଥିକ ନେଣଦେଣକୁ ସହଜ କରିବା ପ୍ରସ୍ତାବ ଦେଲେ। ଚୀନୀ କମ୍ପାନୀଗୁଡ଼ିକ ସେଠାରେ ସ୍ଥାୟୀ ହେଲେ ସ୍ଥାନୀୟ ସ୍ତରରେ ଆଉଟସୋର୍ସିଂ ହେବ ଏବଂ ଇରାନ ଚୀନ ପାଇଁ ପୂର୍ବ ଏସିଆର ଯୋଗାଣ ପୋଲ୍ ହେବ। ପେଟ୍ରୋକେମିକାଲ କ୍ଷେତ୍ରରେ ଇରାନ-ଚୀନ ସହିତ ତୁର୍କୀ, ପାକିସ୍ତାନ କି କତାର ଭଳି ତୃତୀୟ ଦେଶକୁ ସାମିଲ କରି ନେଟୱର୍କ ତିଆରି କରାଯିବ, ଯାହାଦ୍ୱାରା ଇରାନ ଏକ ବାଣିଜ୍ୟ-ଔଦ୍ୟୋଗିକ କେନ୍ଦ୍ର ହେବ, ବୋଲି ମଧ୍ୟ ପରାମର୍ଶ ଦିଆଗଲା।

(ପ୍ରଥମ ଭାଗ)

ଓକିଲ, ଉଚ୍ଚ ନ୍ୟାୟାଳୟ, ମୁମ୍ବାଇ
ମୋ-୯୨୨୧୬୩୩୨୬୭

# ସୋସିଆଲ୍ ମିଡିଆ ଟ୍ରାୟାଲ୍

## ସୌମ୍ୟ ରଞ୍ଜନ ଦାଶ

ତଥାପି ବିଡ଼ମ୍ବନାର ବିଷୟ ହେଉଛି, ଆଇନର ପ୍ରକ୍ରିୟା ଧୀର ହୋଇଥିବା ବେଳେ ଗୁଜବର ଗତି ବିଜୁଳି ଭଳି। ଥରେ ମିଥ୍ୟା ସୂଚନା ଭାଇରାଲ୍ ହୋଇଗଲେ, ପରେ ତା'ର ଖଣ୍ଡନ ଆସିଲେ ମଧ୍ୟ ସମାଜ ମନରେ ଥିବା ପ୍ରଥମ ନକାରାତ୍ମକ ଧାରଣା ସହଜରେ ଦୂର ହୁଏନାହିଁ।

ସୋସିଆଲ୍ ମିଡିଆ ଟ୍ରାୟାଲ ପ୍ରଭାବ କେବଳ ଅଭିଯୁକ୍ତଙ୍କ ଉପରେ ସୀମିତ ରହେନାହିଁ, ଏହା ସମଗ୍ର ନ୍ୟାୟିକ ପ୍ରକ୍ରିୟାକୁ କଳୁଷିତ କରେ। ପ୍ରଥମତଃ, ଏହା ସାକ୍ଷୀମାନଙ୍କୁ ପ୍ରଭାବିତ କରେ। ଯେତେବେଳେ ଏକ ମାମଲାକୁ ନେଇ ସାର୍ବଜନିକ ମଞ୍ଚରେ ଉତ୍ତେଜନା ଥାଏ, ସାକ୍ଷୀମାନେ ଅଦାଲତରେ ନିଷ୍ପକ୍ଷ ସାକ୍ଷ୍ୟ ଦେବା ପାଇଁ ଭୟଭୀତ ହୋଇପାରନ୍ତି କିମ୍ବା ସାମାଜିକ ଚାପର ବଶବର୍ତ୍ତୀ ହୋଇ ନିଜର ବୟାନ ବଦଳାଇ ପାରନ୍ତି। ଦ୍ୱିତୀୟତଃ, ଏହା ବିଚାରପତିଙ୍କ ଉପରେ ଏକ ଅଦୃଶ୍ୟ ମାନସିକ ଚାପ ସୃଷ୍ଟି କରେ। ଯଦିଓ ବିଚାରପତିମାନେ ଆଇନର ପରିଧି ମଧ୍ୟରେ ରହି ନିଷ୍ପତ୍ତି ନିଅନ୍ତି, ତଥାପି ସୋସିଆଲ୍ ମିଡିଆରେ ଚାଲୁଥିବା ଜନମତର ଝଡ଼ ସେମାନଙ୍କୁ ସମାଜର ଆଶା-ଆକାଂକ୍ଷା ବିଷୟରେ ଚିନ୍ତା କରିବାକୁ ବାଧ୍ୟ କରେ। କିଛି ଲୋକ ଯୁକ୍ତି କରନ୍ତି ଯେ, ମିଡିଆର ଚାପ ଯୋଗୁଁ ହିଁ ଅନେକ ବଡ଼ ବଡ଼ ଅପରାଧରେ ପୋଲିସ ତଦନ୍ତ ତ୍ୱରାନ୍ୱିତ ହୋଇଛି। ନିଶ୍ଚିତ ଭାବେ ମିଡିଆ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଏବଂ ଜନଜାଗରଣ ସୃଷ୍ଟି କରିବାରେ ଏହାର ଭୂମିକା ଅନସ୍ୱୀକାର୍ଯ୍ୟ। କିନ୍ତୁ ସ୍ତମ୍ଭ ଯଦି ଛାତର ସ୍ଥାନ ଦଖଲ କରିବାକୁ ଚେଷ୍ଟା କରେ, ତେବେ ଗୃହଟି ଭୁଶୁଡ଼ି ପଡ଼ିବାର ଆଶଙ୍କା ଥାଏ। ଜାଗୃତି ଓ ଉନ୍ମାଦନା ମଧ୍ୟରେ ଥିବା ସୂକ୍ଷ୍ମ ରେଖାକୁ ସୋସିଆଲ୍ ମିଡିଆ ବାରମ୍ବାର ଲଙ୍ଘୁଛି।

ବିଗତ କିଛି ବର୍ଷର ଅନେକ ମାମଲାକୁ ଅନୁଧ୍ୟାନ କଲେ ଦେଖାଯାଏ, ସୋସିଆଲ୍ ମିଡିଆରେ ଯାହାକୁ 'ଭିଲେନ୍' ସଜାଯାଇଥିଲା, ପରବର୍ତ୍ତୀ ସମୟରେ ଅଦାଲତରେ ସେ ନିର୍ଦ୍ଦୋଷ ପ୍ରମାଣିତ ହୋଇଛନ୍ତି। କିନ୍ତୁ ସେତେବେଳକୁ ସେହି ବ୍ୟକ୍ତିଙ୍କ ଜୀବନର ଅପୂରଣୀୟ କ୍ଷତି ହୋଇସାରିଥାଏ। ଚାକିରି ଚାଲିଯିବା, ପରିବାରଠାରୁ ବିଚ୍ୟୁତ ହେବା ଏବଂ ମାନସିକ ସନ୍ତୁଳନ ହରାଇବା ଭଳି ପରିସ୍ଥିତି ତାଙ୍କୁ ଘେରି ରହେ। ଏଠାରେ ଗୁଗୁଲ୍ ବା ଇଣ୍ଟରନେଟ ସ୍ମୃତି ବଡ଼ ଭୟଙ୍କର। ଅଦାଲତ ତ କାଗଜପତ୍ରରେ ଖଲାସ କରିଦିଏ, କିନ୍ତୁ ଡିଜିଟାଲ୍ ଦୁନିଆରେ ସେହି ବ୍ୟକ୍ତିଙ୍କ ନାମ ସହ ଅପରାଧର ଟ୍ୟାଗ୍ ଚିରକାଳ ପାଇଁ ରହିଯାଏ। ଏହା ଏକ ପ୍ରକାରର 'ଡିଜିଟାଲ୍ କୁଶବିଦ୍ଧ', ଯାହାର ପ୍ରଭାବ ମୃତ୍ୟୁଦଣ୍ଡ ଠାରୁ ମଧ୍ୟ ବେଶି।

ଏହି ସମସ୍ୟାର ସମାଧାନ କେବଳ କଠୋର ଆଇନରେ ନାହିଁ, ବରଂ ଆମର ସାମୂହିକ ଚେତନାରେ ଅଛି। ପ୍ରଥମତଃ, ସୋସିଆଲ୍ ମିଡିଆ ପ୍ଲାଟଫର୍ମଗୁଡ଼ିକ ପାଇଁ କଡ଼ା ନିୟମାବଳୀ ପ୍ରଣୟନ ହେବା ଆବଶ୍ୟକ, ଯେଉଁଠାରେ ମିଥ୍ୟା ସୂଚନା ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଦ୍ୱିତୀୟତଃ, ଜନସାଧାରଣଙ୍କ ମଧ୍ୟରେ 'ଡିଜିଟାଲ୍ ସାକ୍ଷରତା' ବୃଦ୍ଧି ହେବା ଦରକାର। ପ୍ରତ୍ୟେକ ଭିଡିଓ ବା ସୂଚନାକୁ ବିନା ବିଚାରରେ ଶେୟାର କରିବା ବନ୍ଦ କରିବାକୁ ହେବ। ତୃତୀୟତଃ, ପାରମ୍ପରିକ ଓ ଡିଜିଟାଲ୍ ମିଡିଆ କର୍ମୀମାନେ ନିଜର ବୃତ୍ତିଗତ ନୈତିକତାକୁ ମନେ ରଖିବା ଉଚିତ। ସେମାନେ ନ୍ୟାୟ ପ୍ରଦାନକାରୀ ନୁହନ୍ତି, ବରଂ ନ୍ୟାୟ ବ୍ୟବସ୍ଥାର ସହାୟକ।

ନ୍ୟାୟ ହେଉଛି ଏକ ଧୀର, ସଂଯମୀ ଓ ପ୍ରମାଣଭିତ୍ତିକ ପ୍ରକ୍ରିୟା। ସୋସିଆଲ୍ ମିଡିଆର ଗତି ଯଦି ଏହାକୁ ଅତିକ୍ରମ କରିବାକୁ ଚେଷ୍ଟା କରେ, ତେବେ ଆମେ ଏକ ଅରାଜକ ସମାଜ ଗଢ଼ିବୁ। ସାମାଜିକ ମାଧ୍ୟମର ଶକ୍ତିକୁ ଆମେ ଜନକଲ୍ୟାଣ ଓ ସଚେତନତା ପାଇଁ ବ୍ୟବହାର କରିବା ଉଚିତ, କାହାର ଚରିତ୍ର ସଂହାର କରିବା ପାଇଁ ନୁହେଁ। ନଚେତ୍, ଭବିଷ୍ୟତରେ ଆଇନର ଶାସନ କେବଳ ପୁସ୍ତକ ମଧ୍ୟରେ ସୀମିତ ରହିଯିବ ଏବଂ ରାସ୍ତାଘାଟରୁ ଆରମ୍ଭ କରି ଡିଜିଟାଲ୍ ପ୍ଲାଟଫର୍ମ ପର୍ଯ୍ୟନ୍ତ କେବଳ 'ଭିଡ଼ର ନ୍ୟାୟ' ରାଜ୍ କରିବ। (ଶେଷଭାଗ)

ଅଧ୍ୟାପକ, ବିରଜା ଆଇନ ମହାବିଦ୍ୟାଳୟ
ମୋ ୮୮୯୫୯୫୨୩୧୫

# ତଥାପି ଆମେ ବଞ୍ଚିଛୁ



## ବିଷ୍ଣୁ ପ୍ରସାଦ ଦାସ

**ସତ କହିବାକୁ ଗଲେ କାହାରି ଆଚରଣ ଏବଂ ଉଚ୍ଚାରଣ ଭିତରେ ସାମଞ୍ଜସ୍ୟତା ଦେଖିବାକୁ ମିଳେ ନାହିଁ । ମିଥ୍ୟା ଆଭିଜାତ୍ୟର ଦ୍ୱାହି ଦେଇ, ସୁରକ୍ଷାର ଦ୍ୱାହି ଦେଇ ଦେଶବାସୀଙ୍କୁ ଅଣ ଦେଖା କରାଯାଉଛି । ଦେଶବାସୀ କର୍ମରେ ବିଶ୍ୱାସ ରଖନ୍ତି ଭାଷଣରେ ନୁହେଁ କିମ୍ବା ମାଗଣା ପାଇବା ଆଶାରେ ନୁହେଁ । ଜନହିତକର କାର୍ଯ୍ୟ ବଦଳରେ ସାର ଗର୍ଭକ ଭାଷଣ ଦେଇ ନେତାମାନେ କ'ଣ ପ୍ରମାଣିତ କରିବାକୁ ଚାହାନ୍ତି ? ରାତାରାତି ରୋମ୍ ନଗରୀ ଗଢ଼ି ଦେବେ ନା ରାମ ରାଜ୍ୟର ସବୁ ସୁବିଧା ଯୋଗାଇ ଦେବେ ? ନା ରାମଚନ୍ଦ୍ରଙ୍କ ଚରିତ୍ରର ଅନୁଗାମୀ ହେବେ ?**

ମନରେ ଅସମାହିତ ପ୍ରଶ୍ନ ଉଠେ ଯାହାର ଉତ୍ତର ଖୋଜି ବାହାର କରିବା କଷ୍ଟକର ବ୍ୟାପାର । ଆମେ ଯଦି ରାଜନୀତି ଆଡ଼କୁ ଯିବା ତେବେ ଯେଉଁମାନେ ଦିବାସ୍ୱପ୍ନ ଦେଖାଇ ଜନତାଙ୍କ ଭୋଟ୍ ପାଇ ନିର୍ବାଚିତ ହେଲେ, ସେମାନେ ଆମ ନେତା ଆମ ସେବକ ଭାବେ ନିଜକୁ ପ୍ରତିପାଦିତ କଲେ । ଯଦିଓ ତାହା ଶତ ପ୍ରତିଶତ ସତ୍ୟ ନୁହେଁ , କେବଳ ଛଳନା ବୋଲି ଜନତା ଅନୁଭବ କରୁଛନ୍ତି । ସେମାନେ ଦଳୀୟ ବହୁମତରେ ଶାସନ ଗାଦିରେ ଅଧିଷ୍ଠିତ ହେଲେ, ସରକାର୍ ଗଢ଼ିଲେ ଏବଂ ସବୁ ପ୍ରତିଶ୍ରୁତି ଭୁଲିଗଲେ । ବୁଝି ହୁଏନା ଗଣତନ୍ତ୍ର ଶାସନରେ ସେମାନଙ୍କ ଉଚ୍ଚାରଣ ଏବଂ ଆଚରଣ ଅଲଗା କାହିଁକି ହୋଇଯାଉଛି ? ଜନତା କାହିଁକି ପ୍ରବଞ୍ଚନାର ଶିକାର ହେଉଛନ୍ତି ? କାହିଁକି ଟିକସ ଉପରେ ଟିକସ ଦେଇ ଦେଇ ନୟାନ୍ତ ହେଉଛନ୍ତି ? କାହିଁକି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟ ଆକାଶଛୁଆଁ କାହିଁକି ହୋଇ ଯାଉଛି ? ବେକାରି ସମସ୍ୟା, ଶିକ୍ଷା ସ୍ୱାସ୍ଥ୍ୟ ପାନୀୟ ଜଳର ସୁପରିଚାଳନା ପାଇଁ ଆଉ କେତେ ବର୍ଷ ଆମକୁ ଅପେକ୍ଷା କରିବାକୁ ପଡିବ ? ସରକାର୍ ବଦଳେ, ଦଳ ବଦଳେ କିନ୍ତୁ ଜନତା ଯଥା ପୂର୍ବଂ ତଥା ପରଂ ସରକାରୀ ନିୟମ କାନୁନ୍ ଭିତରେ ପେଶୀ ହୋଇ ଯାଏ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ... ଜନତାଙ୍କ ପାଇଁ, ଜନତାଙ୍କ ଦ୍ୱାରା , ଜନତାଙ୍କର ସରକାର୍ ଏବେ ଓଲଟା ହୋଇ ଯାଇଛି ବୋଲି ହୃଦ୍‌ବୋଧ ହୁଏ । ତଥାପି ଜୀବନ ସଂଗ୍ରାମର ଆହ୍ୱାନ ଭିତରେ ଆମେ ବଞ୍ଚିଛୁ ।

କିଛି ଦିନ ପୂର୍ବରୁ ଭାରତର କିଛି ରାଜ୍ୟରେ ନିର୍ବାଚନ ହେଲା । ବିଭିନ୍ନ ରାଜନୈତିକ ଦଳ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଲୋଭନୀୟ ଯୋଜନା ଗୁଡ଼ିକର ସୁନେଲି ସ୍ୱପ୍ନ ଦେଖାଇ ଭୋଟ୍ ନେଇ ଗଲେ । କିଛି ରାଜ୍ୟ କିଛି ମାତ୍ରାରେ ପ୍ରତିଶ୍ରୁତି ପାଳନ କରୁଛନ୍ତି ବୋଲି ବହୁଳ ପ୍ରଚାରିତ ହେଉଛି । ତେବେ ସତ୍ୟାସତ୍ୟ ଜାଣିବାକୁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡିବ। ତେବେ କଥା ଉଠେ ପ୍ରତିଶ୍ରୁତି ପାଳନ ପାଇଁ ଅର୍ଥ କେଉଁଠୁ ଆସିବ ? ଦଳୀୟ ପାଣ୍ଠିରୁ ନା ରାଜକୋଷରୁ ? ପରୋକ୍ଷରେ ଜନତାଙ୍କ ଟିକସ ଟଙ୍କା ଜନତାଙ୍କୁ ଦେଇ ସମ୍ପୃକ୍ତ ଦଳ କାହିଁକି ବାଃ ବାଃ ନେବ ? ମେଣ୍ଢାଙ୍କ ଲୋମ ନେଇ ସେଥିରୁ କମ୍ବଳ ତିଆରି କରି ମେଣ୍ଢାଙ୍କୁ ବାଣ୍ଟିବା ପରି କଥା ହେଲା । ଯେଉଁ ରାଜ୍ୟରେ ପ୍ରତିଦିନ ଲୁଣ , ଲଙ୍କା, ପିଆଜ ଦେଇ ପଖାଳ ଖାଇ ଗରିବ ଆଦିବାସୀ ଖଟିଖିଆ ବଞ୍ଚିବାର ସଂଗ୍ରାମ ଜାରି ରଖିଥାନ୍ତି, ସେହି ରାଜ୍ୟରେ ପଖାଳ ଦିବସ କୋଟି କୋଟି ଟଙ୍କା ବିନିମୟରେ ପାଳିତ ହୁଏ । ନା କେହି ବିରୋଧ କରନ୍ତି ନା କେହି ଉପଦେଶ ଦିଅନ୍ତି। ଏହା ନିଶ୍ଚିତ ଭାବେ ସରକାରୀ ସ୍ତରରେ ଆଧୁନିକ ଓଡ଼ିଆଙ୍କ ପାଇଁ ଅସ୍ମିତାର ବିଷୟ ବୋଲି ଧରି ନେବାକୁ ହେବ। ଯେଉଁ ରାଜ୍ୟରେ ମା' ଭଉଣୀମାନେ ଗରା, ହାଣ୍ଡି ମାଠିଆ ମୁଣ୍ଡେଇ ପାନୀୟ ଜଳ ପାଇଁ ମାଇଲ୍ ମାଇଲ୍ ବାଟ ଯାଆନ୍ତି, ଦାଦନ ଖଟିବାକୁ ଛୁଆ ପିଲା ଧରି ଅନ୍ୟ ରାଜ୍ୟରେ ବନ୍ଧା ପଡନ୍ତି ସେହି ରାଜ୍ୟରେ ଦଳୀୟ ପ୍ରଚାର ପାଇଁ, ପ୍ରୋଟୋକଲ ପାଇଁ, କେନ୍ଦ୍ରକୁ ସନ୍ତୁଷ୍ଟି ପାଇଁ, କୋଟି କୋଟି ଟଙ୍କାର ଅପବ୍ୟୟ ହୁଏ । ତଥାପି ଜୀବନ ସଂଗ୍ରାମର ଆହ୍ୱାନ ଭିତରେ ଆମେ ବଞ୍ଚିଛୁ ।

ସତ କହିବାକୁ ଗଲେ କାହାରି ଆଚରଣ ଏବଂ ଉଚ୍ଚାରଣ ଭିତରେ ସାମଞ୍ଜସ୍ୟତା ଦେଖିବାକୁ ମିଳେ ନାହିଁ । ମିଥ୍ୟା ଆଭିଜାତ୍ୟର ଦ୍ୱାହି ଦେଇ, ସୁରକ୍ଷାର ଦ୍ୱାହି ଦେଇ ଦେଶବାସୀଙ୍କୁ ଅଣଦେଖା କରାଯାଉଛି । ଦେଶବାସୀ କର୍ମରେ ବିଶ୍ୱାସ ରଖନ୍ତି ଭାଷଣରେ ନୁହେଁ କିମ୍ବା ମାଗଣା ପାଇବା ଆଶାରେ ନୁହେଁ । ଜନହିତକର କାର୍ଯ୍ୟ ବଦଳରେ ସାରଗର୍ଭକ ଭାଷଣ ଦେଇ ନେତାମାନେ କ'ଣ ପ୍ରମାଣିତ କରିବାକୁ ଚାହାଁନ୍ତି ? ରାତାରାତି ରୋମ୍ ନଗରୀ ଗଢ଼ି ଦେବେ ନା ରାମ ରାଜ୍ୟର ସବୁ ସୁବିଧା ଯୋଗାଇ ଦେବେ ? ନା ରାମଚନ୍ଦ୍ରଙ୍କ ଚରିତ୍ରର ଅନୁଗାମୀ ହେବେ ? ଗାଦି ଲୋଭ ତଥା ନିଜର ଦୋଷ ଦୁର୍ବଳତା ଏଡାଇ କିଛି ଅସନ୍ତୁଷ୍ଟ ଗୋଷ୍ଠୀଙ୍କୁ ତୁଷ୍ଟ କରିବା ସରକାରଙ୍କ ପ୍ରଧାନ କାର୍ଯ୍ୟ ହୋଇଛି । କିଛି ରାଜ୍ୟରେ ପାଞ୍ଚ ବର୍ଷର ଶାସନ କାଳରେ ମଧ୍ୟ ଭାଗ ବଣ୍ଟା ହିସାବରେ ମୁଖିଆ ବଦଳି ଯାଉଛନ୍ତି , କ୍ଷମତାର ମୋହ ବଡ଼ ବିଚିତ୍ର ଭାଇ । ତଥାପି ଜୀବନ ସଂଗ୍ରାମର ଆହ୍ୱାନ ଭିତରେ ଆମେ ବଞ୍ଚିଛୁ ।

ଆଫ୍ରିକା ମହାଦେଶର ଅନୁନ୍ନତ ଦେଶ ଠାରୁ ମଧ୍ୟ ଅସହାୟ, ଅବସ୍ଥାରେ ଆମ ଦେଶର ଅନେକ ସ୍ଥାନ ରହିଛି । ସାମାନ୍ୟ ପୋଲଟିଏ ନାହିଁ, ପିଲା ପାଣିରେ ପଶି ସ୍କୁଲ୍ ଯାଉଛନ୍ତି । ପୁଷ୍ଟିକର ଖାଦ୍ୟ ଅଭାବରୁ ଶିଶୁ ମୃତ୍ୟୁ ହେଉଛି, ଆସନ୍ନ ପ୍ରସବା ମହିଳା ଚିକିତ୍ସା ଅଭାବରୁ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି । ଅନେକ ଉପାନ୍ତ ଅଞ୍ଚଳରେ ଗମନାଗମନର ସୁବିଧା ସୁଯୋଗ ଉପଲବ୍ଧ ହେଉ ନାହିଁ । ପ୍ରକୃତ ହିତାଧିକାରୀମାନେ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି, ଦଲାଲ୍‌ମାନେ ମାଲାମାଲ୍ ହେଉଛନ୍ତି । ଅତ୍ୟାବଶ୍ୟକ ସାମଗ୍ରୀ, ଔଷଧର ଆକାଶଛୁଆଁ ଦର ବୃଦ୍ଧି ଉପରେ ନିୟନ୍ତ୍ରଣ ରଖିବା କ'ଣ ସରକାରଙ୍କ ଦାୟିତ୍ୱ ନୁହେଁ? ଦରଦାମ ବଢୁଛି , ବଢୁଥିଲା ଆଗକୁ ମଧ୍ୟ ବଢିବ ତେବେ ଏହାର ସମାଧାନ ବା ବିକଳ୍ପ କଣ ? କେବଳ ସରକାରୀ ଚାକିରିଆଙ୍କ ଦରମା , ଭତ୍ତା , ପେନସନ ବଢ଼ାଇ ଦେଲେ କ'ଣ ସମାଧାନ ହୁଏ ? ନା ତୃଣମୂଳ ସ୍ତରକୁ ଯାଇ ଦର ବୃଦ୍ଧିକୁ ନିୟନ୍ତ୍ରଣ କରାଯାଏ ? ସାଧାରଣ ଜନତା ଏପରି ଅପରିଣାମଦର୍ଶୀ କାର୍ଯ୍ୟ ସ୍ୱାଧୀନତା ପରଠାରୁ ଅଙ୍ଗେ ଅଙ୍ଗେ ନିଭେଇ ଆସିଲେଣି । ତଥାପି ଜୀବନ ସଂଗ୍ରାମର ଆହ୍ୱାନ ଭିତରେ ଆମେ ବଞ୍ଚିଛୁ ।

ପେଟ୍ରୋଲ କିଏ ବେଶି ଖର୍ଚ୍ଚ କରୁଛନ୍ତି ? ଏକାଧିକ ଗାଡ଼ିର ମାଲିକମାନଙ୍କୁ ସତର୍କ କରିବା ସହିତ ପବ୍ଲିକ ଟ୍ରାନ୍ସପୋର୍ଟ ଉପରେ ଗୁରୁତ୍ୱ ଦିଆଯାଇପାରେ , ଲାଭକ୍ଷତିର ହିସାବ ଛାଡି ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ତଥା ତୈଳ ଆମଦାନିକୁ ହ୍ରାସ କରିବାକୁ ସରକାର ମେଟ୍ରୋ ରେଳ ପ୍ରକଳ୍ପର ପୁନଃ ବିଚାର କରନ୍ତୁ । ବର୍ତ୍ତମାନ ଦେଶର ଅଶୀ ଭାଗ ଲୋକ ଦୁଇ ବେଳା ପେଟ ପୂରାଇ ଖାଇବା କଷ୍ଟକର ବ୍ୟାପାର ହୋଇଯାଉଛି । ବାକି କୋଡ଼ିଏ ଭାଗ ଲୋକ ଦେଶର ଶତ୍ରୁ ପରି ଅଯଥା ଖର୍ଚ୍ଚରେ ଲିପ୍ତ ଥିବା ପର୍ଯ୍ୟନ୍ତ ଏହିପରି ପରିସ୍ଥିତି ଚାଲି ଥିବ । ମହାତ୍ମା ଗାନ୍ଧୀଙ୍କ ସ୍ୱଦେଶୀ ଅଭିଯାନ ବଦଳରେ ଏବେ ବିଦେଶୀ ଅଭିଯାନ ଦ୍ରୁତ ବେଗରେ ଆରମ୍ଭ ହୋଇଛି । କର୍ମସଂସ୍ଥାନର ଦ୍ୱାହି ଦେଇ ଡାକି ଡାକି ବିଦେଶୀ କମ୍ପାନୀମାନଙ୍କୁ ଦେଶରେ ପୂରାଉଛନ୍ତି । ଆମ ଦେଶରେ ସେମାନେ ମାଲିକ ବୋଲାଇବେ ଆଉ ଆମ ପିଲା ଚାକର ହୋଇ ପେଟ ପୋଷିବେ । ବିଦେଶୀଙ୍କୁ ନ'ପୂରାଇ ରାଜ୍ୟ କ'ଣ ସ୍ୱାବଲମ୍ବୀ ହୋଇପାରିବନାହିଁ ? ଭଗବାନଙ୍କୁ ପ୍ରାର୍ଥନା, ଅତୀତର ଇଷ୍ଟ ଇଣ୍ଡିଆ କମ୍ପାନୀ ପରି ପରିସ୍ଥିତି ରାଜ୍ୟରେ ନ'ହେଉ। କର୍ମ ସଂସ୍ଥାନ ପାଇଁ ନିଜସ୍ୱ ମାଲିକାନାରେ ରୋଜଗାର ବ୍ୟବସ୍ଥାକୁ ଅଗ୍ରାଧିକାର ଦେବା ଉଚିତ। ଠିକ୍ ଅଛି ଭାଇମାନେ ଆପଣ ଦେଶର ଅର୍ଥନୀତି ସଜାଡ଼ିବା ପାଇଁ ଯାହା ଠିକ୍ ମନେ କରିବେ କରନ୍ତୁ, ଆମେ ଗାନ୍ଧୀଜୀଙ୍କ ତିନି ମାଙ୍କଡ ପରି ଆଚରଣ କରିବୁ, ଅନ୍ୟଥା ସରକାରଙ୍କ ଚକ୍ଷୁରେ ଦେଶଦ୍ରୋହୀ ବୋଲାଇବୁ। ତଥାପି ଜୀବନ ସଂଗ୍ରାମର ଆହ୍ୱାନ ଭିତରେ ଆମେ ବଞ୍ଚିଛୁ ।

ବିଦେଶୀ ମୁଦ୍ରା ପାଇଁ ପର୍ଯ୍ୟଟନ ଶିଳ୍ପର ବିକାଶ ଅନିବାର୍ଯ୍ୟ, ରପ୍ତାନୀ ବୃଦ୍ଧିର ଆବଶ୍ୟକ ଜରୁରୀ । ଦେଶକୁ ସ୍ୱାବଲମ୍ବୀ କରିବା ସହିତ କୃଷି ଶିଳ୍ପ ଉପରେ ଗୁରୁତ୍ୱ ଦେବାର ସମୟ ଉପନୀତ । ଦୁର୍ନୀତିରେ ବୁଡିଥିବା ବ୍ୟକ୍ତିଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ତଥା ଦୁର୍ନୀତି ମୁକ୍ତ ଶାସନ ଉପରେ ଗୁରୁତ୍ୱ ଦେବା ନିହାତି ଜରୁରୀ। ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଲେଖା କବିତା ମନେ ପଡ଼ି ଯାଏ.. 'ମିଶୁ ମୋର ଦେହ ଏ ଦେଶ ମାଟିରେ ଦେଶବାସୀ ଚାଲି ଯାଆନ୍ତୁ ପିଠିରେ, ସ୍ୱରାଜ୍ୟ ପଥେ ଅଛି ଯେତେ ଗାଡ ପୂରୁ ତହିଁ ପଡି ମୋର ମାଂସ ହାଡ଼ ।'

ଏକଥାର ଗୁରୁତ୍ୱ କେତେଜଣ ଶାସକ ବୁଝନ୍ତି ? ଉତ୍କଳମଣି ଗୋପବନ୍ଧୁ ଦାସ ମହାଶୟଙ୍କୁ କେତେ ଜଣ ମନେ ରଖିଛନ୍ତି ? ଗାଦୀର ମୋହ ଗରିବର ଲୁହ.... ଏକ ଅପ୍ରିୟ ସତ୍ୟ ଉବାଚ । ଶବ ଯେଉଁଠି ବ୍ୟାଙ୍କରେ ଟିପ ଚିହ୍ନ ପାଇଁ ଲୋଡ଼ା ପଡ଼େ, ନାରୀ ଯେତେବେଳେ ଇଜ୍ଜତ ପାଇଁ କାକୁତି ମିନତି ହୁଏ ସେଠି ସମସ୍ତେ ନିରବ ନିଦା ବିଷ୍ଣୁ ସାଜନ୍ତି । ଧୃତଷ୍ଟରାଷ୍ଟ୍ରଙ୍କ ପରି ଅନ୍ଧ ମହାରାଜାଙ୍କର ଆବଶ୍ୟକତା ଜନତା ଉପଲବ୍ଧି କରୁ ନାହାନ୍ତି । ଦ୍ରୌପଦୀଙ୍କ ବସ୍ତ୍ର ହରଣ କରିବା ସମୟରେ କୁରୁ ସଭାରେ ଉପସ୍ଥିତ ସୁର ବୀରମାନେ ସାମାନ୍ୟ ବିରୋଧ କଲେ ନାହିଁ କାହିଁକି ? ଆମେ କଣ ଏହି ସଭ୍ୟତାକୁ ଅନୁକରଣ କରୁଛୁ ନା ଅନ୍ୟକିଛି ?

ମୋ: ୯୯୩୭୧୭୪୦୯୭

# ଗଛ କାଟି ନିଆଁ ଲଗାଉଛନ୍ତି ଦୁର୍ବୃତ୍ତ, ସଫା ହେଉଛି ଜଙ୍ଗଲ; ନୀରବ ବନ ବିଭାଗ !

ପାରଳାଖେମୁଣ୍ଡି, ୨୩।୬(ନିପ୍ର): ଗଜପତି ଜିଲ୍ଲାର ବିଭିନ୍ନ ବନାଞ୍ଚଳରେ ଲଗାତାର ଭାବେ ବନଧ୍ୱଂସ ଘଟୁଥିବା ଅଭିଯୋଗ ଉଠୁଥିବା ବେଳେ ବନ ବିଭାଗର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଞ୍ଜିଲିଙ୍ଗ ସଂରକ୍ଷିତ ଜଙ୍ଗଲରେ ବ୍ୟାପକ ଗଛ କଟା ଓ ନିଆଁ ଲଗାଇବା ଘଟଣା ନେଇ ଚର୍ଚ୍ଚା ଥମି ନଥିବା ବେଳେ, ଏବେ ଦେବଗିରି ବନାଞ୍ଚଳ ଅଧୀନ ପାଟତଡା ଅଞ୍ଚଳରୁ ମଧ୍ୟ ସମାନ ଚିତ୍ର ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଅଞ୍ଚଳରେ ଥିବା ବଡ଼ ବଡ଼ ଗଛଗୁଡ଼ିକୁ କାଟି ନେବା ପରେ ଅବଶିଷ୍ଟ ଡାଳପତ୍ର ଓ କାଠ ଖଣ୍ଡକୁ ନିଆଁ ଲଗାଇ ଦିଆଯାଇଛି। ଫଳରେ ବିଶାଳ ଅଞ୍ଚଳରେ ଜଙ୍ଗଲ ସଫା ହୋଇଯାଇଥିବା ଭଳି ଦୃଶ୍ୟ ସୃଷ୍ଟି ହୋଇଛି। ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଏବଂ ପରିବେଶ ସନ୍ତୁଳନ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ ବୋଲି ପରିବେଶ ପ୍ରେମୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏଭଳି ବ୍ୟାପକ ବନଧ୍ୱଂସ ଘଟୁଥିବା ସତ୍ତ୍ୱେ ବନ ବିଭାଗ ଏ ସମ୍ପର୍କରେ ଅବଗତ ନଥିବା କଥା କୁହାଯାଉଛି। ଜଙ୍ଗଲ ସୁରକ୍ଷା ଓ ବନ



ସମ୍ପଦର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ବିଭାଗ ଯଦି ନିଜ ଅଞ୍ଚଳରେ ଘଟୁଥିବା ଏପରି ଘଟଣାକୁ ଠିକ୍ ସମୟରେ ଚିହ୍ନଟ କରିପାରୁ ନାହିଁ, ତେବେ ଜଙ୍ଗଲ ସୁରକ୍ଷା ବ୍ୟବସ୍ଥା କେତେ ସକ୍ରିୟ ତାହା ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ବାରମ୍ବାର ଗଛ କଟା ଓ ନିଆଁ ଲଗାଇବା ଭଳି ଘଟଣା ସାମ୍ନାକୁ ଆସୁଥିଲେ ମଧ୍ୟ ଦୋଷୀଙ୍କ ବିରୋଧରେ ଦୃଶ୍ୟମାନ ଓ କଠୋର କାର୍ଯ୍ୟାନୁଷ୍ଠାନ ନ ହେବା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। କିଏ ଏହି ବନଧ୍ୱଂସ ପଛରେ ରହିଛି, କାହା ସହଯୋଗରେ ଗଛ କଟାଯାଉଛି ଏବଂ ନିଆଁ ଲଗାଯାଉଛି, ତାହାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି। ଏ ସମ୍ପର୍କରେ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ. ନାଗରାଜୁ କହିଛନ୍ତି ଯେ, ଗଛ କଟାଯାଇଥିବା ଅଞ୍ଚଳଟି ବନ ବିଭାଗ ଅଧୀନ ସଂରକ୍ଷିତ ଜଙ୍ଗଲ ନୁହେଁ, ବରଂ ରାଜସ୍ୱ କିମ୍ବା ଗ୍ରାମ୍ୟ ଜଙ୍ଗଲ ଅନ୍ତର୍ଗତ। ତଥାପି ଘଟଣାକୁ ଗୁରୁତ୍ୱର ସହ ନେଇ ଦେବଗିରି ବନାଞ୍ଚଳରେ କେସ ନମ୍ବର–୧/୨୬ ରୁଜୁ କରାଯାଇଛି। ଏହା ସହ ସମ୍ପୃକ୍ତ ତହସିଲଦାରଙ୍କୁ ଅବଗତ କରାଯାଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି।

# ୩୬ ହଜାର ଟଙ୍କାର କେନ୍ଦୁପତ୍ର ଜବତ

ରାଉରକେଲା, ୨୩।୬ (ନିପ୍ର): ରେଳ ଷ୍ଟେସନରେ ଅନାବଶ୍ୟକ ଉପାଦାନ ବିରୋଧରେ ଚାଲିଥିବା ଅଭିଯାନ ସମୟରେ ରେଳ ସୁରକ୍ଷା ବଳ ଏକ ବଡ଼ ଅଭିଯାନ ଚଳାଇ ୯ ପ୍ୟାକେଟ୍ କେନ୍ଦୁପତ୍ର ଜବତ କରିଛି। ଅଧିକାରୀ ଏବଂ କର୍ମଚାରୀମାନଙ୍କ ସହାୟତାରେ ଷ୍ଟେସନ ପରିସର ମଧ୍ୟରେ ଉପର ଏବଂ ତଳ ଟ୍ରେନଗୁଡ଼ିକରେ ଅଚାନକ ଏବଂ ସମ୍ପୂର୍ଣ୍ଣ ତଲାସୀ ଆରମ୍ଭ କରିଥିଲେ। ତଲାସୀ ସମୟରେ ବିଶ୍ୱସ୍ତ ସୂତ୍ରରୁ ବନଜାତ ଦ୍ରବ୍ୟର ଅବୈଧ ପରିବହନ ବିଷୟରେ ସୂଚନା ମିଳିଥିଲା। ସୂଚନା ଆଧାରରେ, ତଲାସୀ ପ୍ରକ୍ରିୟାକୁ ଜୋରଦାର କରାଯାଇଥିଲା। ପ୍ଲାଟଫର୍ମ ନମ୍ବର ୪ରୁ କପଡାରେ ଗୁଡ଼ାଯାଇଥିବା କେନ୍ଦୁ ପତ୍ରର ୯ ପ୍ୟାକେଟ୍ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଥିବା ଯାତ୍ରୀମାନଙ୍କୁ ପଚରାଯାଇଥିଲା।

କିନ୍ତୁ କେହି ସେହି ପ୍ୟାକେଟ୍ ଦାବି କରି ନଥିଲେ। ସବ-ଇନ୍ସପେକ୍ଟର ମୁକେଶ କୁମାର ସିଂହ ସମସ୍ତ ପ୍ୟାକେଟ୍ ଜବତ କରିଥିଲେ ଏବଂ କୁଲିମାନଙ୍କ ସହାୟତାରେ ସେଗୁଡ଼ିକୁ ରାଉରକେଲାର ରେଳ ସୁରକ୍ଷା ବଳ ପୋଷ୍ଟକୁ ପରିବହନ କରାଯାଇଥିଲା। ପରେ ବନ ବିଭାଗକୁ ସୂଚନା ଦିଆଯିବାରୁ ବନ ବିଭାଗ ଅଧିକାରୀମାନେ ସୋମବାର ସକାଳ ପ୍ରାୟ ୧୧ଟାରେ ପୋଷ୍ଟରେ ପହଞ୍ଚି ସଠିକ୍ ରସିଦ ସହିତ ଜବତ ହୋଇଥିବା ୯ଟି ପ୍ୟାକେଟକୁ ନିଜ ଅଧୀନକୁ ନେଇଥିଲେ। ବନ ବିଭାଗ ଏହି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ଜବତ କେନ୍ଦୁ ପତ୍ରଗୁଡ଼ିକର ମୂଲ୍ୟ ପ୍ରାୟ ୩୬,୦୦୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି ଅପରେସନରେ ଜଚର ଏସ୍ଆଇ ଏମ୍. କେ. ସିଂହ, ଏଏସ୍ଆଇ ଡି.କେ. ଶର୍ମା, ଏଏସ୍ଆଇ ଏଚ୍ ସୋରେନ୍, ହେଡ୍ କନେଷ୍ଟବଲ ଜି.କେ. ପ୍ରଭାକର, ଏବଂ ହେଡ କନେଷ୍ଟବଲ ସମୀନା କୁମାରୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ

ଧାମନଗର, ୨୩।୬ (ନିପ୍ର): ଧାମନଗର ପଞ୍ଚାୟତ ସେମିତି କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ସଫଳତାର ୨ ବର୍ଷ ପୂର୍ତ୍ତି ଅବସରରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଭବ୍ୟ ସମାରୋହରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ ଶ୍ରୀ ସୂରଜ ଗତ ୨ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଅଭୂତପୂର୍ବ ସଫଳତା ଏବଂ କେନ୍ଦ୍ରର ମୋଦି ସରକାରଙ୍କ ୧୨ ବର୍ଷର ଜନକଲ୍ୟାଣ ଓ ବିକାଶମୂଳକ କାର୍ଯ୍ୟ ସଂପର୍କରେ ଲୋକମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ। ଏଥିସହ ସେ ଧାମନଗର ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ଓ ଭିତ୍ତିଭୂମିର ବିକାଶ ଲାଗି ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଯୋଜନାର ଏକ ଚିଠା ପ୍ରଦାନ କରିଥିଲେ। ମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟମ ଓ ଦୃଢ଼ ନେତୃତ୍ୱ ଯୋଗୁଁ ଆଗାମୀ ଦିନରେ ଧାମନଗର ବିକାଶର ସର୍ବୋଚ୍ଚ ଶୀର୍ଷରେ ପହଞ୍ଚିବ ବୋଲି ଏହି ଅବସରରେ ମତପ୍ରକାଶ ପାଇଛି। ଗତ ୨ ବର୍ଷ ମଧ୍ୟରେ ନିଆଯାଇଥିବା ବଳିଷ୍ଠ ପଦକ୍ଷେପ ଯୋଗୁଁ ଧାମନଗରକୁ ବନ୍ୟା ଦାଉରୁ ଏକ ପ୍ରକାର ରକ୍ଷା କରାଯାଇ ପାରିଛି ବୋଲି ମନ୍ତ୍ରୀ କହିଥିଲେ। କ୍ରୀଡ଼ା କ୍ଷେତ୍ରରେ ସ୍ଥାନୀୟ ପ୍ରତିଭାଙ୍କୁ ଆଗକୁ ଆଣିବା ପାଇଁ ବ୍ଲକରେ ବ୍ୟାପକ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ହେଉଥିବା ସେ ପ୍ରକାଶ କରିଥିଲେ। ଏଥି ସହ ମନ୍ତ୍ରୀ ଶ୍ରୀ ସୂରଜ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ଏବଂ ସହାୟତା ରାଶିର ଚେକ୍ ପ୍ରଦାନ କରିଥିଲେ। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ମୃତ୍ୟୁକାଳୀନ ସହାୟତା ବାବଦକୁ ବିଷ୍ଣୁ ଚରଣ ନନ୍ଦୀଙ୍କୁ ୩ ଲକ୍ଷ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ କନ୍ୟା ବିବାହ ସହାୟତା ବାବଦରେ ଲକ୍ଷ୍ମୀଧର ଜେନା ଓ ସେକ୍ ସାବାଜାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଧାମନଗର ବିଡିଓ ବନବିହାରୀ ଦିନ୍ଦା କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ଜନ କଲ୍ୟାଣ ମେଳା

ରାୟଗଡା, ୨୩।୬ (ନିପ୍ର):ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା , ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ରାୟଗଡ଼ ପୌରପରିଷଦ ପକ୍ଷରୁ ରାୟଗଡ଼ ଅଡିଟୋରିୟମ୍ ପରିସରରେ "ଜିଲ୍ଲାସ୍ତରୀୟ ଜନ କଲ୍ୟାଣ ମେଳା" ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାୟଗଡ଼ ଜିଲ୍ଲା ନଗର ଉନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ କୁମାର ଖେମୁଣ୍ଡ ମୁଖ୍ୟ ଏଟିଆଇଟିଏଚଆଇ ଭାବେ ଯୋଗଦାନ କରିଥିଲେ ତାଙ୍କ ସହିତ ପୌରପରିଷଦର ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ପୌରପରିଷଦର ସମସ୍ତ କାଉନ୍ସିଲର, ଜିଲ୍ଲା ମିଶନ ମ୍ୟାନେଜର, ଟିମ୍ ଲିଡର- ଡୁଡା, ଏଲ.ଡି.ଏମ, କମ୍ୟୁନିଟି ଅର୍ଗାନାଇଜର ଏବଂ ପୌରପରିଷଦର ଅନ୍ୟାନ୍ୟ କର୍ମଚାରୀମାନଙ୍କ ସକ୍ରିୟ ସହଯୋଗ ଓ ଅବଦାନ ଯୋଗୁଁ କାର୍ଯ୍ୟକ୍ରମଟି ସଫଳ ଭାବେ ସମ୍ପନ୍ନ ହୋଇଥିଲା। ରାୟଗଡ଼ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ। ଏହି ଜନ କଲ୍ୟାଣ ମେଳାରେ ରାସ୍ତା ପାର୍ଶ୍ୱ ବ୍ୟବସାୟୀମାନଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଏବଂ କଲ୍ୟାଣମୂଳକ ଯୋଜନା ସହିତ ସଂଯୋଗ କରାଯାଇଥିଲା। ସେମାନଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ସୁରକ୍ଷା ବୀମା ଯୋଜନା, ନିର୍ମାଣ ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ଜନନୀ ସୁରକ୍ଷା ଯୋଜନା, ମାତୃବନ୍ଦନା ଯୋଜନା ଆଦି ସମେତ ୮ଟି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ସଂଯୋଗ କରାଯାଇଥିଲା। କାର୍ଯ୍ୟକ୍ରମରେ ମୋଟ ୧୨୩ ଜଣ ନୂତନ ରାସ୍ତା ପାର୍ଶ୍ୱ ବ୍ୟବସାୟୀଙ୍କୁ ଚିହ୍ନଟ କରାଯାଇ ଥିଲା । ନୂତନ ଭାବେ ମଞ୍ଜୁର ହୋଇଥିବା ଋଣ ରାଶିକୁ ଦୁଇଜଣ ରାସ୍ତା ପାର୍ଶ୍ୱ ବ୍ୟବସାୟୀଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ ସ୍ୱ ହସ୍ତରେ ଚେକ ପ୍ରଦାନ କରି ସମ୍ମାନିତ କରିଥିଲେ । ସେହିପରି ୧୦ ଜଣ ନୂତନ ରାସ୍ତା ପାର୍ଶ୍ୱ ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାସ୍ତା ପାର୍ଶ୍ୱ ବ୍ୟବସାୟୀମାନଙ୍କ ଦକ୍ଷତା ବୃଦ୍ଧି ଓ ନିରାପଦ ଖାଦ୍ୟ ବିକ୍ରୟକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଖାଦ୍ୟ ସୁରକ୍ଷା ଓ ସ୍ୱଚ୍ଛତା ସମ୍ପର୍କିତ ଏକ ଦକ୍ଷତା ବିକାଶ ପ୍ରଶିକ୍ଷଣ ମଧ୍ୟ ଆୟୋଜିତ ହୋଇଥିଲା। ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣକାରୀ ବ୍ୟବସାୟୀମାନଙ୍କୁ ସ୍ୱଚ୍ଛ ଓ ନିରାପଦ ଖାଦ୍ୟ ପ୍ରସ୍ତୁତି, ସଂରକ୍ଷଣ ଓ ବିକ୍ରୟ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଜନ କଲ୍ୟାଣ ମେଳା ମାଧ୍ୟମରେ ରାସ୍ତା ପାର୍ଶ୍ୱ ବ୍ୟବସାୟୀମାନଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁବିଧା ସହିତ ସଂଯୋଗ କରାଯାଇ ସେମାନଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ରାୟଗଡ଼ ପୌରପରିଷଦ ତରଫରୁ ଏକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି।

# ନାଲକୋ କର୍ମଚାରୀ ପରିବାରଙ୍କ ସୁରକ୍ଷା ନେଇ ବିକ୍ଷୋଭ

ଦାମନଯୋଡ଼ି, ୨୩/୬(ନିପ୍ର): କୋରାପୁଟ ଜିଲ୍ଲା ଦାମନଯୋଡି ସ୍ଥିତ ନାଲକୋ କର୍ମଚାରୀଙ୍କ ପରିବାର ସୁରକ୍ଷାକୁ ନେଇ କର୍ମଚାରୀଙ୍କ ପରିବାରର ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବର ଅନୁଯାୟୀ କର୍ମଚାରୀମାନେ ବସବାସ କରୁଥିବା ନାଲକୋ ଟାଉନସିପର ଜନୈକ ମହିଳା ଗତ ୧୮ ତାରିଖ ସାନ୍ଧ୍ୟ ଭ୍ରମଣ କରୁଥିବା ବେଳେ ଜଣେ ଦୁର୍ବୃତ୍ତ ମହିଳାଙ୍କୁ ଅସଦାଚରଣ କରିଥିବା ନେଇ ମହିଳା ଜଣକ ଅଭିଯୋଗ କରିବା ସହିତ ଥାନାରେ ଏତଲା ଦେଇଛନ୍ତି ବୋଲି ଜଣାପଡ଼ିଛି । ଉକ୍ତ ଘଟଣାକୁ ଭିତ୍ତି କରି ନାଲକୋ କର୍ମଚାରୀ ପରିବାରର ଶହ ଶହ ମହିଳା ଓ ଯୁବତୀ ନାଲକୋ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପରିବାର ସୁରକ୍ଷା ସମ୍ବଳିତ ଦାବି ପତ୍ର ମୁଖ୍ୟ ମହାପ୍ରବନ୍ଧକଙ୍କୁ ପ୍ରଦାନ କରିବା ସହିତ ଆଲୋଚନା କରିଥିଲେ । ପ୍ରକାଶ ଥାଉକି, ନାଲକୋ ଟାଉନସିପ ଅଞ୍ଚଳରେ କେତେକ ଅଣ କର୍ମଚାରୀ ପରିବାର ଭଡ଼ାରେ ରହୁଥିବା ବେଳେ ଠିକାଦାର ଶ୍ରମିକ ମାନେ ମଧ୍ୟ ସେଠାରେ ରହୁଛନ୍ତି । ସନ୍ଧ୍ୟା ସମୟରେ ସେମାନଙ୍କ ମଧ୍ୟରୁ କେତେକ ଅସାମାଜିକ ଲୋକ ପାର୍କ, ରାସ୍ତା, ବଜାର ଆଦିରେ ଅବୈଧ ଭାବେ ଭ୍ରମଣ କରିବା ସହିତ ମହିଳା ଓ ଝିଅମାନଙ୍କୁ ଅଶାଳୀନ ବ୍ୟବହାର କରୁଥିବା ମହିଳା ମାନେ ଅଭିଯୋଗ କରିଛନ୍ତି । ରାସ୍ତାରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ଅଚଳ ସି ସି କ୍ୟାମେରା ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା, ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ଆଦି ବିଭିନ୍ନ ଦାବି ସମ୍ବଳିତ ଦାବି ପତ୍ର ପ୍ରଦାନ କରାଯାଇଥିବା ମହିଳାମାନେ କହିଛନ୍ତି । ଏହାକୁ ବିଚାର କରି ନାଲକୋ କର୍ତ୍ତୃପକ୍ଷ ଉଚିତ୍ ପଦକ୍ଷେପ ଗ୍ରହଣ କରିବେ ବୋଲି ନାଲକୋ କର୍ମଚାରୀ ଓ ତାଙ୍କ ପରିବାର ଆଶା ବ୍ୟକ୍ତ କରିଛନ୍ତି ।

# ଭାପୁର :୬୦ ହଜାର ଚାରା ବଣ୍ଟନ ଲକ୍ଷ୍ୟ

ଭାପୁର, ୨୩।୬ (ନିପ୍ର): ରାଜ୍ୟରେ ଦିନକୁ ଦିନ ପରିବେଶ ବିଗିଡ଼ିବାରେ ଲାଗିଛି ।ଅନିୟମିତତା ବର୍ଷା ଓ ତାପମାତ୍ରା ବୃଦ୍ଧି ହେବା ଯୋଗୁଁ ପରିବେଶବିତମାନଙ୍କ ମଧ୍ୟରେ ଚିନ୍ତାର କାରଣ ହୋଇଛି। ଏହାର ପ୍ରତିକାର ପାଇଁ ଜଙ୍ଗଲର ରକ୍ଷଣାବେକ୍ଷଣ ସହ ନୂତନ ଜଙ୍ଗଲ ସୃଷ୍ଟି କରିବା ଅପରିହାର୍ଯ୍ୟ ହୋଇପଡିଛି। ଏଥିପାଇଁ ପ୍ରତି ବର୍ଷ ଟାଙ୍ଗରା ଭୂଇଁରେ ନୂତନ ଜଙ୍ଗଲ ସୃଷ୍ଟି କରିବା ସହିତ ରାସ୍ତା ପାର୍ଶ୍ୱରେ ଚାରା ରୋପଣ କରିବା ନିହାତି ଆବଶ୍ୟକ ହୋଇ ପଡିଛି। ଏଥିପାଇଁ ରାଜ୍ୟ ସରକାର ପ୍ରତି ବର୍ଷ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି କିନ୍ତୁ ଏହା ଭାପୁର ବ୍ଲକରେ ପ୍ରହସନରେ ପରିଣତ ହୋଇଛି।



ଚଳିତ ବର୍ଷ ଭାପୁର ବ୍ଲକର ପ୍ରତି ଗାଁଗାଁରେ ଜଙ୍ଗଲ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଖଣ୍ଡପଡା ବନାଞ୍ଚଳ ଅଧୀନ ଭାପୁର ବ୍ଲକ ସେକ୍ସନର ଦୁର୍ଗାପୁର ସ୍ଥାୟୀ ନର୍ସରୀରୁ ୬୦ ହଜାର ଚାରା ବଣ୍ଟନ ହେବା ପାଇଁ ଧାର୍ଯ୍ୟ କରାଯାଇଥିବା ଫରେଷ୍ଟର ସୁବାସ ଚନ୍ଦ୍ର ନାୟକ କହିଛନ୍ତି ।ଜୁଲାଇ ମାସ ପ୍ରଥମ ସପ୍ତାହ ଅର୍ଥାତ ବନ ମହୋତ୍ସବ ସପ୍ତାହରୁ ଚାରା ବଣ୍ଟନ କରାଯିବ। ପ୍ରତି ଚାରାର ମୂଲ୍ୟ ଏକ ଟଙ୍କା ରହିଥିବା ବେଳେ ବିଭିନ୍ନ ସରକାରୀ ଅନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନକୁ ମାଗଣାରେ ଚାରା ବଣ୍ଟନ କରାଯିବ ।ଏହି ଚାରା ମଧ୍ୟରେ କାଜୁ,ସଜନା,ଅମୃତ ଭଣ୍ଡା,ଶିଶୁ,ଆକାଶିଆ ଚାରା ରହିଥିବା ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

# 'ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଡାକ୍ତର ଅଭାବ: କେବେ ହେବ ପଦବି ପୂରଣ'

ବଲାଙ୍ଗିର, ୨୩।୬ (ନିପ୍ର): ନୂଆ ସରକାରଙ୍କ ଠାରୁ ଲୋକଙ୍କର ବହୁତ ଆଶା ଥିଲା। ବିଶେଷ କରି ନୂଆ ତିଆରି ହୋଇଥିବା ମେଡିକାଲ କଲେଜ ଓ ସଦର ମହକୁମାରେ ଥିବା ଜିଲ୍ଲା ସଦର ଡାକ୍ତରଖାନା ଏବଂ ତା ସହ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ଗୁଡିକରେ ଥିବା ଡାକ୍ତର ଓ କର୍ମଚାରୀ ଅଭାବକୁ ଏହି ସରକାର ଗୁରୁତ୍ୱ ସହିତ ନେଇ ଏ ଅଭାବକୁ ପୂରଣ କରିବ। ତା ଉପରେ ପୁଣି ଆମ ଜିଲ୍ଲାରୁ ଆମେ ସ୍ୱାସ୍ଥ୍ୟ ମନ୍ତ୍ରୀ ପାଇଥିବାରୁ ଜିଲ୍ଲାବାସୀ ସ୍ୱାସ୍ଥ୍ୟସେବା ପାଇବା ଦିଗରେ ଅନେକ ଆଶାବାଦୀ ହୋଇଯାଇଥିଲେ। କିନ୍ତୁ ଦୁଃଖର କଥା ଖୋଦ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଜିଲ୍ଲାରେ ଡାକ୍ତରଙ୍କ ଘୋର ଅଭାବ ଦେଖାଦେଇଛି। ନୂଆ ସରକାର ଦୁଇ ବର୍ଷ ହେଲାଣି ଏହି ଡାକ୍ତର ପଦବୀ ଗୁଡିକୁ ଆଉ କେବେ ପୂରଣ କରିବେ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଆଜି ଜିଲ୍ଲା ସଦର ମହକୁମା ହସପିଟାଲକୁ ପରିଦର୍ଶନରେ ଆସି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବିନା ନର୍ସିଂ ଷ୍ଟାଫ୍‌ରେ ଲୋକେ କେମିତି ଚିକିତ୍ସା ପାଇବେ। ସମଗ୍ର ଜିଲ୍ଲାର ଚିକିତ୍ସା, ଅଣଚିକିତ୍ସା କର୍ମଚାରୀଙ୍କ ସ୍ଥିତି ଦେଖିଲେ ଅଧାରୁ ଅଧିକ ପଦବୀ ଖାଲି ପଡିଛି। ଲୋକେ ବାରମ୍ବାର ଦାବି କଲେ ବି ଆମ ଜିଲ୍ଲାର ସ୍ୱାସ୍ଥ୍ୟ ମନ୍ତ୍ରୀ କାହିଁକି ଚୁପ୍ ପଡିଛନ୍ତି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି । ଆଜି ପରିଦର୍ଶନ ବେଳେ ଡାକ୍ତରଖାନାର ସ୍ୱଚ୍ଛତାକୁ ଦେଖି ଶ୍ରୀ ମିଶ୍ର କିଛିଟା ଆଶ୍ୱସ୍ତି ପ୍ରକାଶ କରିଥିଲେ। ତା ସହ ହସପିଟାଲରେ ରେଡିଓଗ୍ରାଫର ନ ଥିବା ଯୋଗୁଁ ଦୂର ଦୂରାନ୍ତରୁ ଆସି ଭର୍ତ୍ତି ହୋଇଥିବା ରୋଗୀମାନେ ଅଲଟ୍ରାସାଉଣ୍ଡ କରିବା ପାଇଁ ବହୁତ ଅସୁବିଧା ଭୋଗିବା ବହୁତ ଦୁଃଖଦାୟକ ବୋଲି କହିଥିଲେ । ମେଡିସିନ, ସର୍ଜରୀ, ସ୍ତ୍ରୀ ଓ ପ୍ରସୁତି, ଶିଶୁ ରୋଗ ଏବଂ ଯକ୍ଷ୍ମା ରୋଗ ବିଭାଗରେ, ଇନ୍‌ଡୋର ରୋଗୀଙ୍କ ହାରାହାରି ଭର୍ତ୍ତିହାର ଦେଖିଲେ ପ୍ରାୟତଃ ଶତପ୍ରତିଶତ ରହିଛି କିନ୍ତୁ ଡାକ୍ତର ଏବଂ ନର୍ସିଂ ଷ୍ଟାଫଙ୍କ ବିନା ରୋଗୀ କିଭଳିଆ ସ୍ୱାସ୍ଥ୍ୟ ସେବା ପାଉଛି ସେ ଉପରେ ଶ୍ରୀ ମିଶ୍ର ଆଶଙ୍କା ପ୍ରକାଶ କରିଥିଲେ । ଜିଲ୍ଲାରେ ଥିବା ଦେଓଗାଁ, ଚୁଡାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପାଟଣାଗଡ, ଟିଟିଲାଗଡ ଉପଖଣ୍ଡ ସ୍ତରୀୟ ଡାକ୍ତରଖାନାର ମଧ୍ୟ ଷ୍ଟାଫ୍ ପୋଜିସନ ଅତି ଦୟନୀୟ ଥିବା ଆଲୋଚନା ବେଳେ ଜଣାପଡିଥିଲା। ଏହି ଡାକ୍ତର କର୍ମଚାରୀ ଅଭାବ ଶୀଘ୍ର ପୂରଣ କରନ୍ତୁ ବୋଲି ଗଣମାଧ୍ୟମ ଜରିଆରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଶ୍ରୀ ମିଶ୍ର ଅନୁରୋଧ କରିଛନ୍ତି । ଏହି ପରିଦର୍ଶନ ସମୟରେ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପାଞ୍ଜଳି ମିଶ୍ର, ଏଡିଏମ୍‌ଓ ଡା. ଲଳିତ ମୋହନ ବିଶି, ଡା. ପୁଷ୍ପରଂଜନ ମିଶ୍ର, ଡିପିଏମ୍ ରାଜେଶ୍ୱର ପଟ୍ଟନାୟକ, ହସ୍‌ପିଟାଲ ମ୍ୟାନେଜର ବନ୍ଦନା ପ୍ରଧାନ ହସପିଟାଲର ଷ୍ଟାଫ୍ ପୋଜିସନ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟା ଏବଂ ସୁବିଧା ପ୍ରଦାନକୁ ନେଇ ଶ୍ରୀ ମିଶ୍ରଙ୍କୁ ଅବଗତ କରିଥିଲେ ପରେ ଶ୍ରୀ ମିଶ୍ର ମେଡିସିନ ୱାର୍ଡ ଯାଇ ରୋଗୀମାନଙ୍କ ଠାରୁ ଚିକିତ୍ସା ସମ୍ବନ୍ଧରେ ମତାମତ ନେବା ସହ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଦ୍ରକ, ୨୩।୬ (ନିପ୍ର):ଭଦ୍ରକ ତିହିଡି ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୭୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୪୨ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୦ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡକ୍ରସ ଅଧୀନସ୍ଥ ୫ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୩ ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୫ଜଣ ଅଭିଯୋଗକାରୀଙ୍କୁ ମୋଟ ୨୬,୦୦୦/- ଟଙ୍କା ମଞ୍ଜୁର କରାଯାଇଛି। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୋଦ ପ୍ରହରାଜ, ତିହିଡି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ , ବ୍ଲକ ଉନ୍ନୟନ ଅଧିକାରୀ ନିରଞ୍ଜନ ବାରିକ, ତହସିଲଦାର ଶୁବାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ନାଲକୋ କର୍ମଚାରୀ ମୃତ, ୨ ଗୁରୁତର

ଦାମନଯୋଡି, ୨୩/୬(ନିପ୍ର): ଦାମନଯୋଡି ସ୍ଥିତ ନାଲକୋର କର୍ମଚାରୀ ସୂର୍ଯ୍ୟକାନ୍ତ ମହାନ୍ତି ନିଜ ସମ୍ପର୍କୀୟଙ୍କୁ ନେଇ ଗୁପ୍ତେଶ୍ୱର ନିଜ କାର୍ (ଓଡି ୦୫ପି ୯୦୭୬) ଯୋଗେ ବୁଲିବାକୁ ଯାଇଥିବା ବେଳେ କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଗୁପ୍ତେଶ୍ୱର ରାସ୍ତା ମାଣ୍ଡିକିଝରଣ ଛକ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟି ସୂର୍ଯ୍ୟକାନ୍ତ ଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି ଓ ଅନ୍ୟ ଦୁଇଜଣ ଚିକିତ୍ସିତ ହେଉଛନ୍ତି । ଖବରରୁ ପ୍ରକାଶ ଯେ, ମୃତ ସୂର୍ଯ୍ୟକାନ୍ତ ସୋମବାର ସକାଳୁ ଜଗତସିଂହପୁର ଜିଲ୍ଲାରୁ ଆସିଥିବା ନିଜ ସମ୍ପର୍କୀୟ ସୁଧୀର ନାୟକ ଓ ଧରିତ୍ରୀ ରଥଙ୍କୁ ନେଇ ଦାମନଯୋଡିରୁ ଗୁପ୍ତେଶ୍ୱର ନିଜ କାର୍ ଯୋଗେ ଯାଉଥିଲେ । ତେବେ ଠାକୁରଙ୍କୁ ଦର୍ଶନ କରିବା ପୂର୍ବରୁ ହିଁ ବାଟରେ କାର୍‌ଟି ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ଶବ୍ଦ ଶୁଣି ପାଖ ବିଲରେ କାମ କରୁଥିବା ଲୋକେ ପହଞ୍ଚି ରାମଗିରି ଥାନାକୁ ଖବର ଦେଇଥିଲେ । ପୁଲିସ ଆସି ଆହତ ମାନଙ୍କୁ ଉଦ୍ଧାର କରି ବୋଇପାରିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ସୂର୍ଯ୍ୟଙ୍କୁ ମୃତ ଘୋଷଣା କରିବା ସହିତ ସୁଧୀର ଓ ଧରିତ୍ରୀଙ୍କୁ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ଜୟପୁର ରୁ ସୁଧୀର ଓ ଧରିତ୍ରୀଙ୍କୁ ଉଚ୍ଚ ଚିକିତ୍ସା ପାଇଁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି । ଅନ୍ୟ ପକ୍ଷରେ ସୂର୍ଯ୍ୟଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକେ ପୁରୀ ସ୍ୱର୍ଗଦ୍ୱାରକୁ ନେଇ ଯାଇଥିଲେ । ସୂର୍ଯ୍ୟଙ୍କ ଧର୍ମପତ୍ନୀ ସ୍ଥାନୀୟ ଦିଲ୍ଲୀ ପବ୍ଲିକ ସ୍କୁଲ ରେ ଶିକ୍ଷୟିତ୍ରୀ ଥିବା ବେଳେ ତାଙ୍କର ୧୨/୧୩ ବର୍ଷର ପୁଅଟିଏ ଅଛି । ଖବର ପ୍ରସାରିତ ହେବା ପରେ ଦାମନଯୋଡି ଅଞ୍ଚଳରେ ଶୋକର ବାତାବରଣ ସୃଷ୍ଟି ହୋଇଥିଲା ।

**AFFIDAVIT**

By virtue of an affidavit sworn before Executive Magistrate Keonjhar, dated 22/06/2026 I Bulu Naik Son of Krushna Chandra Naik permanent Address AT- Balita, PO-Bileipada, P.S- Barbil, Dist-Keonjhar, pin- 758038 declare that I have changed the name of my Daughter from Ambrita Naik to Amrita Naik henceforth, I shall be known as Amrita Naik for all purposes.

Sd/-Bulu Naik

# ଅଙ୍ଗନୱାଡ଼ି କର୍ମୀଙ୍କୁ ସ୍ମାର୍ଟଫୋନ୍ ବଣ୍ଟନ

ଯୋଡ଼ା, ୨୩।୬ (ନିପ୍ର): ଯୋଡ଼ା ପୌର ପାଳିକା ଅଧୀନ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଡ଼ା ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳଙ୍କ ଉପସ୍ଥିତିରେ ଅଙ୍ଗନବାଡ଼ି କର୍ମୀମାନଙ୍କୁ ସ୍ମାର୍ଟଫୋନ୍ ବଣ୍ଟନ କରାଯାଇଥିଲା । ରାଜ୍ୟରେ ତୃଣମୂଳ ସ୍ତରରେ ଶିଶୁ ସୁରକ୍ଷା ଓ ଯତ୍ନ ସେବାକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଏକ ବଡ଼ ଡିଜିଟାଲ୍ ପଦକ୍ଷେପ ଗ୍ରହଣ କରିଛନ୍ତି। ସୋମବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଡ଼ା ପୌର ପାଳିକାର ୪୬ ରୁ ଅଧିକ ଅଙ୍ଗନୱାଡ଼ି କର୍ମୀଙ୍କୁ ସ୍ମାର୍ଟଫୋନ୍ ଆବଣ୍ଟନ କରିଛନ୍ତି। ରାଜ୍ୟ ସରକାରଙ୍କ କାର୍ଯ୍ୟକାଳର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରାଜ୍ୟରେ ତୃଣମୂଳ ସ୍ତରରେ ଶିଶୁ ସୁରକ୍ଷା ଓ ଯତ୍ନ ସେବାକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଏକ ବଡ଼ ଡିଜିଟାଲ୍ ପଦକ୍ଷେପ ଗ୍ରହଣ କରିଛନ୍ତି। ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ) ଯୋଜନାରେ କାର୍ଯ୍ୟରତ ସମ୍ମୁଖ ଭାଗର କର୍ମୀମାନଙ୍କ ମଧ୍ୟରେ ଏହା ଉତ୍ତମ ସମନ୍ୱୟ ରକ୍ଷା କରିବାରେ ସହାୟକ ହେବ। ବିକାଶର ଧାରା ଓଡ଼ିଶା ସାରା ଡିଜିଟାଲ କ୍ରାନ୍ତିର ଜୟଯାତ୍ରା ନିମନ୍ତେ ୪୬ ଜଣ ଅଙ୍ଗନୱାଡ଼ି କର୍ମୀ, ଜଣେ ସୁପରଭାଇଜର ଓ ଜଣେ ବ୍ଲକ ସଂଯୋଜକ ମାନଙ୍କୁ ଏହି ସ୍ମାର୍ଟ ଫୋନ ବଣ୍ଟନ କରାଯାଇଥିଲା। ରାଜ୍ୟ ସରକାରଙ୍କ କାର୍ଯ୍ୟକାଳର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଯୋଡ଼ା ପୌର ପାଳିକା ସିଡିପିଓ ମାନସୀ ବେହେରା ପରିଚାଳନା କରିଥିଲେ।

# କାଫେଟେରିଆ,ମିଲେଟ୍ ଶକ୍ତି କାଫେ ବନ୍ଦ

## ଯୋଗ୍ୟ ଡବ୍ଲ୍ୟୁଏସ୍ଏନ୍‌ଜିଙ୍କୁ ଦିଆଯାଉନାହିଁ, ସରକାରଙ୍କ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ପାଣିରେ !

ସୋନପୁର, ୨୩।୬(ନିପ୍ର): ସୁବର୍ଣ୍ଣପୁର ସହର ବ୍ଲକ ଛକ ସ୍ଥିତ ମିଲେଟ୍ ଶକ୍ତି କାଫେ, ଫାଷ୍ଟ ଫୁଡ୍ ସେଣ୍ଟର ଓ ଉଲୁଣ୍ଡା ବ୍ଲକ ହିକୁଡି ଛକ ଠାରେ ଥିବା ମିଶନ ଶକ୍ତି କାଫେଟେରିଆରେ ତାଲା ପଡ଼ିଛି। ମିଲେଟ୍ ଶକ୍ତି କାଫେ ୬ ମାସ ଊର୍ଦ୍ଧ୍ୱ ଧରି ବନ୍ଦ ରହିଛି। ନିକଟରେ ପୁଣି ବ୍ଲକ ଛକସ୍ଥିତ ସୁବର୍ଣ୍ଣଶ୍ରୀରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ସେହିପରି ହିକୁଡି ଛକସ୍ଥିତ କାଫେଟେରିଆ ପ୍ରାୟ ୨ ବର୍ଷ ହେବ ବନ୍ଦ ଥିବା ଜଣାପଡ଼ିଛି। ପରିଚାଳନା ଅବ୍ୟବସ୍ଥା ଓ ପ୍ରଶାସନିକ ଅଧିକାରୀଙ୍କ ତଦାରଖ ଅଭାବରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ମିଲେଟ୍ ଶକ୍ତି କାଫେ, ସୁବର୍ଣ୍ଣଶ୍ରୀ ଓ କାଫେଟେରିଆ ନିର୍ମାଣ ପାଇଁ ଜିଲା ପ୍ରଶାସନ, ସୋନପୁର ଓ ଉଲୁଣ୍ଡା ବ୍ଲକରୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ଏସବୁକୁ କାର୍ଯ୍ୟକ୍ଷମ କରିବାକୁ ପ୍ରଶାସନର ଆନ୍ତରିକତା ନ ଥିବା ଅଭିଯୋଗ ହେଉଛି। ଖୁବ୍‌ଶୀଘ୍ର ଯୋଗ୍ୟ ଡବ୍ଲ୍ୟୁଏସ୍ଏଚ୍‌ଜିଙ୍କୁ ଏହାର ପରିଚାଳନା ଦାୟିତ୍ୱ ପ୍ରଦାନ କରିବାକୁ ସାଧାରଣରେ ମତପ୍ରକାଶ ପାଇଛି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ତତ୍କାଳୀନ ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଉଦ୍ୟମକ୍ରମେ ମୁଣ୍ଡୋଘଟ ପଞ୍ଚାୟତର ମହାନଦୀ କୂଳ ହିକୁଡି ଠାରେ ମିଶନ ଶକ୍ତି କାଫେଟେରିଆ ଆରମ୍ଭ ହୋଇଥିଲା। ଉଲୁଣ୍ଡା ବ୍ଲକ ପକ୍ଷରୁ କାଫେଟେରିଆ ପାଇଁ ଘର, ଚାଲିବାକୁ ପକ୍କା ଫେଭର ରାସ୍ତା, ନଦୀ କୂଳରେ ବସି ଖାଇବା ପାଇଁ ସିମେଣ୍ଟରେ ଛତା ଓ ଚୌକି ନିର୍ମାଣ ହୋଇଥିଲା। ୨୦୨୧ ଡିସେମ୍ବର ୨୫ରେ ଏହା ଲୋକାର୍ପିତ ହୋଇଥିଲା। ସ୍ଥାନୀୟ କଳାପାଟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏହାର ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଥିଲା। ମହିଳା ମାନେ ଚା,କଫି,ଆଇସ୍‌କ୍ରିମ, ଚକୋଲେଟ୍, ବରା, ପଚୁଡି, ଚାଓମିନ୍, ମଞ୍ଚୁରିଆନ, ପକୋଡ଼ା, ବରଗର ଓ ସାଣ୍ଡଉଇଚ୍ ଆଦି ବିକ୍ରି କରୁଥିଲେ। ଭଲ ବ୍ୟବସାୟ




ହେଉଥିଲା। ସୁବର୍ଣ୍ଣପୁର ସହରକୁ ଲାଗିଥିବା ମହାନଦୀ କୂଳର ସୁନ୍ଦର ପରିବେଶରେ ଲୋକେ ପରିବାର ସହିତ ବସି ଖାଇବାକୁ ପସନ୍ଦ କରୁଥିଲେ। ସନ୍ଧ୍ୟା ଓ ସକାଳ ସମୟରେ ଏଠାରେ ଭିଡ଼ ଲାଗୁଥିଲା। ପ୍ରାରମ୍ଭିକ ଅବସ୍ଥାରେ ଉକ୍ତ ଏସ୍ଏନ୍‌ଜିକୁ ପରିଚାଳନା ପାଇଁ ଉଲୁଣ୍ଡା ବ୍ଲକ ସ୍ତରୀୟ ସଂଘ ପକ୍ଷରୁ ୧ ଲକ୍ଷ ଟଙ୍କା ଋଣ ଦିଆଯାଉଥିଲା। ପ୍ରଶାସନ ପକ୍ଷରୁ ଫ୍ରିଜ୍, ଜିପ୍ ଟ୍ରିକ୍, ଗ୍ୟାସ ଚୁଲା, ଟେବୁଲ, ଚେୟାର ଓ ରୋଷେଇ ସାମଗ୍ରୀ ଯୋଗାଇ ଦିଆଯାଇଥିଲା । ତେଲ ଜଳସେଚନ ବିଭାଗ ପକ୍ଷରୁ କାଫେଟେରିଆକୁ ସୁରକ୍ଷିତ ରଖିବା ଓ ଏହାର ଶୋଭା ବୃଦ୍ଧି ପାଇଁ ଆଜି ବନ୍ଧ ନିର୍ମାଣ ସହ ପଥର ପ୍ୟାଙ୍କିଂ କରାଯାଇଥିଲା। ପରେ ଏମ୍‌ଜିଏନ୍‌ଆଇଟିଏସ୍ ଉଲୁଣ୍ଡା ପଞ୍ଚାୟତ ସମିତି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠି ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଉନ୍ନୟନ ମୂଳକ କାର୍ଯ୍ୟ ଟଙ୍କା ଖର୍ଚ୍ଚ ହୋଇଥିଲା ଓ ତତ୍କାଳୀନ ଜିଲାପାଳ ମଝିରେ ମଝିରେ ସନ୍ଧ୍ୟା ସମୟରେ ସେଠାକୁ ଯାଇ ମହିଳାମାନଙ୍କୁ ଉତ୍ସାହିତ କରୁଥିଲେ। ଗ୍ରାମୀଣ ମହିଳାମାନେ ଭଲ ରୋଜଗାର କରି ଖୁସି ହୋଇଥିଲେ। ଜିଲ୍ଲାକୁ ମନ୍ତ୍ରୀ, ସଚିବଙ୍କ ଭଳି ଭିଆଇପି ଆସିଲେ ସେଠାକୁ ପରିଦର୍ଶନ ପାଇଁ ନେଇ ନାରୀ ସଶକ୍ତିକରଣର ବାର୍ତ୍ତା ଦିଆଯାଉଥିଲା । କିନ୍ତୁ ଏବେ ଏହି କାଫେଟେରିଆ ବନ୍ଦ ରହିବା ଫଳରେ ତାହା ଅସାମାଜିକ ବ୍ୟକ୍ତିଙ୍କ ଅଡ୍ଡା ପାଲଟିଛି। ସେହିପରି ଜିଲ୍ଲା ସଦର ମହକୁମାର ଗୁରୁତ୍ୱପୂର୍ଣ୍ଣ ବ୍ଲକ ଛକରେ ସୋନପୁର ବ୍ଲକ ପକ୍ଷରୁ ମିଲେଟ୍ ଶକ୍ତି କାଫେ ନିର୍ମାଣ ହୋଇଛି ଡିଏଏଫ୍ ପକ୍ଷରୁ ଭିତରେ ସାଜସଜ୍ଜା ପାଇଁ ମଧ୍ୟ ଖର୍ଚ୍ଚ କରାଯାଇଛି। କାଫେରେ ମିଲେଟ୍ ସାମଗ୍ରୀ, ଫାଷ୍ଟ ଫୁଡ୍ ଆଦି ବିକ୍ରି ହେଉଥିଲା । ତାହା ଏବେ ବନ୍ଦ ରହିଛି।

ନୂଆ ଡବ୍ଲ୍ୟୁଏସଏଚଜି କିମ୍ବା କୌଣସି ଆଗ୍ରହୀଙ୍କୁ ଏହାର ପରିଚାଳନା ପାଇଁ ଦିଆଯାଇନାହିଁ। ଏବେ ପୁଣି ସୁବର୍ଣ୍ଣପୁର ପାଟଶାଢି ବିକ୍ରି ହେଉଥିବା ସୁବର୍ଣ୍ଣଶ୍ରୀ ବନ୍ଦ ହୋଇଛି ଓ ସରକାରଙ୍କ ଲକ୍ଷ୍ୟ ସାଧିତ ହେଉ ନ ଥିବାବେଳେ ବହୁ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଗୁଡ଼ିକ ଏବେ ନଷ୍ଟ ହେବାକୁ ବସିଛି। ଜିଲାପାଳ ଏଥି ପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ପିଓକେରେ ବ୍ୟାପକ ବିଦ୍ରୋହ

# ସେନା ସହ ସଂଘର୍ଷରେ ୫୩ ମୃତ

ଇସଲାମାବାଦ, ୨୩/୬: ପିଓକେ (ପାକ୍ ଅଧିକୃତ କାଶ୍ମୀର) ରେ ପାକିସ୍ତାନ ଓ ଚୀନର ଅବୈଧ ଦଖଲ ବିରୋଧରେ ଏକ ଐତିହାସିକ ତଥା ବିଶାଳ ଜନ ଆନ୍ଦୋଳନ ଆରମ୍ଭ ହୋଇଛି। ଆୱାମୀ ଆକ୍ସନ କମିଟିର ନେତୃତ୍ୱରେ ସମଗ୍ର ଅଞ୍ଚଳରେ ତୀବ୍ର ପ୍ରଦର୍ଶନ କରାଯାଉଛି। ଆନ୍ଦୋଳନକାରୀମାନେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଓ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିବା ସହ ସେମାନଙ୍କୁ ଆତଙ୍କବାଦୀ ଘୋଷଣା କରି ଖୋଲାଖୋଲି ନାରାବାଜି କରୁଛନ୍ତି। ୧୯୪୭ ମସିହାରେ ଆଦିବାସୀ ଆକ୍ରମଣକାରୀଙ୍କ ଦ୍ୱାରା ଏହି ଜମିକୁ ବେଆଇନ ଭାବେ ଦଖଲ କରାଯାଇଥିବା କଥାକୁ ଆୱାମୀ ଆକ୍ସନ କମିଟି ପୁଣି ଥରେ ଦୋହରାଇଛି। ଏହି ପ୍ରତିବାଦରେ




ପ୍ରଥମ ଥର ପାଇଁ ଗିଲଗିଟ୍-ବାଲ୍ଟିସ୍ତାନ, ଲଦାଖ ଏବଂ ଜମ୍ମୁର ଲୋକମାନେ ଏକାଠି ହୋଇ ଏକଜୁଟତା ପ୍ରଦର୍ଶନ କରିଛନ୍ତି। ସୁରକ୍ଷାକର୍ମୀଙ୍କ ସହ ହୋଇଥିବା ଏହି ହିଂସାତ୍ମକ ସଂଘର୍ଷରେ ଏପର୍ଯ୍ୟନ୍ତ ୫୩ ଜଣ ପ୍ରାଣ ହରାଇଥିଲେ ମଧ୍ୟ ରାୱାଲାକୋଟ୍ ସମେତ ବିଭିନ୍ନ ଅଞ୍ଚଳର ଲୋକମାନେ ନିଜ ଜିଦରେ ଅଟଳ ରହି ଆନ୍ଦୋଳନ ଜାରି ରଖିଛନ୍ତି। ପାକିସ୍ତାନୀ ସେନାର ନିଷ୍ଠୁର ଶାସନ ଏବଂ ଅତ୍ୟାଚାର ବିରୁଦ୍ଧରେ ଜନସାଧାରଣଙ୍କ କ୍ରୋଧ ଏବେ ଏକ ପୂର୍ଣ୍ଣାଙ୍ଗ ବିଦ୍ରୋହର ରୂପ ନେଇଛି। ତେବେ ଆନ୍ଦୋଳନର ରଣନୀତିକୁ ନେଇ ଆୱାମୀ ଆକ୍ସନ କମିଟିର ଶୀର୍ଷ ନେତାଙ୍କ ମଧ୍ୟରେ ମତଭେଦ ଦେଖାଦେଇଛି। ଜଣେ ନେତା ସର୍ଦ୍ଦାର ଅମାନ ଖାନ ଏବଂ ଖୱାଜା ମେହରାନ ପାକିସ୍ତାନୀ ସେନା ବିରୁଦ୍ଧରେ ଶେଷ ପର୍ଯ୍ୟନ୍ତ ଆରପାର ଲଢ଼େଇ କରିବାକୁ ଘୋଷଣା କରିଥିବା ବେଳେ, ଅନ୍ୟପକ୍ଷରେ ଉମର ନାଜିର ଏବଂ ଶୌକତ ନୱାଜ ମୀର ଆଲୋଚନା ମାଧ୍ୟମରେ ସମସ୍ୟାର ଏକ ଶାନ୍ତିପୂର୍ଣ୍ଣ ସମାଧାନ ଖୋଜିବାକୁ ଚେଷ୍ଟା କରୁଛନ୍ତି। ପ୍ରଦର୍ଶନକାରୀମାନେ ପାକିସ୍ତାନ ସରକାରଙ୍କ ଆଗରେ ଦୁଇଟି ପ୍ରମୁଖ ଦାବି ରଖି ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ପ୍ରଥମ ଦାବି ଅନୁଯାୟୀ ପିଓକେ ମଧ୍ୟରେ ଥିବା ୧୨ଟି ତଥାକଥିତ ଶରଣାର୍ଥୀ ଶିବିରକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଉ, ଯାହାକୁ ସ୍ଥାନୀୟ ଜନସାଧାରଣ ଦୀର୍ଘ ଦିନରୁ ପ୍ରତ୍ୟାଖ୍ୟାନ କରିଆସୁଛନ୍ତି। ଦ୍ୱିତୀୟ ଦାବି ଅନୁଯାୟୀ ପିଓକେର ନିର୍ବାଚିତ ନେତାମାନଙ୍କ ଶପଥ ଗ୍ରହଣ ଫର୍ମାଟରେ ପରିବର୍ତ୍ତନ କରାଯାଉ, ଯେଉଁଠି ନେତାମାନେ ପାକିସ୍ତାନ ପ୍ରତି ଆନୁଗତ୍ୟ ପ୍ରକାଶ ନକରି, ମୂଳ ଜମ୍ମୁ ଓ କାଶ୍ମୀରର ଏକତା ପ୍ରତି ପ୍ରତିବଦ୍ଧତା ରଖି ଶପଥ ନେବେ। ପ୍ରତିବାଦକାରୀମାନେ ସ୍ପଷ୍ଟ କରିଛନ୍ତି ଯେ ପିଓକେ କେବେ ମଧ୍ୟ ପାକିସ୍ତାନର ଅଂଶ ହୋଇନାହିଁ କିମ୍ବା କେବେ ହେବ ନାହିଁ। କାଶ୍ମୀରରେ ଗୋଟିଏ ବି ଜୀବନ ହାନି ହେଲେ ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇବେ ବୋଲି ସେମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ୫୩ ଜଣଙ୍କ ମୃତ୍ୟୁ ପରେ ମଧ୍ୟ ଆନ୍ଦୋଳନ କମିବା ବଦଳରେ ପାକିସ୍ତାନ ସରକାରଙ୍କ ବିରୁଦ୍ଧରେ ଦିନକୁ ଦିନ ଅଧିକ ତୀବ୍ର ହେବାରେ ଲାଗିଛି।

## ମୋହନ ଯାଦବ 'ଲୁଣ୍ଠନର ଇଞ୍ଜିନ': ଜୟରାମ ରମେଶ



ନୂଆଦିଲ୍ଲୀ, ୨୩।୬: ବରିଷ୍ଠ କଂଗ୍ରେସ ନେତା ଏବଂ ରାଜ୍ୟସଭା ସାଂସଦ ଜୟରାମ ରମେଶ ମଙ୍ଗଳବାର ମଧ୍ୟପ୍ରଦେଶର ବିଜେପି ସରକାର ଉପରେ ବ୍ୟାପକ ଦୁର୍ନୀତିର ଅଭିଯୋଗ ଆଣିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କୁ 'ଲୁଣ୍ଠନର ଇଞ୍ଜିନ' ବୋଲି ଅଭିହିତ କରି ସେ ଏହାର କେନ୍ଦ୍ରରେ ଅଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏକ୍ସରେ ଏକ ପୋଷ୍ଟରେ, ରମେଶ ଅଭିଯୋଗ କରିଛନ୍ତି ଯେ ରାଜ୍ୟର ବିଜେପି ପ୍ରଶାସନ ଅଧୀନରେ ବ୍ୟାପକ ଦୁର୍ନୀତି ବଢୁଛି ଏବଂ ଶାସକ ଦଳ ମଧ୍ୟରେ ଆଭ୍ୟନ୍ତରୀଣ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ ସାମ୍ନାକୁ ଆସିଛି ବୋଲି ପରାମର୍ଶ ଦେଇଛନ୍ତି।

## ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀଙ୍କ ବିବୃତି ଘରୋଇ ପ୍ରସଙ୍ଗରୁ ଧ୍ୟାନ ହଟାଇବାର ପ୍ରୟାସ: ଭାରତ



ନୂଆଦିଲ୍ଲୀ, ୨୩ ।୬: ଭାରତ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀଙ୍କ ଧମକକୁ ଘରୋଇ ପ୍ରସଙ୍ଗରୁ ଧ୍ୟାନ ହଟାଇବାର ପ୍ରୟାସ ବୋଲି କହିଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ମଙ୍ଗଳବାର ଏଠାରେ ସାପ୍ତାହିକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏପରି ବିବୃତି ପାକିସ୍ତାନର ବିଫଳତାକୁ ଲୁଚାଇବା ଏବଂ ମାନବାଧିକାର ଉଲ୍ଲଂଘନରୁ ଧ୍ୟାନ ହଟାଇବା ପାଇଁ ଏକ ହତାଶ ପ୍ରୟାସ।ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ ସମ୍ପ୍ରତି ଚେତାବନୀ ଦେଇଛନ୍ତି ଯେ ଜଳ ସୁରକ୍ଷା ପ୍ରତି ବିପଦ ସିନ୍ଧୁ ଜଳ ଚୁକ୍ତିନାମା ଉପରେ ଯୁଦ୍ଧ ସୃଷ୍ଟି କରିପାରେ। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ୧୯୬୦ ଜଳ ଚୁକ୍ତିନାମାକୁ ସ୍ଥଗିତ କରିଥିଲା।ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, 'ଆମେ ଏହି ମନଗଢ଼ା ଦାବିଗୁଡ଼ିକୁ ସମ୍ପୂର୍ଣ୍ଣ ଏବଂ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରୁଛୁ। ପାକିସ୍ତାନର ଅବୈଧ ଏବଂ ବଳପୂର୍ବକ ଅଧିକୃତ ଅଂଚଳରେ ପ୍ରତିବାଦ ଦଶନ୍ଧି ଧରି ଚାଲିଥିବା ପାକିସ୍ତାନୀ ନୀତିର ପରିଣାମ, ଯେଉଁଥିରେ ବ୍ୟବହୃତ ଆର୍ଥିକ ଶୋଷଣ, ମୌଳିକ ଅଧିକାରକୁ ପ୍ରତ୍ୟାଖ୍ୟାନ ଏବଂ ପ୍ରଶାସନିକ ଦମନ ଅନ୍ତର୍ଭୁକ୍ତ। ପାକିସ୍ତାନ ପୋଲିସ ବର୍ବରତା ସହିତ ପ୍ରତିକ୍ରିୟା ଦେଇଛି, ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଔଷଧ ଯୋଗାଣକୁ ଅବରୋଧ କରିଛି, ଇଂଟରନେଟ୍ ବନ୍ଦ କରିଛି ଏବଂ ନିରସ୍ତ୍ର ନାଗରିକଙ୍କ ବିରୁଦ୍ଧରେ ମାରାତ୍ମକ ଶକ୍ତି ବ୍ୟବହାର କରିଛି।

## ଦିଲ୍ଲୀ କୋର୍ଟ ଗଲେ ଉମର ଖାଲିଦ୍ ଓ ସର୍ଜିଲ ଇମାମ୍

ନୂଆଦିଲ୍ଲୀ, ୨୩/୬: ୨୦୨୦ ଦଙ୍ଗା ବୃହତ୍ ଷଡ଼ଯନ୍ତ୍ର ମାମଲାରେ ଉମର ଖାଲିଦ ଓ ସର୍ଜିଲ ଇମାମ୍ ଦିଲ୍ଲୀର ଏକ କୋର୍ଟରେ ନୂତନ ଜାମିନ୍ ଆବେଦନ କରିଛନ୍ତି। ଏହି ମାମଲାରେ ସେମାନଙ୍କ ଜବାବ ରଖିବାକୁ କୋର୍ଟ ଦିଲ୍ଲୀ ପୁଲିସକୁ ନୋଟିସ ଜାରି କରିଛନ୍ତି। କାରକୋର୍ଡୁମା କୋର୍ଟର ଅତିରିକ୍ତ ସେସନ ଜଜ୍ ଡ. ସୁମେଧ ସେଠୀ ପୁଲିସକୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେବା ସହିତ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୪ ତାରିଖରେ କରିବାକୁ କହିଛନ୍ତି। ଉଭୟ ଅଭିଯୁକ୍ତ ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ ଓ ଅନ୍ୟାନ୍ୟ ଦଣ୍ଡ ବ୍ୟବସ୍ଥା ଅନୁଯାୟୀ ପଞ୍ଜିକୃତ ମାମଲାରେ ନିୟମିତ ଜାମିନ ଆବେଦନ କରୁଛନ୍ତି। ଖାଲିଦ ଓ ଇମାମର ଜାମିନ ନାମଞ୍ଜୁର କରିବା ପୂର୍ବରୁ ସୁପ୍ରିମକୋର୍ଟ ଦେଇଥିବା ରାୟରେ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଗ୍ରହଣ କରାଯାଇଥିବା ବ୍ୟାଖ୍ୟା ଉପରେ ଏହାର ଏକ ଖଣ୍ଡପୀଠ ପ୍ରଶ୍ନ ଉଠାଇବା ପରେ ଏହି ନୂତନ ଜାମିନ ଆବେଦନ କରାଯାଇଛି। ଇମାମ ନିଜ ଆବେଦନରେ ଯୁକ୍ତି ଦର୍ଶାଇଛନ୍ତି ଯେ, ଜାନୁଆରିରେ ସୁପ୍ରିମକୋର୍ଟ ତାଙ୍କ ଜାମିନ ଖାରଜ କରିବାର ଛଅ ମାସରୁ ଅଧିକ ସମୟ ବିତିଗଲାଣି, ତଥାପି ବିଚାରରେ କୌଣସି ଅର୍ଥପୂର୍ଣ୍ଣ ଅଗ୍ରଗତି ହୋଇନାହିଁ। ସେ କହିଛନ୍ତି ଯେ, ଅଭିଯୋଗ ଫ୍ରେମ୍ କରିବା ଉପରେ ଯୁକ୍ତି ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ରହିଛି ଓ ସେ ପ୍ରାୟ ଛଅ ବର୍ଷ ଜେଲରେ ବିତାଇ ସାରିଲେଣି। ଖାଲିଦ ମଧ୍ୟ ଜାମିନ୍ ଆବେଦନ କରିଛି। କୋର୍ଟ ଉଭୟଙ୍କ ଆବେଦନକୁ ଏକା ସାଙ୍ଗରେ ଗ୍ରହଣ କରିବା ସହିତ ପୁଲିସର ପକ୍ଷ ମାଗିଛି। ଚଳିତ ବର୍ଷ ଆରମ୍ଭରେ (ଜାନୁଆରି ୨୦୨୬ରେ) ସୁପ୍ରିମକୋର୍ଟ ଉମର ଖାଲିଦ ଓ ସର୍ଜିଲ ଇମାମର ଜାମିନ ଆବେଦନକୁ ଖାରଜ କରିଥିଲେ। କିନ୍ତୁ ସମାନ କୋର୍ଟ ଏହି ମାମଲାର ଅନ୍ୟ ୫ ଜଣ ଗୁଲଫିସା ଫାତିମା, ମିରନ୍ ହେଦର, ସିଫା ଉର ରେହମାନ, ମହମ୍ମଦ ସଲିମ୍ ଖାନ୍ ଓ ସାହଦାବ ଅହମଦକୁ ଜାମିନ ପ୍ରଦାନ କରିଥିଲେ।

## ୩୦ରେ ଦାୟିତ୍ୱ ଗ୍ରହଣ କରିବେ ଧୀରଜ

ନୂଆଦିଲ୍ଲୀ, ୨୩/୬: ଭାରତୀୟ ସେନା ଭିତରେ ଏକ ବଡ଼ ନେତୃତ୍ୱ ପରିବର୍ତ୍ତନ ଚାଲିଛି। କେନ୍ଦ୍ର ସରକାର ପରବର୍ତ୍ତୀ ସେନା ମୁଖ୍ୟ ଭାବରେ ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠଙ୍କୁ ନିଯୁକ୍ତି ଦେବା ପାଇଁ ଆନୁଷ୍ଠାନିକ ଭାବରେ ଘୋଷଣା କରିଛନ୍ତି। ପ୍ରତିରକ୍ଷା କ୍ଷେତ୍ରରେ ଦୀର୍ଘ ଏବଂ ବିଶିଷ୍ଟ ଅଭିଜ୍ଞତା ଥିବା ଲେଫ୍ଟନାଣ୍ଟ ଜେନେରାଲ ସେଠ ଜୁନ୍ ୩୦ ତାରିଖରେ ତାଙ୍କର ନୂତନ ଦାୟିତ୍ୱ ଗ୍ରହଣ କରିବେ। ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ସରକାରୀ ବିବୃତି ଅନୁଯାୟୀ, ରାଷ୍ଟ୍ରପତି ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠଙ୍କୁ ଭାରତୀୟ ସେନାର ପରବର୍ତ୍ତୀ ମୁଖ୍ୟ ଭାବରେ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ସେ ୩୦ ଜୁନ୍ ୨୦୨୬ରେ ସ୍ଥାୟୀ ଜେନେରାଲ ପଦବୀ ସହିତ ବର୍ତ୍ତମାନର ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସ୍ଥାନ ନେବେ। ବିବୃତିରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, ନୂତନ



ସେନା ମୁଖ୍ୟ ଭାବରେ ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠଙ୍କ କାର୍ଯ୍ୟକାଳ ୩୧ ଅଗଷ୍ଟ ୨୦୨୮ ପର୍ଯ୍ୟନ୍ତ ରହିବ। ଧୀରଜ ସେଠ ପୁଣେର ଖଡକୱାସଲା ଜାତୀୟ ପ୍ରତିରକ୍ଷା ଏକାଡେମୀର ଜଣେ ପୂର୍ବତନ ଛାତ୍ର। ସେ ଡିସେମ୍ବର ୧୯୮୬ରେ ଆର୍ମର୍ଡ କୋରରେ କମିସନ ହୋଇଥିଲେ। ସେ ମରୁଭୂମି ଅଞ୍ଚଳରେ ଏକ ଆର୍ମଡ ରେଜିମେଣ୍ଟ, ବିକଶିତ ଅଞ୍ଚଳରେ ଏକ ଆର୍ମଡ ବ୍ରିଗେଡ ଏବଂ ଜମ୍ମୁ ଏବଂ କାଶ୍ମୀରରେ ଏକ ଆତଙ୍କବାଦ ବିରୋଧୀ ବାହିନୀର ନେତୃତ୍ୱ ନେଇଥିଲେ। ଲେଫ୍ଟନାଣ୍ଟ ଜେନେରାଲ ପଦବୀକୁ ପଦୋନ୍ନତି ପରେ, ସେ ସୁଦର୍ଶନ ଚକ୍ର କୋରସର ନେତୃତ୍ୱ ନେଇଥିଲେ ଏବଂ ପରେ ଦିଲ୍ଲୀ କ୍ଷେତ୍ରର ଜେନେରାଲ ଅଫିସର କମାଣ୍ଡିଂ ଭାବରେ କାର୍ଯ୍ୟ କରିଥିଲେ, ଯେଉଁଠାରେ ସେ ପ୍ରମୁଖ ଜାତୀୟ ଏବଂ ଅନ୍ତର୍ଜାତୀୟ ଅପରେସନଗୁଡ଼ିକର ତଦାରଖ କରିଥିଲେ।

## ପାକିସ୍ତାନରେ ଆର୍ଥିକ ସଙ୍କଟ: ଦାରିଦ୍ର୍ୟ ହାର ବଢ଼ି ୨୮.୯% ଛୁଇଁଲା, ଶିକ୍ଷା ବଜେଟରେ ୨୩% ହ୍ରାସ

ଇସଲାମାବାଦ, ୨୩/୬: ପାକିସ୍ତାନର ସାମ୍ପ୍ରତିକ ଅର୍ଥନୈତିକ ସ୍ଥିତିକୁ ନେଇ ଏକ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି। ଦେଶର ମୁଦ୍ରାସ୍ଫୀତି, ଆର୍ଥିକ ଅସମାନତା ଏବଂ ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ମୂଲ୍ୟ ଯୋଗୁଁ କ୍ରମାଗତ ଭାବେ ଲୋକଙ୍କ କ୍ରୟ ଶକ୍ତି ହ୍ରାସ ପାଇବାରେ ଲାଗିଛି। ପାକିସ୍ତାନୀ



ଗଣମାଧ୍ୟମ ''ଜିଓ ନ୍ୟୁଜ୍'' ଦ୍ୱାରା ପ୍ରକାଶିତ ''ପାକିସ୍ତାନ ଅର୍ଥନୈତିକ ସର୍ଭେ ୨୦୨୫-୨୬''ରିପୋର୍ଟ ଅନୁଯାୟୀ, ଦେଶରେ ଗରିବୀ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଅପରପକ୍ଷରେ ସରକାରଙ୍କ ପକ୍ଷରୁ ଶିକ୍ଷା କ୍ଷେତ୍ରରେ କରାଯାଉଥିବା ବ୍ୟୟ ବରାଦରେ ବଡ଼ ଧରଣର ହ୍ରାସ ଘଟିଛି, ଯାହା ଦେଶର ଇତିହାସରେ ସବୁଠାରୁ ନିମ୍ନ ସ୍ତରରେ ପହଞ୍ଚିଛି। ସର୍ଭେ ଅନୁଯାୟୀ, ଗତ କିଛି ବର୍ଷ ମଧ୍ୟରେ ପାକିସ୍ତାନରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ହୋଇଥିବା ପ୍ରଗତି ସମ୍ପୂର୍ଣ୍ଣ ଭାବେ ଓଲଟି ଯାଇଛି। ୨୦୧୮-୧୯ ମସିହାରେ ଦେଶରେ ଜାତୀୟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତ ଥିବା ବେଳେ ୨୦୨୪-୨୫ ବର୍ଷରେ ଏହା ବୃଦ୍ଧି ପାଇ ୨୮.୯ ପ୍ରତିଶତରେ ପହଞ୍ଚିଛି।


## ତୈଳ ଟ୍ୟାଙ୍କରରୁ ଅଫୁଟା କ୍ଷେପଣାସ୍ତ୍ର ସୁରକ୍ଷିତ ଉଦ୍ଧାର

ନୂଆଦିଲ୍ଲୀ, ୨୩/୬: ଓମାନ ଉପକୂଳରେ ଅଶୋଧିତ ତୈଳ ପରିବହନ କରୁଥିବା ଏକ ତୈଳ ଟ୍ୟାଙ୍କର ଉପରେ ମାଡ଼ ହୋଇଥିବା ଅଫୁଟା କ୍ଷେପଣାସ୍ତ୍ରକୁ ସୁରକ୍ଷିତ ଭାବେ ବାହାର କରିବାରେ ଭାରତୀୟ ନୌସେନାକୁ ବଡ଼ଧରଣ ସଫଳତା ମିଳିଛି। ଓମାନ ଉପକୂଳରେ ମାର୍ଶଲ ଦ୍ୱୀପର ପତାକା ବହନ କରୁଥିବା ଜାହାଜ 'ଏମ୍‌ଟି ଅଲିମ୍ପିକ୍ ଲାଇଫ୍' ଉପରେ ମେ ୨୬ ତାରିଖରେ ଏକ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ତୈଳ ଟ୍ୟାଙ୍କରଟି ପ୍ରାୟ ୨୦୦୦ କିମି ଜଳ ପଥ ଯାତ୍ରା କରି କୋଚିରେ ପହଞ୍ଚିଥିଲା। କ୍ଷେପଣାସ୍ତ୍ରରେ ଥିବା ଯୁଦ୍ଧାସ୍ତ୍ର ଯେକୌଣସି ସମୟରେ ଫୁଟି ଯିବାର ଭୟ ରହିଥିଲା। କିନ୍ତୁ ଏକ ଉଚ୍ଚ ବିପଦପୂର୍ଣ୍ଣ ଅଭିଯାନରେ ଭାରତୀୟ ନୌସେନା ଅଶୋଧିତ ତୈଳ ଟ୍ୟାଙ୍କର ଏମ୍‌ଟି ଅଲିମ୍ପିକ୍ ଲାଇଫ୍‌ର ଇନ୍ଧନ ଟ୍ୟାଙ୍କ ଭିତରେ ଥିବା ଅଫୁଟା କ୍ଷେପଣାସ୍ତ୍ରକୁ ସୁରକ୍ଷିତ ଭାବରେ ବାହାର କରିଛି। ଏହି ବିପଜ୍ଜନକ ଯୁଦ୍ଧାସ୍ତ୍ର ଗତମାସ ୨୬ ତାରିଖରୁ ତୈଳ ଟ୍ୟାଙ୍କର ଭିତରେ ରହିଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟ ଜୁନ୍ ୧୧ ତାରିଖରେ ଏକ ବିବୃତିରେ କହିଛି ଯେ, ଏକ ବିଶେଷଜ୍ଞ ବିସ୍ଫୋରକ ଅର୍ଡନାନ୍ସ ନିଷ୍କ୍ରିୟ (ଇଓଡି) ଦଳ ଦ୍ୱାରା ଯୁଦ୍ଧାସ୍ତ୍ରର ବିସ୍ଫୋରଣ ଯନ୍ତ୍ରକୁ ପୃଥକ କରିଥିଲା ଓ ଏହାକୁ ସମ୍ପୃକ୍ତ ଭଗ୍ନାବଶେଷ ସହିତ ସୁରକ୍ଷିତ ଭାବରେ ବାହାର କରିଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ଉଚ୍ଚ-ବିପଦପୂର୍ଣ୍ଣ ଅପରେସନ ମିସନକୁ ଅତି ଯୋଜନାବଦ୍ଧ ଭାବରେ ସମ୍ପାଦିତ କରାଯାଇଥିବା କୁହାଯାଇଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଜାହାଜ କମ୍ପାନୀଗୁଡ଼ିକୁ ହର୍ମୁଜ ପ୍ରଣାଳୀ ଅବରୋଧ ଓ ବୃଦ୍ଧି ପାଉଥିବା ବୀମା ମୂଲ୍ୟ ସହିତ ସଂଘର୍ଷ କରିବାକୁ ପଡ଼ିଛି। ଓମାନ ଉପସାଗର ଓ ସଂଲଗ୍ନ ଜଳରାଶି ବିଶ୍ୱର ସବୁଠାରୁ ସମ୍ବେଦନଶୀଳ ସାମୁଦ୍ରିକ କରିଡର ପାଲଟିଛି।

### ଚୀନ ବୈଦେଶିକ ମନ୍ତ୍ରୀ ୟି, ଡୋଭାଲଙ୍କୁ ଭେଟିଲେ

## ଦୀର୍ଘକାଳୀନ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ, ୨୩।୬ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କୁ ଭେଟିବା ପରେ, ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି କହିଛନ୍ତି ଯେ ଚୀନ୍ ଏବଂ ଭାରତ ବିଶ୍ୱ ଦୃଷ୍ଟିକୋଣରୁ ସହଯୋଗକୁ ପ୍ରୋତ୍ସାହିତ କରିବା ଉଚିତ, ସେହିପରି ଦ୍ୱିପାକ୍ଷିକ ସମ୍ପର୍କର ଦୀର୍ଘକାଳୀନ ଦୃଷ୍ଟିକୋଣ ମଧ୍ୟ ଗ୍ରହଣ କରିବା ଉଚିତ। ଦୁଇ ଦେଶ ସେମାନଙ୍କ ନେତାଙ୍କ ମଧ୍ୟରେ ହୋଇଥିବା ସହମତିକୁ କଠିନ ପଦକ୍ଷେପ ମାଧ୍ୟମରେ କାର୍ଯ୍ୟକାରୀ କରିବା ଉଚିତ, ଯାହା ଦ୍ୱାରା ସହଯୋଗ ମାଧ୍ୟମରେ ବିକାଶ ଏବଂ ପୁନରୁଦ୍ଧାରକୁ ତ୍ୱରାନ୍ୱିତ କରାଯାଇପାରିବ ଏବଂ ବିଶ୍ୱ ଦକ୍ଷିଣର ଆଧୁନିକୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରିବ। ଚୀନ୍ ରାଷ୍ଟ୍ରଦୂତ ଜୁ ଫେଇହୋଙ୍ଗ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ରିପୋର୍ଟ କରିଛନ୍ତି ଯେ ବୈଠକ ସମୟରେ ୱାଙ୍ଗ ୟି ମଧ୍ୟ କହିଛନ୍ତି ଯେ ଉଭୟ ପକ୍ଷ ପରସ୍ପରର ମୂଳ ସ୍ୱାର୍ଥକୁ ସମ୍ମାନ କରିବା ଏବଂ ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକୁ ସଠିକ୍ ଭାବରେ ପରିଚାଳନା କରିବା ଉଚିତ। ସେ ଜୋର୍ ଦେଇ କହିଛନ୍ତି ଯେ ସୀମା ପ୍ରସଙ୍ଗକୁ ଦ୍ୱିପାକ୍ଷିକ ସମ୍ପର୍କରେ ସାମଗ୍ରିକ ପରିସ୍ଥିତିକୁ ପ୍ରଭାବିତ କରିବା ସ୍ଥିତିରେ ରଖିବା ଉଚିତ୍ ନୁହେଁ। ୱାଙ୍ଗ ୟି କହିଛନ୍ତି ଯେ ଉଭୟ ଦେଶ ସମାଜର ସମସ୍ତ କ୍ଷେତ୍ରକୁ ସଠିକ୍ ବୁଝାମଣା ବିକାଶ କରିବା ଏବଂ ଜନମତ ଏବଂ ସାମାଜିକ ସମର୍ଥନକୁ ମଜଭୁତ କରିବା ପାଇଁ ସକ୍ରିୟ ଭାବରେ ମାର୍ଗଦର୍ଶନ କରିବା ଉଚିତ, ଯାହା ଦ୍ୱାରା ଦ୍ୱିପାକ୍ଷିକ ସମ୍ପର୍କ ଉନ୍ନତ ହୋଇପାରିବ। ସେ ବ୍ରିକ୍ସର ଭାରତର ସଭାପତିତ୍ୱକୁ ସମର୍ଥନ କରିଥିଲେ ଏବଂ କହିଥିଲେ ଯେ ଚୀନ୍ ବ୍ରିକ୍ସ ତନ୍ତ୍ରର ବିକାଶ ଏବଂ ବିସ୍ତାରକୁ ଆଗକୁ ବଢ଼ାଇବା ପାଇଁ ଭାରତ ସହିତ କାମ କରିବାକୁ ପ୍ରସ୍ତୁତ।




## ନାଫେଡର ଇ-ନିଲାମ ପୋର୍ଟାଲର ଶୁଭାରମ୍ଭ

ନୂଆଦିଲ୍ଲୀ, ୨୩/୬ (ପିଆଇବି): କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ଭାରତୀୟ ଜାତୀୟ କୃଷି ସମବାୟ ବିପଣନ ମହାସଂଘ ଲିମିଟେଡ (ନାଫେଡ଼) ର ଇ-ନିଲାମ ପୋର୍ଟାଲ 'NAFEX.in' ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ, ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କ୍ରିଷନ ପାଲ ଗୁର୍ଜର, ସମବାୟ ମନ୍ତ୍ରଣାଳୟର ସଚିବ ଡ. ଆଶିଷ କୁମାର ଭୁଟାନୀ, ନାଫେଡର ଅଧ୍ୟକ୍ଷ ଜେଠାଭାଇ ଅହିର ଏବଂ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ପ୍ରତିଶ୍ରୁତି ରକ୍ଷା ନ କଲେ ଗମ୍ଭୀର ପରିଣାମ: ଟ୍ରମ୍ପ

ୱାସିଂଟନ, ୨୩/୬: ଶାନ୍ତି ଚୁକ୍ତିର ସଫଳତା ଓ ହର୍ମୁଜରୁ କଟକଣା ହଟିବା ଦାବି ଭିତରେ ଇରାନକୁ ଆଜି ଏକ ସ୍ପଷ୍ଟ ଓ କଠୋର ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଶାନ୍ତି ଚୁକ୍ତି ଅନୁଯାୟୀ ଯଦି ଇରାନ ନିଜର ପ୍ରତିଶ୍ରୁତି ରକ୍ଷା ନକରେ, ତେବେ ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟ୍ରମ୍ପ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ହ୍ୱାଇଟ୍ ହାଉସର ଓଭାଲ୍ ଅଫିସରୁ ଗଣମାଧ୍ୟମକୁ ସମ୍ବୋଧନ କରି ଟ୍ରମ୍ପ କହିଛନ୍ତି ଯେ ବର୍ତ୍ତମାନର ଅସ୍ତ୍ରବିରତିର ସଫଳତା ସମ୍ପୂର୍ଣ୍ଣ ଭାବେ ଇରାନର ଆଚରଣ ଉପରେ ନିର୍ଭର କରେ। ଟ୍ରମ୍ପ କହିଛନ୍ତି, ଯେପର୍ଯ୍ୟନ୍ତ ସେମାନେ ଆମକୁ ସମ୍ମାନ ଦେବେ, ସବୁକିଛି ଠିକ୍ ଚାଲିବ। ଯଦି ସେମାନେ ଆମକୁ ସମ୍ମାନ ନଦିଅନ୍ତି ଏବଂ ସର୍ତ୍ତ ନ ମାନନ୍ତି, ତେବେ ପରିସ୍ଥିତି ଆଦୌ ଭଲ ହେବନାହିଁ ଏବଂ ଏହାର ଅତି ଗମ୍ଭୀର ପରିଣାମ ଇରାନକୁ ଭୋଗିବାକୁ ପଡ଼ିବ। ଆଲୋଚନା ସମୟରେ ତେହେରାନକୁ କୌଣସି ପ୍ରକାରର ସୁବିଧା ସୁଯୋଗ ଦେବା ସଂକ୍ରାନ୍ତ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ କହିଛନ୍ତି, ସେମାନଙ୍କର ସମ୍ପୂର୍ଣ୍ଣ ଦେଶ ବର୍ତ୍ତମାନ ଧ୍ୱଂସ ହୋଇଯାଇଛି। ଏଭଳି ସ୍ଥିତିରେ ଏମିତି ପ୍ରଶ୍ନ ପଚାରିବା ସମ୍ପୂର୍ଣ୍ଣ ବୋକାମୀ। ଇରାନର ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁଁ ସେମାନେ ଆମେରିକା ସହ କୌଣସି ପ୍ରକାରର ମୂଲଚାଲ କରିବା ସ୍ଥିତିରେ ନାହାନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି। ଆର୍ଥିକ ସଙ୍କଟ ଆଶଙ୍କା ଅପେକ୍ଷା ଇରାନକୁ ପରମାଣୁ ଅସ୍ତ୍ର ହାସଲରୁ ରୋକିବା ଆମେରିକା ପାଇଁ ସବୁଠାରୁ ବଡ଼ ପ୍ରାଥମିକତା ବୋଲି ଟ୍ରମ୍ପ ଜୋର ଦେଇ କହିଛନ୍ତି। ସେ ଯୁକ୍ତି ବାଢ଼ିଛନ୍ତି ଯେ, ପରମାଣୁ ଅସ୍ତ୍ରର ବିପଦ ଯେକୌଣସି ଆର୍ଥିକ ମାନ୍ଦାବସ୍ଥା ଠାରୁ ବହୁତ ଭୟାନକ ସଙ୍କଟ ଆଣିବ। ଲେବାନନରୁ ଇସ୍ରାଏଲ୍ ସେନା ପ୍ରତ୍ୟାହାର ହେବନାହିଁ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଦେଇଥିବା ବୟାନକୁ ଟ୍ରମ୍ପ ସହଜରେ ଏଡ଼ାଇ ଦେଇଛନ୍ତି। ନିଜକୁ ଜଣେ 'ସମସ୍ୟା ସମାଧାନକାରୀ' ଭାବେ ଅଭିହିତ କରି ଟ୍ରମ୍ପ କହିଛନ୍ତି ଯେ ସେ ଯେକୌଣସି ବଡ଼ ସମସ୍ୟାର ସମାଧାନ ଖୁବ୍ ଶୀଘ୍ର କରିପାରନ୍ତି। ଇରାନ-ଆମେରିକା ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଏହି ଦୁର୍ବଳ ଅସ୍ତ୍ରବିରତି ଚୁକ୍ତି ଉପରେ ଏବେ ଚାପ ବଢ଼ିବାରେ ଲାଗିଛି ଏବଂ ସମଗ୍ର ବିଶ୍ୱର ନଜର ଶାନ୍ତି ଚୁକ୍ତିର ୬୦ ଦିନିଆ ଅବଧି ଉପରେ ରହିଛି।



## ବେଙ୍ଗାଲୁରୁରେ ମୌସୁମୀ ପ୍ରକୋପ

# ବର୍ଷାଜନିତ ଦୁର୍ଘଟଣାରେ ୨ ମୃତ

ବେଙ୍ଗାଲୁରୁ, ୨୩/୬: ବେଙ୍ଗାଲୁରୁରେ ମୌସୁମୀଜନିତ ବର୍ଷା ପ୍ରକୋପ ଜାରି ରହିଛି। କେଙ୍ଗ୍ରି ଓ ହ୍ୱାଇଟଫିଲ୍ଡ ଟ୍ରାଫିକ ପୁଲିସ ସୀମା ଅଞ୍ଚଳରେ ଶନିବାର ସକାଳେ ବର୍ଷାଜନିତ ଦୁଇଟି ପୃଥକ୍ ଦୁର୍ଘଟଣାରେ ଦୁଇ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ତିନିଜଣ ଆହତ ହୋଇଛନ୍ତି। ହ୍ୱାଇଟ୍ ଫିଲ୍ଡରେ ଏକ ହୃଦୟବିଦାରକ ଘଟଣାରେ, ଜଣେ ମହିଳାଙ୍କ ପରେ ତାଙ୍କ ଝିଅ ସାମ୍ନାରେ ଏକ ସ୍କୁଲ ବସ୍ ମାଡ଼ି ଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ସକାଳେ ମହିଳା ଜଣକ ତାଙ୍କ ଦୁଇ ଚକିଆ ଗାଡ଼ିରୁ ପଡ଼ି ଯାଇଥିବାବେଳେ ସ୍କୁଲ ବସ୍ ତାଙ୍କ ଉପରେ ମାଡ଼ି ଯାଇଥିଲା। ମୃତ ମହିଳା ଜଣକ କାନ୍ତା ବୋଲି ଜଣାପଡ଼ିଛି। ପୁଲିସ ସୂଚନା ଅନୁଯାୟୀ, କାନ୍ତା ଦୁଇ ଚକିଆ ଗାଡ଼ିରେ ମରାଠାହାଲ୍ଲୀରୁ ସିଦ୍ଧପୁରାକୁ ତାଙ୍କ ଝିଅ ନେହାଙ୍କୁ କଲେଜରେ ଛାଡ଼ିବାକୁ



ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଶୁକ୍ରବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ରାସ୍ତା ପାଣିରେ ବୁଡ଼ି ଯାଇଥିଲା। ରାସ୍ତାରେ ଯାଉଥିବା ସମୟରେ କାନ୍ତାଙ୍କ ସ୍କୁଟରଟି ରାସ୍ତାରେ ଥିବା ଖାଲୁଆ ସ୍ଥାନରେ ପଡ଼ି ଯାଇଥିବାବେଳେ ଭାରସାମ୍ୟ ହରାଇ ଉଭୟ ମା' ଓ ଝିଅ ରାସ୍ତାରେ ପଡ଼ିଯାଇଥିଲେ। କାନ୍ତା ରାସ୍ତାରୁ ଉଠିବା ପୂର୍ବରୁ ପଛରୁ ଆସୁଥିବା ଏକ ସ୍କୁଲ ବସ୍ ତାଙ୍କ ଉପରେ ମାଡ଼ି ଯାଇଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ, କିନ୍ତୁ ଗୁରୁତର ଆଘାତ ଯୋଗୁଁ କାନ୍ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ନେହା ସାମାନ୍ୟ ଆହତ ହୋଇଥିଲେ। ଅନ୍ୟ ଏକ ଘଟଣାରେ କେଙ୍ଗ୍ରିରେ ଦ୍ରୁତ ଗତିରେ ଆସୁଥିବା କାର୍ ଓଲଟି ପଡ଼ିବାରୁ ଜଣଙ୍କର ମୃତ୍ୟୁ ହୋଇଛି ଓ ତିନିଜଣ ବାଇକ ଚାଳକ ଗୁରୁତର ହୋଇଛନ୍ତି। କେଙ୍ଗ୍ରି ଟ୍ରାଫିକ୍ ପୁଲିସ କହିଛି ଯେ, ଏକ ଦ୍ରୁତଗାମୀ ମାରୁତି ସୁଜୁକି ଇକୋ କାର ଦ୍ରୁତଗତିରେ ଆସୁଥିବା ସମୟରେ ଦୁଇଟି ମୋଟରସାଇକେଲକୁ ଧକ୍କା ଦେଇଥିଲା। ଦ୍ରୁତ ଗତି ଯୋଗୁଁ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ ଓ କାରଟି ଓଲଟି ପଡ଼ିଥିଲା। କାରରେ ବସିଥିବା ସୁଖଦେବ (୪୫) ଦୁର୍ଘଟଣାପରେ ଗାଡ଼ିରୁ ବାହାରକୁ ଆସି ଯାଇଥିଲେ ମଧ୍ୟ କାରଟି ଓଲଟି ତାଙ୍କ ଉପରେ ପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ଦୁଇଟି ମୋଟର ସାଇକେଲରେ ଯାଉଥିବା ତିନି ଜଣ ଲୋକ ଆହତ ହୋଇଥିଲେ। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେଙ୍ଗ୍ରି ଟ୍ରାଫିକ୍ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଅନ୍ୟ ଏକ ଘଟଣାରେ ହୋସକୋଟ ତାଲୁକର ସୁଲିବେଲେ ହୋବଲିର ବାଲେନାହାଲ୍ଲିରେ ପ୍ରବଳ ବର୍ଷା ଯୋଗୁଁ ଏକ ବିଶାଳ ୪୦୦ ବର୍ଷ ପୁରୁଣା ବରଗଛ ଉପୁଡ଼ି ପଡ଼ିଛି।

# ଚାକିରି ଦେବାକୁ କହି ୨୫ ଲକ୍ଷ ଟଙ୍କା ଠକେଇ

## ମହିଳାଙ୍କୁ ମୈତ୍ରୀ ବିହାର ପୋଲିସ ବାନ୍ଧିଲା

ଭୁବନେଶ୍ୱର, ୨୩।୬(ନି.ପ୍ର): ପୁଣି ରାଜଧାନୀରେ ଚାକିରି ଦେବାକୁ କହି ଠକେଇ ମାମଲା ସାମ୍ନାକୁ ଆସିଛି। ଠକେଇ ଅଭିଯୋଗରେ ଜଣେ ମହିଳାଙ୍କୁ ମୈତ୍ରୀବିହାର ଥାନା ପୋଲିସ ଗିରଫ କରିଛି। ଷ୍ଟାଫ୍ ସିଲେକ୍ସନ କମିଶନରେ ଚାକିରି ଦେବାକୁ କହି ପାଖାପାଖି ମହିଳା ଜଣକ ୨୫ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଠକ ମହିଳା ରାୟଗଡା ଅଞ୍ଚଳର ଏକାଧିକ ଲୋକଙ୍କୁ ଠକେଇ କରିଥିଲେ । ଥାନାରେ ଅଭିଯୋଗ ପରେ ମହିଳା ଜଣଙ୍କୁ ମୈତ୍ରୀ ବିହାର ଥାନା ପୋଲିସ ଗିରଫ କରିଛି। ତାରକା ହୋଟେଲରେ ଇଣ୍ଟରଭ୍ୟୁ ଚାଲିଥିବା ନେଇ ପୋଲିସ ପ୍ରମାଣ ପାଇବା ପରେ ଅଭିଯୁକ୍ତ ମହିଳା ଜଣଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ଜଟଣୀ ଅଞ୍ଚଳର ଅଭିଯୁକ୍ତା ପ୍ରିୟଙ୍କା ଶତପଥୀଙ୍କୁ କୋର୍ଟଚାଲାଣ କରିଛି। ଏବେ ଅଭିଯୁକ୍ତା ଜଣକ ମୈତ୍ରୀ ବିହାର ଥାନା ଜୟଦେବ ବିହାରର ଦାଶରଥୀ ଆପାର୍ଟମେଣ୍ଟରେ ରହୁଥିବା ପୋଲିସ୍ ସୂଚନା ଦେଇଛି। ସୂଚନାଯୋଗ୍ୟ, ୨୦୨୨ରେ ଅଭିଯୋଗକାରୀ ତାଙ୍କ ସମ୍ପର୍କୀୟଙ୍କ କଥାରେ ପ୍ରଭାବିତ ହୋଇ ଏବଂ ପଞ୍ଚାୟତ ଏକ୍ସିକ୍ୟୁଟିଭ୍ ଅଫିସର ଭାବେ ସରକାରୀ ଚାକିରି କରାଇଦେବାର ପ୍ରତିଶ୍ରୁତି ପାଇ ଅଭିଯୁକ୍ତା ପ୍ରିୟଙ୍କା ଶତପଥୀଙ୍କ ବ୍ୟାଙ୍କ ଖାତାରେ ୫ ଲକ୍ଷ ଜମା କରିଥିଲେ। ପରବର୍ତ୍ତୀ ସମୟରେ ସେ ଓଏସଏସଏସସିନାମରେ କଥିତ ନିଯୁକ୍ତି ସମ୍ବନ୍ଧୀୟ ଇମେଲ୍ ପାଇଥିଲେ ଏବଂ ତାଙ୍କୁ ବିଶ୍ୱାସ କରାଯାଇଥିଲା ଯେ ତାଙ୍କ ନିଯୁକ୍ତି ପ୍ରକ୍ରିୟା ଚାଲିଛି। କିନ୍ତୁ ପରେ ତାଙ୍କୁ କୌଣସି ଚାକିରି ମିଳିନଥିଲା ଏବଂ ବାରମ୍ବାର ଟଙ୍କା ଫେରସ୍ତ ମାଗିବା ସତ୍ତ୍ୱେ ମଧ୍ୟ ତାଙ୍କ ଟଙ୍କା ଫେରାଇ ଦିଆଯାଇନଥିଲା। ତଦନ୍ତ ସମୟରେ ସ୍କ୍ରିନ୍‌ସଟ୍, ଇମେଲ୍, ବ୍ୟାଙ୍କ କାରବାର ବିବରଣୀ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଦସ୍ତାବିଜ ସଂଗ୍ରହ କରାଯାଇ ଯାଞ୍ଚ କରାଯାଇଥିଲା। ନିଯୁକ୍ତି ସମ୍ବନ୍ଧୀୟ ଇମେଲଗୁଡ଼ିକ ଜାଲିଆତିପୂର୍ଣ୍ଣ ଥିଲା ଏବଂ ସରକାରୀ ଚାକିରି ମିଳିବାର ମିଥ୍ୟା ଧାରଣା ସୃଷ୍ଟି କରିବା ପାଇଁ ପଠାଯାଇଥିବା ଯାଞ୍ଚରୁ ଜଣାପଡ଼ିଥିଲା। ଅଭିଯୁକ୍ତା ସରକାରୀ ଚାକିରି କରାଇଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଏକାଧିକ ଚାକିରି ଆଶାୟୀଙ୍କଠାରୁ ଟଙ୍କା ଆଦାୟ କରିଥିଲେ। ତଦନ୍ତରେ ପ୍ରାୟ ୮ ଜଣ ପ୍ରାର୍ଥୀଙ୍କଠାରୁ ମୋଟ ପ୍ରାୟ ୪୦ ଲକ୍ଷ ଠକେ କରିଥିବା ଅଧିକ ତଦନ୍ତରୁ ଜଣାପଡ଼ିଥିଲା। ଅନୀତା ସ୍ୱାଇଁ ନାମକ ଜଣେ ମହିଳା ମଧ୍ୟ ସମାନ ପ୍ରତିଶ୍ରୁତି ପାଇ ପ୍ରାୟ ୫ ଲକ୍ଷ ୫୦ ହଜାର ଟଙ୍କା ଦେଇଥିବା ଜଣାପଡ଼ିଥିଲା। ଅଭିଯୁକ୍ତା ଟଙ୍କା ଫେରସ୍ତ ଉଦ୍ଦେଶ୍ୟରେ ଅଭିଯୋଗକାରୀଙ୍କୁ ଏକ ଚେକ୍ ପ୍ରଦାନ କରିଥିଲେ ମଧ୍ୟ ପରେ ତାହାକୁ ବ୍ୟାଙ୍କରେ ଡିପୋଜିଟ୍ ନକରିବାକୁ ପ୍ରବର୍ତ୍ତାଇ ଟଙ୍କା ଫେରସ୍ତ କରିନଥିଲେ। ମଙ୍ଗଳବାର ଜୟଦେବ ବିହାର ସ୍ଥିତ ଅଭିଯୁକ୍ତାଙ୍କ ଘରେ ଚଢ଼ାଉ କରି ପୋଲିସ୍ ତାଙ୍କୁ କାବୁ କରିଛି।

# ୩ ଜଣଙ୍କଠୁ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଠକେଇ

- ଏପିକେ ଫାଇଲ ପଠାଇ ଶୈଳଶ୍ରୀ ବିହାରର ଜଣଙ୍କଠାରୁ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଲୁଟ
- ହୋଟେଲ ରେଟିଂ ଆଳରେ ଆନ୍ଧ୍ରର ମହିଳାଙ୍କଠାରୁ ୯ ଲକ୍ଷରୁ ଉର୍ଦ୍ଧ୍ୱ ଲୁଟ
- ସ୍କ୍ରିନ୍ ସେୟାରିଂ ଲିଙ୍କ ପଠାଇ ରଘୁନାଥପୁର ନିବାସୀଙ୍କଠାରୁ ୬ ଲକ୍ଷ ଲୁଟ
- ସାଇବର ଥାନାରେ ଏତଲା ପରେ ପୋଲିସ୍ ତଦନ୍ତ ଆରମ୍ଭ

ଭୁବନେଶ୍ୱର, ୨୩।୬(ନି.ପ୍ର): ରାଜଧାନୀ ଭୁବନେଶ୍ୱର ହେଉ ଅବା ଦେଶର ପ୍ରମୁଖ ସହର ସବୁଠି ସାଇବର ଲୁଟ ପ୍ରତିଦିନ ଚିନ୍ତାର ବିଷୟ ପାଲଟିଛି। ପ୍ରତ୍ୟେକ ଦିନ ସାଇବର ଲୁଟ ନେଇ ମାଳମାଳ ଅଭିଯୋଗ ଆସୁଥିବା ବେଳେ ନିକଟରେ ଭୁବନେଶ୍ୱରରୁ ୩ ଜଣଙ୍କ ସାଇବର ଲୁଟ ମାମଲା ସାମ୍ନାକୁ ଆସିଛି। ଲୁଟର ଶୀକାର ହୋଇଥିବା ସମସ୍ତ ବ୍ୟକ୍ତି ଥାନାରେ ଅଭିଯୋଗ କରିବା ପରେ ସାଇବର ଥାନା ପୋଲିସ୍ ମାମଲା ରୁଜୁ କରି ସମସ୍ତ ମାମଲାର ତଦନ୍ତ ଆରମ୍ଭ କରିଛି। ଆକାଉଣ୍ଟରୁ କଟିଥିବା ଟଙ୍କାକୁ କିପରି ଅନ୍ୟ ଜଣେ ପାଇବା ପୂର୍ବରୁ ରୋକି ହେବ ସେନେଇ ପ୍ରକ୍ରିୟା ଆରମ୍ଭ କରିଛି। ସୂଚନାଯୋଗ୍ୟ, ସମ୍ପ୍ରତି ରାଜଧାନୀ ଭୁବନେଶ୍ୱରର ଶୈଳଶ୍ରୀ ବିହାର, ରଘୁନାଥପୁର ଓ ଅନ୍ୟ ଜଣେ ଆନ୍ଧ୍ରର ମହିଳା ଯିଏ ହୋଟେଲରେ ରହିଥିଲେ, ତାଙ୍କୁ ସାଇବର ଠକ ହୋଟେଲର ରେଟିଂ ନାଁରେ ଠକେଇ କରିଛନ୍ତି। ୩ଟି ପୃଥକ ଘଟଣାରେ ଠକମାନେ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଶୈଳଶ୍ରୀ ବିହାର ନିବାସୀ ରଜନୀକାନ୍ତ ଭୂୟାଁଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ୨୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଲୁଟ ହୋଇଛି। ଅପରାଧୀମାନେ କୌଣସି ଏପିକେ ଫାଇଲ ବା ଆପ୍ ଖୋଲିବାକୁ ପ୍ରଲୋଭିତ କରି ଏହି ଠକେଇ କରିଥିବା ରାଜନୀକାନ୍ତ ଅଭିଯୋଗ କରିଛନ୍ତି। ସେହିପରି ଆନ୍ଧ୍ରପ୍ରଦେଶର ଜଣେ ମହିଳା ହୋଟେଲ୍ ରେଟିଂ କିମ୍ବା ସର୍ଭେ ଆଳରେ ଠକଙ୍କ ଦ୍ୱାରା ୯ ଲକ୍ଷରୁ ଅଧିକ ଟଙ୍କାର ଶୀକାର ହୋଇଛନ୍ତି। ମହିଳା ଜଣଙ୍କ କିଛି ଦିନ ଭୁବନେଶ୍ୱରର ଏକ ହୋଟେଲରେ ରହିଥିବା ସମୟରେ ଠକମାନେ ତାଙ୍କ ସହିତ ଯୋଗାଯୋଗ କରି ହୋଟେଲ୍ ରେଟିଂ କରିବା ପାଇଁ କହିଥିଲେ। ରେଟିଂ ବଦଳରେ ଟଙ୍କା ମିଳିବ ବୋଲି ପ୍ରଲୋଭନ ଦେଇ ସେମାନେ ପ୍ରଥମେ ମହିଳାଙ୍କ ବିଶ୍ୱାସ ଜିତିଥିଲେ। ପରେ ଠକମାନେ ବିଭିନ୍ନ ପ୍ରକାରର ଯୋଜନା କରି ତାଙ୍କ ଆକାଉଣ୍ଟରୁ ଟଙ୍କା ଲୁଟି ନେଇଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ସେହିପରି ରଘୁନାଥପୁର ନିବାସୀ ବାସୁଦେବ ସାମଲଙ୍କଠାରୁ ଠକମାନେ ହ୍ୱାଟସଆପ୍ ସ୍କ୍ରିନ୍ ସେୟାରିଂ ଲିଙ୍କ ପଠାଇ ୬ ଲକ୍ଷ ଟଙ୍କାରୁ ଅଧିକ ଲୁଟି ନେଇଛନ୍ତି। ଏହି କ୍ଷେତ୍ରରେ ବିନା ଓଟିପିରେ ଟଙ୍କା ନେଣଦେଣ ହୋଇଥିବା ଜଣାପଡ଼ିଛି। ଅପରାଧୀମାନେ ସାଧାରଣ ଲୋକଙ୍କ ବିଶ୍ୱାସ ଜିତି ସେମାନଙ୍କ ଫୋନର ବ୍ୟବହାରକୁ ନିଜ ଅଧିନକୁ ଆଣି ଏହି ପ୍ରକାର ଠକେଇ କରୁଥିବା ଦେଖାଯାଉଛି। ସାଇବର ଅପରାଧ ଏବେ ଏକ ବଡ଼ ସମସ୍ୟା ପାଲଟିଛି। ଅପରାଧୀମାନେ ହ୍ୱାଟସ୍‌ଆପ୍, ଟେଲିଗ୍ରାମ୍ ଏବଂ ଅନ୍ୟାନ୍ୟ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ବ୍ୟବହାର କରି ଲୋକଙ୍କୁ ପ୍ରଲୋଭିତ କରି ଲୁଟପାଟ କରୁଥିବାବେଳେ କୌଣସି ଅଜଣା ଲିଙ୍କ କିମ୍ବା ନମ୍ବରର ଉତ୍ତର ଦିଅନ୍ତୁ ନାହିଁ ବୋଲି ସାଇବର ଥାନା ପୋଲିସ୍ କହିଛି।

# ପଡ଼ିଶା ଘରେ ଲୁଟ୍: ମା’ ସମେତ ଦୁଇ ପୁଅ ଗିରଫ

ପୁରୀ(ନିପ୍ର): ନରେନ୍ଦ୍ରକୋଣ ନିକଟରେ ଥିବା ଏକ ସରକାରୀ ଜମି ଦଖଲକୁ କେନ୍ଦ୍ର କରି ଦୁଇ ପଡ଼ୋଶୀ ମଧ୍ୟରେ ବିବାଦ ରହିଥିଲା। ଏହି ବିବାଦକୁ କେନ୍ଦ୍ର କରି ଏକ ପରିବାର ଗତ ୭ ତାରିଖ ବିଳମ୍ବିତ ରାତିରେ ଘରେ କେହି ନଥିବାର ସୁଯୋଗ ନେଇ ପଡ଼ୋଶୀ କାନ୍ଥରେ ସିନ୍ଧି ଚୋରି କରି ସେଠାରୁ ସିସି କ୍ୟାମେରା, ଟିଭି ସମେତ ପ୍ରାୟ ୫ ଲକ୍ଷ ଟଙ୍କାର ମୂଲ୍ୟବାନ ସାମଗ୍ରୀ ଲୁଟିନେଇ ଓଲଟା ପଡ଼ୋଶୀଙ୍କ ନାମରେ ମିଥ୍ୟା ଅଭିଯୋଗ କରିଥିଲେ। ଟାଉନ ଥାନାରେ ଏନେଇ ଦୁଇଟି ମାମଲା ରୁଜୁକରି ପୁଲିସ ସାଇଣ୍ଟିଫିକ୍ ଟିମ୍ ନେଇ ତଦନ୍ତ କରିବାରେ ଘଟଣାର ସତ୍ୟକୁ ଉନ୍ମୋଚନ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଗତ ୭ ତାରିଖରେ ନରେନ୍ଦ୍ରକୋଣର ଅରକ୍ଷିତ ସାହୁ ତାଙ୍କ ପରିବାରକୁ ନେଇ ବ୍ରହ୍ମପୁରକୁ ଯାଇଥିଲେ। ଏହାର ସୁଯୋଗ ନେଇ ପଡ଼ିଶାଘରର ଲୋକେ ସିସି କ୍ୟାମେରା, ଏଲ୍‌ଇଡି ଟିଭି, ଷ୍ଟାଣ୍ଡ ଫ୍ୟାନ୍ ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଥିଲେ। ସେପଟେ ୮ ତାରିଖ ପୂର୍ବାହ୍ନ ୮ଟା ସମୟରେ ଅରକ୍ଷିତ ପୁରୀ ଫେରି ତାଙ୍କ ଘର ତାଲା ଭାଙ୍ଗି ଲୁଟ୍ ହୋଇଯାଇଥିବା ଜାଣିବା ପରେ ସେ ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇବା ପରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବାରେ ଲଳିତାଙ୍କ ପରିବାର ପଡ଼ୋଶୀ ଅରକ୍ଷିତଙ୍କ ଘର କାନ୍ଥ ଛ କଣା କରି ଲୁଟ୍‌ତରାଜ କରିଥିବା ସମସ୍ତ ପ୍ରକାର ପ୍ରମାଣ ପାଇଥିଲା। ତାଙ୍କ ସଂଗ୍ରହ କରିବା ପରେ ଆଜି ଲଳିତା ଓ ତା’ର ଦୁଇ ପୁଅ ପୁଅ ରଞ୍ଜିତ ଓ ସଞ୍ଜିତକୁ ଗିରଫ ପରେ କୋର୍ଟଚାଲାଣ କରିଥିବା ପୁଲିସ କହିଛି। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ୧୦ଟି ମାମଲା ରହିଥିବା ପୁଲିସ କହିଛି ।

# ନାବାଳିକାଙ୍କୁ ଦୁଷ୍କର୍ମ: ଟିଉସନ ମାଷ୍ଟରଙ୍କୁ ବାନ୍ଧିଲା ମହିଳା ଥାନା ପୋଲିସ

ଭୁବନେଶ୍ୱର(ନି.ପ୍ର): ଟିଉସନ କରିବା ନାଁରେ ଜଣେ ନାବାଳିକାଙ୍କୁ ଦୁର୍ଷ୍କମ କରିବା ଅଭିଯୋଗରେ ମହିଳା ଥାନା ପୋଲିସ ମଙ୍ଗଳବାର ଜଣେ ଟିଉସନ ମାଷ୍ଟରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମାଷ୍ଟରଙ୍କ ନାମ ନିରଞ୍ଜନ ମିଶ୍ର (୩୮) ଓ ତାଙ୍କ ଘର ଯାଜପୁର ଟାଉନରେ ହୋଇଥିବା ବେଳେ ବର୍ତ୍ତମାନ ସେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣି ମଙ୍ଗଳାମନ୍ଦିର ନିକଟସ୍ଥ ପ୍ଲଟ ନଂ ୩୨୭୩ରେ ରହୁଥିବା ଜଣାପଡିଛି। ନିରଞ୍ଜନ ସ୍ଥାନୀୟ ଅଞ୍ଚଳରେ ଏକ କୋଚିଙ୍ଗ ସେଣ୍ଟର ଚଳାଉଥିବା ବେଳେ ସେଠାରେ ହିଁ ସେ ନାବାଳିକା ଛାତ୍ରୀଙ୍କୁ ଟିଉସନ କରିବା ନାଁରେ ଦୁର୍ଷ୍କମ କରିଥିବା ନେଇ ଅଭିଯୋଗ ହୋଇଛି। ଦୁର୍ଷ୍କମର ଶିକାର ହେବା ପରେ ନାବାଳିକା ଜଣଙ୍କ ନିଜ ଘରେ ଏନେଇ ଜଣାଇଥିଲେ। ପରେ ପରିବାର ଲୋକେ ତାଙ୍କୁ ମହିଳା ଥାନା ନେଇ ଅଭିଯୋଗ କରିବା ପରେ ପୋଲିସ ନାବାଳିକାଙ୍କ ବୟାନ ରେକର୍ଡ କରିବା ସହ ତାଙ୍କୁ ମେଡିକାଲ ପଠାଇଥିଲେ। ପରେ ମହିଳା ଥାନାର ଏକ ଟିମ୍ ଚକେଇଆଣି ଅଞ୍ଚଳରେ ଚଢଉ କରି ମାଷ୍ଟରଙ୍କୁ ଗିରଫ କରିଥିବା ଜଣାପଡିଛି।

# ବାଲିଅନ୍ତା ଭିଡ଼ ହିଂସା ମାମଲା: ଆଉ ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର): ବାଲିଅନ୍ତା ଥାନା ଅଞ୍ଚଳରେ ଜିଆରପି କନଷ୍ଟେବଲ୍ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ଭିଡ଼ ହିଂସା ହତ୍ୟା ଘଟଣାର ତଦନ୍ତ ଜାରି ରହିଛି। କ୍ରାଇମବ୍ରାଞ୍ଚ ମଙ୍ଗଳବାର ଏହି ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ବିଭୂତି ଭୂଷଣ ପରିଡା, ତା ଘର କଟକ ବିଡାନାସୀ ଅଞ୍ଚଳରେ ହୋଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ଏହାସହ ଏହି ମାମଲାରେ ମୋଟ ଗିରଫଦାରି ସଂଖ୍ୟା ୧୯ ପହଞ୍ଚିଛି। ଗତ ମେ ୭ ତାରିଖରେ ବାଲିଅନ୍ତା ଅଞ୍ଚଳରେ ଏକ ମୋଟରସାଇକେଲ୍ ଧକ୍କା ଘଟଣାକୁ କେନ୍ଦ୍ର କରି ଜଣେ ମହିଳାଙ୍କ ଅଭିଯୋଗ ପରେ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଏକ ଭିଡ଼ ଆକ୍ରମଣ କରିଥିଲା। ତାଙ୍କୁ ଏକ ଖୁଣ୍ଟରେ ବାନ୍ଧି ନିଷ୍ଠୁର ଭାବେ ମାଡ ମରାଯାଇଥିଲା। ଏହି ଘଟଣା ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା। କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ ଆରମ୍ଭ କରି ଏପର୍ଯ୍ୟନ୍ତ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରିଛି। ସମ୍ପ୍ରତି ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସଂଖ୍ୟା ୧୯ ପହଞ୍ଚିଛି।

# ସିଏମଓରୁ ଫାଇଲ୍ ଚୋରି ଘଟଣା: ଜିଏ ବିଭାଗରେ ପୋଲିସର ଛାନଭିନ୍

ଭୁବନେଶ୍ୱର(ନିପ୍ର): ସିଏମଓରୁ ଫାଇଲ୍ ଚୋରି ଘଟଣାରେ ପୁଣି ଥରେ ସାଧାରଣ ପ୍ରଶାସନ ବିଭାଗରେ ଛାନ ଭିନ୍ କରିଛି କ୍ୟାପିଟାଲ ଥାନା ପୋଲିସ୍। କ୍ୟାପିଟାଲ ଥାନା ଅଧିକାରୀ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି ଥାନା । ୨ଟି ତଦନ୍ତ କମିଶନ ଫାଇଲ ହଜିବା ଘଟଣାରେ ଗୃହ ବିଭାଗର ଅଭିଯୋଗକୁ ଭିତ୍ତିକରି ପୋଲିସ୍ ତଦନ୍ତ ଜାରି ରଖିଛି।

# ଦୁଇ ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

ଭାପୁର(ନିପ୍ର): ଫତେଗଡ଼ ଥାନା ରାକମା ଗ୍ରାମ ମନ୍ଦିର ସାହିର କୃଷ୍ଣଚନ୍ଦ୍ର ବେହେରାଙ୍କ ସ୍ତ୍ରୀ ଦୁଃଖୀଦେଇ ବେହେରା (୫୨)ଙ୍କ ରବିବାର ରାତିରେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତ୍ରିରେ ତାଙ୍କର ଉଚ୍ଚ ରକ୍ତଚାପ ହଠାତ ବଢ଼ିଯାଇ ହୃଦଘାତଜନିତ ଲକ୍ଷଣ ପରିଲକ୍ଷିତ ହୋଇଥିଲା। ପରିବାର ପକ୍ଷରୁ ତାଙ୍କୁ ସଙ୍ଗେସଙ୍ଗେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ କାର୍ଯ୍ୟରତ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ସେହିପରି ପଦ୍ମାବତୀ ପଞ୍ଚାୟତ ଝଗଡ଼ପଡା ଗ୍ରାମର ରାଘବ ବେହେରାଙ୍କ ସ୍ତ୍ରୀ ଘରୋଇଜନିତ କଳହରୁ ମଙ୍ଗଳବାର ସକାଳ ସମୟରେ ବିଷ ପିଇ ଦେଇଥିଲେ। ପରିବାର ପକ୍ଷରୁ ତାଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଉଲ୍ଲେଖଯୋଗ୍ୟ, ସେ ଅଙ୍ଗନବାଡିରେ ହେଲପର ରୂପେ କାର୍ଯ୍ୟ କରୁଥିଲେ। ଉଭୟଙ୍କ ମୃତ୍ୟୁରେ ପରିବାରରେ ଶୋକର ଛାୟା ଖେଳିଯାଇଛି।

# ଟାଙ୍ଗୀ ବନାଞ୍ଚଳରେ ହାତୀ ଆତଙ୍କ



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଗାଁ ଗହଳିରେ ଏବେ ବନ୍ୟହାତୀଙ୍କ ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। ଏକାଧିକ ହାତୀ ଦିନରାତି ବିଭିନ୍ନ ଅଞ୍ଚଳରେ ଘୁରି ବୁଲି ବ୍ୟାପକ ଫସଲ ନଷ୍ଟ କରିବା ସହିତ ଜନବସତି ମୁହାଁ ହେଉଥିବାରୁ ସ୍ଥାନୀୟ ବାସିନ୍ଦା ଭୟଭୀତ ଅବସ୍ଥାରେ ରହିଛନ୍ତି। ବିଶେଷ କରି ବନାଞ୍ଚଳର ଗୟାବନ୍ଧ ଅଞ୍ଚଳରେ ଦୀର୍ଘ ଦିନ ହେବ ୪ରୁ ୫ଟି ହାତୀ ସବୁବେଳେ ଡେରା ଜମାଇ ରହୁଛନ୍ତି। ଗତକାଲି ବିଳମ୍ବିତ ରାତିରେ ଏହି ହାତୀପଲ ସ୍ଥାନୀୟ ବାସିନ୍ଦା ଗଫର୍ ଖାଁଙ୍କ ଜାଗାରେ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ହାତୀମାନେ ସେଠାରେ ନିର୍ମିତ ପଥର ପାଚେରୀକୁ ଭାଙ୍ଗି ଚୁରମାର କରିବା ସହ ସୁରକ୍ଷା ପାଇଁ ଦିଆଯାଇଥିବା ସିମେଣ୍ଟ ଖୁଣ୍ଟ ଓ ତାର ବାଡ଼କୁ ସମ୍ପୂର୍ଣ୍ଣ ଉପାଡ଼ି ନଷ୍ଟ କରିଦେଇଛନ୍ତି। ହାତୀଙ୍କ ଏଭଳି ସନ୍ତ୍ରାସ ଯୋଗୁଁ ସ୍ଥାନୀୟ ଚାଷୀ ଓ ଜନସାଧାରଣ ଆର୍ଥିକ ସ୍ତରରେ ସର୍ବସ୍ୱାନ୍ତ ହେବାକୁ ବସିଲେଣି। ବାରମ୍ବାର କ୍ଷୟକ୍ଷତି ଘଟୁଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନଥିବା ଅଭିଯୋଗ ହେଉଛି। ତେଣୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ସହ କ୍ଷତିଗ୍ରସ୍ତ ଗଫର୍ ଖାଁଙ୍କୁ ଉପଯୁକ୍ତ ସରକାରୀ ସାହାଯ୍ୟ ଓ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି।

# ରାକେଶ ଦଳେଇ ହତ୍ୟାକାଣ୍ଡ ଘଟଣା, ଫେରାର ଅଭିଯୁକ୍ତ ରାହୁଲ ଗିରଫ



ଜଟଣୀ(ନିପ୍ର): ଗତ ୨୦୨୫ ମସିହା ବହୁ ଚର୍ଚ୍ଚିତ ରାକେଶ ଦଳେଇ ଓରଫ ମାନସ ହତ୍ୟାକାଣ୍ଡ ଘଟଣାରେ ଅଭିଯୋଗକାରୀ ବାବୁ ସିଂହ ଦେଓଙ୍କ ଅଭିଯୋଗ କ୍ରମେ ଜଟଣୀ ଥାନା ପୁଲିସ ଫେରାର ଥିବା ରାହୁଲ ପ୍ରଧାନ (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ ମୃତ ମାନସ ଦଳାଇ ଜଟଣୀ ଥାନା ଅନ୍ତଗତ ବଡ଼ନୁଆଗାଁ ବାସିନ୍ଦା ଏବଂ ସମ୍ପର୍କରେ ଅଭିଯୋଗକାରୀଙ୍କ ଭିଣୋଇ । ଗତ ତା.୦୩.୦୪.୨୦୨୫ ରିଖ ବିଳମ୍ବିତ ରାତି ୧.୨୦ରୁ ୧.୩୦ ମଧ୍ୟରେ ନିକଟକୁ କୌଣସି ଏକ ନମ୍ବରରୁ କଲ ଆସିବା ପରେ ସେ ଷଣ୍ଢପୁର ଅଭିମୁଖେ ଯାଉଥିବା କହି ଘରୁ ବାହାରି ଯାଇଥିଲେ । ଭିଣୋଇ ମାନସଙ୍କ କଥାରେ ସନ୍ଦେହ ପ୍ରକାଶ କରି ଅଭିଯୋଗକାରୀ ତାଙ୍କ ପଛେପଛେ ଯାଇଥିଲେ । ଘଟଣା ସ୍ଥଳରେ ପହଞ୍ଚିବା କ୍ଷଣି ତାଙ୍କ ଭିଣୋଇଙ୍କୁ କିଛି ଦୁର୍ବୃତ୍ତ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରୁଥିବା ଦେଖିବାକୁ ପାଇଥିଲେ । ବାବୁଙ୍କୁ ଦେଖି ଅଭିଯୁକ୍ତମାନେ ଏକ ଲାଲ ରଙ୍ଗର ସ୍ୱିଫ୍ଟ କାର ଓ ତିନୋଟି ମୋଟରସାଇକେଲରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଆହତ ମାନସ ଦଳାଇ ମୃତ୍ୟୁ ପୂର୍ବରୁ କିଛି ଆକ୍ରମଣକାରୀଙ୍କ ନାମ ପ୍ରକାଶ କରିଥିଲେ। ତାଙ୍କୁ ତୁରନ୍ତ ଏମ୍ସ, ଭୁବନେଶ୍ୱରକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତଦନ୍ତ ସମୟରେ ଘଟଣାସ୍ଥଳରୁ ଏକ ଲାଲ ରଙ୍ଗର ଏସ୍-ପ୍ରେସୋ କାର, ଏକ ଇଲେକ୍ଟ୍ରିକ୍ ସ୍କୁଟି, ମୋବାଇଲ ଫୋନ, ଚପଲ, ଚାବି ଓ ଅନ୍ୟାନ୍ୟ ସମ୍ପୃକ୍ତ ସାମଗ୍ରୀ ଜବତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ମୃତକ ନିର୍ମାଣ ସାମଗ୍ରୀ ଯୋଗାଣ ବ୍ୟବସାୟରେ ଜଡିତ ଥିବା ବେଳେ ଅଭିଯୁକ୍ତମାନେ ଜେସିବି ଓ ହାଇୱା ବ୍ୟବସାୟ କରୁଥିଲେ। “ଦାଦା ବଟି” ଆଦାୟ ଓ ବ୍ୟବସାୟ ବନ୍ଦ କରିବାକୁ ମୃତକଙ୍କ ପକ୍ଷରୁ ଧମକ ଦିଆଯାଉଥିବା ଅଭିଯୋଗକୁ କେନ୍ଦ୍ର କରି ଉଭୟ ପକ୍ଷ ମଧ୍ୟରେ ଶତ୍ରୁତା ସୃଷ୍ଟି ହୋଇଥିଲା।

## କାଠଚକ୍ର ଫାଟି ୨ ଗୁରୁତର ଘଟଣା

# ଗ୍ରାମ୍ୟକମିଟି ନାଁରେ ରୁଜୁ ହେଲା ମାମଲା

ପିପିଲି(ନିପ୍ର): ପିପିଲି ଏସଡିପିଓଙ୍କ କାର୍ଯ୍ୟାଳୟ ଅଧୀନ ବଳଙ୍ଗା ଥାନା ଅନ୍ତର୍ଗତ ପୁରୁଣା ବୁଢ଼ାକେରା ଗ୍ରାମର ମେଳଣ ପଡିଆରେ କାଠଚକ୍ର ଫାଟି ୨ଜଣ ଗୁରୁତର ହୋଇଥିଲେ। ଏହି ଘଟଣାରେ ବଳଙ୍ଗା ପୋଲିସ ନିଜ ଆଡୁ ଥାନା କେସ ନଂ - ୧୮୯/୨୬ ଥାନାରେ ମାମଲା ରୁଜୁ କରିଛି। ଗ୍ରାମ୍ୟ କମିଟି ବିନା କୌଣସି ଅନୁମତି ନ ଥାଇ କାଠଚକ୍ର ବାଣ ପ୍ରଦର୍ଶନ କରୁଥିଲେ ବୋଲି ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା । ଫଳରେ ପୋଲିସ ପୁରୁଣା ବୁଢ଼ାକେରା ଗ୍ରାମ୍ୟ କମିଟି ନାଁରେ ଥାନାରେ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ ଶୀତଳ ଷଷ୍ଠୀ ଉପଲକ୍ଷେ ମେଳଣ ପଡ଼ିଆରେ ପରମ୍ପରା ଅନୁଯାୟୀ ଗ୍ରାମ୍ୟ କମିଟି ପକ୍ଷରୁ କାଠଚକ୍ର ବାଣ ପ୍ରଦର୍ଶନ କରାଯାଉଥିଲା । ଗୋଟିଏ କାଠଚକ୍ର ଫାଟି ଯିବାରୁ ଘଟଣା ସ୍ଥଳରେ ଥିବା ଗ୍ରାମର ଦୁଇଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି ।

# ବାଇକ ସହ ଗଞ୍ଜେଇ ଜବତ: ଜଣେ ଗିରଫ




ଆସିକା(ନିପ୍ର): ଗଞ୍ଜାମ ଜିଲ୍ଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଆସିକା ଥାନା ଅନ୍ତର୍ଗତ ପାକଲାପଲ୍ଲୀ ଛକଠାରେ ବାଇକ ସହ ଗଞ୍ଜେଇ ଜବତକରି ଜଣକୁ ଗିରଫ କରିଛି । ପୂର୍ବ ସୂଚନା ମୁତାବକ ଓଡ଼ି ୨୫ଏଲ ୧୩୧୮ ନମ୍ବର ବିଶିଷ୍ଟ ଗୋଟିଏ ହୋଣ୍ଡା ୟୁନିକର୍ନ ମୋଟର ସାଇକେଲ ଅଟକାଇ ଯାଞ୍ଚ ସମୟରେ ନୟାଗଡର ଶରଣକୁଳ ଅଞ୍ଚଳର ସନ୍ତୋଷ କୁମାର ସ୍ୱାଇଁଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲା। ପୋଲିସ କେସ୍ ନମ୍ବର-୩୧/ ୨୬-୨୭ ପ୍ରକାରେ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ କନ୍ଧମାଳରୁ ଆସ୍କାକୁ ଗଞ୍ଜେଇ ଚାଲାଣ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏହି ଚଢ଼ାଉରେ ଜିଲ୍ଲା ଷ୍ଟ୍ରାଇକିଂ ଫୋର୍ସ ଅଧିକାରୀ ଅଂଶୁମାନ ଜେନା, ଏଏସଆଇ ସୋମନାଥ ସ୍ୱାଇଁ, ସତ୍ୟ ବେହେରା କନଷ୍ଟେବଲ ମଧୁସୂଦନ ଜାନି, ଶ୍ରୀକାନ୍ତ ବେହେରା, ଶାନ୍ତନୁ କୁମାର ବେହେରା ପ୍ରମୁଖ ସାମିଲ ଥିଲେ।


# ପାରିବାରିକ ହିଂସା: ବାପା, ମା’ଙ୍କୁ ମାଡମାରି ୨ ଗିରଫ

କାକଟପୁର(ନିପ୍ର): କାକଟପୁର ଥାନା ଅନ୍ତର୍ଗତ ପଥରପକା ଗ୍ରାମରେ ଏକ ଅଭାବନୀୟ ପାରିବାରିକ ହିଂସା ଘଟଣା ସାମ୍ନାକୁ ଆସିଛି। ଜନ୍ମକଲା ମା’ ଏବଂ ବାପାଙ୍କୁ ନିର୍ମମ ଭାବେ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ପୁଲିସ୍ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ପଥରପାକା ଗ୍ରାମର କାଞ୍ଚନ ବିଶ୍ୱାଳ (୬୦)ଙ୍କ ୩୬ ବର୍ଷୀୟ ପୁଅ ଗଣେଶ ବିଶ୍ୱାଳ ଗତ ରବିବାର ବିଳମ୍ବିତ ରାତି ପ୍ରାୟ ୧୦ଟା ସମୟରେ କୌଣସି କାରଣକୁ ନେଇ ନିଜ ମା’ଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ଏତିକିରେ ମନ ନ ବୁଝିବାରୁ ସେ ମା’ଙ୍କୁ ଗୋଇଠା, ବିଧା ମାରିବା ସହ ତଳେ ଘୋଷାରି ସାଙ୍ଘାତିକ ଭାବେ ଆହତ କରିଥିଲା। ଏହା ଦେଖି ଯେତେବେଳେ କାଞ୍ଚନଙ୍କ ସ୍ୱାମୀ ନଟବର ବିଶ୍ୱାଳ ପୁଅକୁ ଅଟକାଇବାକୁ ଚେଷ୍ଟା କରିଥିଲେ, ଉତ୍ୟକ୍ତ ପୁଅ ଏକ ବାଉଁଶ ବାଡ଼ିରେ ବାପାଙ୍କୁ ମଧ୍ୟ ନିର୍ଦ୍ଧୁମ ମାଡ଼ ମାରିଥିଲା । ମାଡ଼ ମାରିବା ପରେ ମଧ୍ୟ ଗଣେଶର ରାଗ ଶାନ୍ତ ହୋଇନଥିଲା। ସେ ଘରର ଆସବାବପତ୍ର ଭଙ୍ଗାରୁଜା କରିବା ସହ ଏକ ଧାରୁଆ ଛୁରୀ ଧରି ମା’, ବାପାଙ୍କ ସମେତ ପରିବାରର ସମସ୍ତ ସଦସ୍ୟଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏ ସମ୍ପର୍କରେ ସୋମବାର ପୀଡ଼ିତା ମା’ କାଞ୍ଚନ ବିଶ୍ୱାଳ କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି କାକଟପୁର ପୁଲିସ୍ କେସ୍ ନଂ-୨୨୮/୨୦୨୬, ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୬, ୧୧୫(୨), ୧୩୩, ୩୫୧(୨) ଏବଂ ୩(୨) ଅନୁଯାୟୀ ମାମଲା ରୁଜୁ କରିଥିଲା । ମାମଲାର ଗୁରୁତ୍ୱକୁ ଦେଖି କାକଟପୁର ପୁଲିସ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ଅଭିଯୁକ୍ତ ପୁଅ ଗଣେଶ ବିଶ୍ୱାଳକୁ ଗିରଫ କରିଥିଲା। ଅନୁରୂପ ଭାବରେ ମଦ୍ୟପାନ କରି ଘରେ ଗଣ୍ଡଗୋଳ କରିବା ସହ ବାପା-ମାଆ ଓ ପରିବାର ଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ କାକଟପୁର ପୋଲିସ ମୁତୁନିଆ



ଗ୍ରାମର ମିଥୁନ ମଲ୍ଲିକ ଓରଫ ଖଟୁଆ (୩୦)କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଗତ ରବିବାର ବିଳମ୍ବିତ ରାତିରେ ମିଥୁନ ଅତ୍ୟଧିକ ମଦ୍ୟପାନ କରି ଉନ୍ମତ୍ତ ଅବସ୍ଥାରେ ଘରକୁ ଫେରିଥିଲେ। ଏହାପରେ ସେ ବିନା କାରଣରେ ପରିବାର ଲୋକଙ୍କୁ ଗାଳିଗୁଲଜ କରିବା ସହ ହାତରେ ଏକ ମାରାତ୍ମକ ଅସ୍ତ୍ର ଧରି ବାପା ରଞ୍ଜନ ମଲ୍ଲିକ (୫୯), ମାଆ ଓ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ସହିତ ସେ ନିଜ ବାପା ଓ ମାଆଙ୍କୁ ନିର୍ଦ୍ଧୁମ ମାଡ଼ ମଧ୍ୟ ମାରିଥିଲେ। ଏ ନେଇ ସୋମବାର ସକାଳେ ବାପା ରଞ୍ଜନ ମଲ୍ଲିକ କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ କେସ୍ ନଂ ୨୨୯/୨୦୨୬, ଧାରା ୧୨, ୨, ୨୯୬, ୩୫୧, ୨ ଏବଂ ୧୧୫, ୨ ବଳରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ଅପରାହ୍ନରେ ପୋଲିସ ଅଭିଯୁକ୍ତ ମିଥୁନକୁ ଗିରଫ କରିବା ସହିତ ଉପରୋକ୍ତ ୨ ଅଭିଯୁକ୍ତଙ୍କୁ ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୁଲିସ୍ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ପୁରୀରୁ ୩୩୫ ଜଣ ଅସାମାଜିକ ବ୍ୟକ୍ତି ଗିରଫ



ପୁରୀ(ନିପ୍ର): ଜିଲ୍ଲାରେ ଆଇନ-ଶୃଙ୍ଖଳା ପରିସ୍ଥିତି ସୁଦୃଢ କରିବା, ଅସାମାଜିକ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ଏବଂ ମାଦକ ଦ୍ରବ୍ୟ ସମ୍ବନ୍ଧୀୟ ଅପରାଧକୁ ରୋକିବା ନିମନ୍ତେ ପୁରୀ ପୋଲିସ୍ ପକ୍ଷରୁ ଏହି ବର୍ଷ ବ୍ୟାପକ ଚଢ଼ଉ ଓ ବିଶେଷ ଏନଫୋର୍ସମେଣ୍ଟ ଡ୍ରାଇଭ୍ ଚାଲୁ ରହିଛି। ଏହି ଅଭିଯାନ ମାଧ୍ୟମରେ ଅପରାଧୀ, ଅସାମାଜିକ ତତ୍ତ୍ୱ ଓ ଆଇନ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ପୋଲିସ ପକ୍ଷରୁ ହୋଇଥିବା ସମ୍ପ୍ରତିର ଅଭିଯାନରେ ମୋଟ ୩୩୫ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ସିଟି ପୋଲିସ ଦ୍ୱାରା । ଏହି ବ୍ୟକ୍ତିମାନେ ବିଭିନ୍ନ ଅପରାଧ, ସାମାଜିକ ଅଶାନ୍ତି ସୃଷ୍ଟି ଓ ଆଇନ ଶୃଙ୍ଖଳା ବିଘ୍ନ କରିବା ଘଟଣାରେ ଜଡିତ ଥିବା ପ୍ରମାଣ ମିଳିଛି। ସେମାନଙ୍କ ବିରୋଧରେ ଆବଶ୍ୟକ ଆଇନଗତ କାର୍ଯ୍ୟବାହୀ ଚାଲିଛି। ମାଦକଦ୍ରବ୍ୟ ବିରୋଧୀ ଅଭିଯାନ ଅଧୀନରେ ବ୍ରାଉନ ସୁଗାର ସମ୍ବନ୍ଧୀୟ ୧୪ଟି ମାମଲା ରୁଜୁ କରାଯାଇଛି। ଏହି ସମସ୍ତ ମାମଲାରେ ୨୮ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ମୋଟ ୫୩୬ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି। ମାଦକଦ୍ରବ୍ୟର ଅବୈଧ କାରବାର ଯୁବପିଢ଼ିକୁ ଭ୍ରଷ୍ଟ ମାର୍ଗରେ ନେଇଯାଉ ଥିବାରୁ ଏହା ଉପରେ ପୋଲିସ୍ ଶୂନ୍ୟ ସହନଶୀଳତା ନୀତି ଅନୁସରଣ କରୁଛି। ସେହିପରି କଫ ସିରପର ଅବୈଧ ବ୍ୟବସାୟ ବିରୋଧରେ ୨୦ଟି ମାମଲା ରୁଜୁ କରାଯାଇଛି। ଏଥିରେ ୩୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସହିତ ମୋଟ ୧୬୪୬ ବୋତଲ କଫ ସିରପ ଜବତ କରାଯାଇଛି। ଏହି ପ୍ରକାର ନିଶାଦ୍ରବ୍ୟର ଅବୈଧ ବ୍ୟବହାର ଓ ବିକ୍ରୟ ବିରୋଧରେ ପୋଲିସ୍ ଅଧିକ ସକ୍ରିୟ ଭାବରେ କାର୍ଯ୍ୟ କରୁଛି। ସଡ଼କ ସୁରକ୍ଷା ଓ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ମଦ୍ୟପ ଅବସ୍ଥାରେ ଗାଡ଼ି ଚାଳନା ବିରୋଧରେ ବିଶେଷ ଚେକିଂ ଅଭିଯାନ ଚାଲିଛି। ଏହି ଅଭିଯାନରେ ୮୦୩ଟି ଡ୍ରଙ୍କେନ୍ ଡ୍ରାଇଭିଂ କେସ୍ ଚିହ୍ନଟ କରାଯାଇ ଆଇନ ଅନୁଯାୟୀ ଜରିମାନା ଓ କାର୍ଯ୍ୟବାହୀ କରାଯାଇଛି। ଏହାଛଡ଼ା ସାର୍ବଜନିକ ସ୍ଥାନରେ ମଦ୍ୟପାନ କରି ସାମାଜିକ ଶୃଙ୍ଖଳା ଭଙ୍ଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ ଅଭିଯାନ ଜାରି ରହିଛି। ଏପର୍ଯ୍ୟନ୍ତ ୧୮୦୦ ଜଣଙ୍କୁ ପବ୍ଲିକ ଡ୍ରିଙ୍କିଂରେ ଚିହ୍ନଟ କରାଯାଇ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯାଇଛି। ପୁରୀ ପୋଲିସ ସବୁବେଳେ ଜନସାଧାରଣଙ୍କ ସୁରକ୍ଷା, ଆଇନ ଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣ ପ୍ରତି ପ୍ରତିବଦ୍ଧ। ଅପରାଧ ନିୟନ୍ତ୍ରଣ, ମାଦକଦ୍ରବ୍ୟ ମୁକ୍ତ ସମାଜ ଗଠନ ଏବଂ ସୁରକ୍ଷିତ ପରିବେଶ ସୃଷ୍ଟି ପାଇଁ ଏପରି ଅଭିଯାନ ଆଗାମୀ ଦିନରେ ଆହୁରି ଜୋରଦାର ଭାବରେ ଜାରି ରହିବ। ଜନସାଧାରଣଙ୍କୁ ଅନୁରୋଧ, କୌଣସି ସନ୍ଦେହଜନକ କାର୍ଯ୍ୟକଳାପ, ମାଦକଦ୍ରବ୍ୟ ବ୍ୟବସାୟ କିମ୍ବା ଆଇନ ଶୃଙ୍ଖଳା ବିଘ୍ନ ସମ୍ବନ୍ଧୀୟ ସୂଚନା ମିଳିଲେ ତତକ୍ଷଣାତ୍ ପୋଲିସକୁ ଅବଗତ କରନ୍ତୁ।

# ଛୁରୀ ଦେଖାଇ ପର୍ଯ୍ୟଟକଙ୍କୁ ଲୁଟ୍

ପୁରୀ(ନିପ୍ର): ଛୁରୀ ଦେଖାଇ ପର୍ଯ୍ୟଟକଙ୍କୁ ଲୁଟ୍ ହୋଇଥିବା ଜଣାଯାଇଛି । ଟଙ୍କା ନଦେଲେ ଜୀବନ ନେବାକୁ ଧମକ ମଧ୍ୟ ଦିଆଯାଇଛି । ପୁରୀରେ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ବଡ଼ ପ୍ରଶ୍ନ ଉଠିଛି। ଚକ୍ରତୀର୍ଥ ରୋଡ୍ ନିକଟରେ ଦୁର୍ବୃତ୍ତମାନେ ଛୁରୀ ଦେଖାଇ ପର୍ଯ୍ୟଟକଙ୍କଠାରୁ ଜୋର ଜବରଦସ୍ତ ଟଙ୍କା ମାଗୁଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଟଙ୍କା ନଦେଲେ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦିଆଯାଉଛି। ଛୁରୀ ଧରି ଖୁଲମ ଖୁଲା ଭାବେ ରୋଡ ଉପରେ ଛିଡା ହେଉଛନ୍ତି ଓ ଆତଙ୍କ ଖେଳାଉଛନ୍ତି । ଚକରତୀର୍ଥ ରୋଡ୍, ସ୍ୱର୍ଗଦ୍ୱାର ଓ ଲାଇଟ୍ ହାଉସ୍ ଅଞ୍ଚଳରେ ଗତ କିଛି ଦିନ ହେଲା ନିଶାସକ୍ତ ଯୁବକମାନଙ୍କ ଉତ୍ପାତ ବଢିଛି। ରାତି ୮ଟା ପରେ ଏକୁଟିଆ ପର୍ଯ୍ୟଟକ ଦେଖିଲେ ସେମାନେ ଟଙ୍କା ମାଗୁଛନ୍ତି। କିଛି ଦିନ ତଳେ ଜଣେ ମହିଳା ପର୍ଯ୍ୟଟକଙ୍କ ଚେନ୍ ମଧ୍ୟ ଛିଣ୍ଡାଇ ନେଇଥିଲେ। ପୁରୀ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ହୋଇଥିବା ବେଳେ ଏଠାକୁ ପ୍ରତିଦିନ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ଆସୁଛନ୍ତି। ଯଦି ସେମାନଙ୍କ ସୁରକ୍ଷା ନଥାଏ, ତେବେ ରାଜ୍ୟର ବଦନାମ ହେବ। ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଜନସାଧାରଣ ଦାବି କରିଛନ୍ତି।

## ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସକଙ୍କ ନିକଟକୁ..

# ବାସୁଙ୍ଗା ପାଟ ପ୍ରେରଣ କାର୍ଯ୍ୟକ୍ରମର ଶୁଭାରମ୍ଭ

**ପୁରୀ/ଭୁବନେଶ୍ୱର, ୨୩/୬(ନିପ୍ର):** ଶ୍ରୀଜଗନ୍ନାଥ ମନ୍ଦିର, ପୁରୀର ପ୍ରଶାସକଙ୍କ ନିକଟକୁ ବାସୁଙ୍ଗା ପାଟ ପ୍ରେରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ୩୮୦ କିଲୋଗ୍ରାମର ବାସୁଙ୍ଗା ପାଟ ଶ୍ରୀଜଗନ୍ନାଥ ମନ୍ଦିର, ପୁରୀର ପ୍ରଶାସକଙ୍କ ନିକଟକୁ ପ୍ରେରଣ କରାଯାଇଛି । ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ପୂଜାର୍ଚ୍ଚନା ପରେ ପତାକା ହଲାଇ ବାସୁଙ୍ଗା ପାଟ ପ୍ରେରଣ କାର୍ଯ୍ୟର ଆରମ୍ଭ କରାଗଲା ।ମନ୍ତ୍ରୀ ଶ୍ରୀ ପ୍ରଦିପ ବଳ ସାମନ୍ତ ଏହି ଅବସରରେ କହିଛନ୍ତି ବାସୁଙ୍ଗା ପାଟ ହେଉଛି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ଗୁରୁତ୍ୱପୂର୍ଣ୍ଣ ରୀତିନୀତିରେ ବ୍ୟବହୃତ ଏକ ଅତ୍ୟନ୍ତ ପବିତ୍ର ଓ ବିଶେଷ ପ୍ରକାରର ରେଶମ ଡୋରୀ । ବାସୁଙ୍ଗା ପାଟ ହେଉଛି ଶ୍ରୀ ଜଗନ୍ନାଥ ସଂସ୍କୃତି ସହ ଜଡିତ ଏକ ପାରମ୍ପରିକ



ରେଶମୀ ପଟ୍ଟବସ୍ତ୍ର, ଯାହା ଓଡ଼ିଶାର ରେଶମ ଓ ହସ୍ତତନ୍ତ ଐତିହ୍ୟର ପ୍ରତୀକ । ଏହା ଆଧ୍ୟାତ୍ମିକ ଶିଷ୍ଟାଚାର, ପାରମ୍ପରିକ କାରୁକୃତି ଓ ଦେଶଜ ପ୍ରଯୁକ୍ତି ଜ୍ଞାନର ଏକ ଦୁର୍ଲଭ ସମନ୍ୱୟକୁ ପ୍ରତିନିଧିତ୍ୱ କରେ । ବାସୁଙ୍ଗା ପାଟ ପ୍ରାକୃତିକ ମଲବେରୀ ରେଶମ ସୂତାରୁ ପ୍ରସ୍ତୁତ କରାଯାଏ ଓ କଇଥ ଫଳର ଅଠାରେ ରଙ୍ଗ ଦିଆଯାଇଥାଏ । ବାସୁଙ୍ଗା କେବଳ ଏକ ଧାର୍ମିକ ସାମଗ୍ରୀ ନୁହେଁ, ବରଂ ଏହା ଶ୍ରଦ୍ଧା, କାରୁକୃତି ଓ ପାରମ୍ପରିକତାର ଏକ ପବିତ୍ର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ରିତିନୀତିରେ ଏହାର ଅବିରତ ବ୍ୟବହାର ଓଡ଼ିଶାର ମନ୍ଦିର ସଂସ୍କୃତି ଓ କଳାକୌଶଳର ଅମୂଲ୍ୟ ଐତିହ୍ୟକୁ ପ୍ରକାଶ କରେ ।ଏହି ବାସୁଙ୍ଗା ତିଆରି ନିମନ୍ତେ କରୁଣା ସିଲ୍କ ଭଳି ପଦ୍ଧତିର ବ୍ୟବସ୍ଥା କରାଯାଇଛି କରୁଣା ସିଲ୍କ ହେଉଛି ପାରମ୍ପରିକ ରେଶମର ଏକ ଅହିଂସାମୂଳକ ଓ ସୁସ୍ଥାୟୀ ବିକଳ୍ପ, ଯାହା ରେଶମ କୀଟମାନଙ୍କୁ କୌଣସି କ୍ଷତି ନକରି ପ୍ରସ୍ତୁତ କରାଯାଏ ।ଏହି ପ୍ରକ୍ରିୟାରେ ସମସ୍ତ ରେଶମ କୀଟମାନଙ୍କୁ ସମ୍ପୂର୍ଣ୍ଣ ପ୍ରଜାପତି ହେବା ପର୍ଯ୍ୟନ୍ତ ବଂଚିବାକୁ ଦିଆଯାଏ, ସେମାନେ ନିଜ ସ୍ୱାଭାବିକ ଜୀବନଚକ୍ର ସମ୍ପୂର୍ଣ୍ଣ କରି ପ୍ରାକୃତିକ ଭାବେ ରେଶମ କୋଷରୁ ବାହାରିଆସନ୍ତି । ପୁରାତନ ସ୍ପିନିଂ ପ୍ରକ୍ରିୟା ମାଧ୍ୟମରେ ପୁପାକୁ ହତ୍ୟା କରି ସୂତା ରିଲିଂ କରିବା ପାରମ୍ପରିକ ପଦ୍ଧତିକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଯାଏ । ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ ହସ୍ତତନ୍ତ , ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ ୧୯୮୧ ମସିହାରୁ ଶ୍ରୀଜଗନ୍ନାଥ ମନ୍ଦିର, ପୁରୀର ପ୍ରଶାସକଙ୍କ ନିକଟକୁ ବାସୁଙ୍ଗା ପାଟ ଯୋଗାଇ ଦିଆଯାଉଛି ।

## ବଡ଼ ଦାଣ୍ଡରେ ଆମିଷ ଓ ମଦ ବିକ୍ରି ମନା

ବାରିପଦା, ୨୩/୬: ଆଗକୁ ରଥଯାତ୍ରା ଆସୁଛି । ଏହାକୁ ନେଇ ଭିନ୍ନ ଭିନ୍ନ ଜିଲ୍ଲାର ପ୍ରଶାସନ ତତ୍ପର ହୋଇଛି । ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାର ବାରିପଦା ପାଇଁ ଜିଲ୍ଲା ପ୍ରଶାସନ ଏକ କଠୋର ନିୟମ ଜାରି କରିଛି । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ମୁତାବକ ଜୁଲାଇ ୧୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ବାରିପଦା ବଡ଼ ଦାଣ୍ଡରେ ଆମିଷ ବିକ୍ରି ଓ ଆମିଷ ଭୋଜନ ଉପରେ ପ୍ରତିବନ୍ଧକ ଲଗାଯାଇଛି । କେବଳ ସେତିକି ନୁହେଁ ଏହି ଅବଧି ମଧ୍ୟରେ ବଡ଼ ଦାଣ୍ଡ ପରିସରରେ ଥିବା ସମସ୍ତ ସରକାରୀ ମଦ ଦୋକାନ ବନ୍ଦ ରହିବ । ଏହା ତ ବାରିପଦା ରଥକୁ ନେଇ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ । ସେପଟେ ପୁରୀ ରଥଯାତ୍ରାକୁ ନେଇ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସମାନ କଥା କହିଛନ୍ତି ମନ୍ତ୍ରୀ । ରଥଯାତ୍ରାର କିଛି ଦିନ ଆଗରୁ ଓ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ପୁରୀ ସହରରେ ସମ୍ପୂର୍ଣ୍ଣ ଭାବେ ଆମିଷ ଓ ମଦ ବିକ୍ରି ଓ କଟକଣା ରହିବ ।

## 'କବଚ' ସୁରକ୍ଷା ପ୍ରଣାଳୀର ମଞ୍ଜୁରି

# ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୩/୬(ନିପ୍ର):** ପୂର୍ବତଟ ରେଳବାଇର ୬୩୧ ରୁଟ୍ କିଲୋମିଟର ଅଞ୍ଚଳରେ 'କବଚ' ସୁରକ୍ଷା ପ୍ରଣାଳୀର କାର୍ଯ୍ୟକାରୀ କରଣ ପାଇଁମଞ୍ଜୁରି ମିଳିବା ପରେ ପିଏମ ମୋଦି ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି ମୁଖ୍ୟମନ୍ତ୍ରୀକହିଛନ୍ତି ଯେ, ପୂର୍ବତଟ ରେଳବାଇର ୬୩୧ ରୁଟ୍ କିଲୋମିଟର ଅଞ୍ଚଳରେ 'କବଚ'ସୁରକ୍ଷାପ୍ରଣାଳୀର କାର୍ଯ୍ୟକାରୀକରଣ ପାଇଁ ମଞ୍ଜୁରି ମିଳିବା ଆମ ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ,ପୂର୍ବତଟ ରେଳବାଇ ନେଟୱର୍କର ଏକ ପ୍ରମୁଖ ଅଂଶ ଭାବେ ଓଡ଼ିଶା ଏହା ଦ୍ୱାରା ଯାତ୍ରୀ ସୁରକ୍ଷାରେବୃଦ୍ଧି, ଦୁର୍ଘଟଣାର ଆଶଙ୍କା ହ୍ରାସ, ଟ୍ରେନ୍ ପରିଚାଳନାରେ ଉନ୍ନତି ଏବଂ ରେଳ ସେବାର ବିଶ୍ୱସନୀୟତା ବୃଦ୍ଧିଭଳି ଅନେକ ସୁଫଳ ପାଇବ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ,ଦେଶୀୟ ଭାବେ ବିକଶିତ ଏହି ଆଧୁନିକ ପ୍ରଯୁକ୍ତି ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ ଅର୍ଥନୈତିକ ଅଭିବୃଦ୍ଧିକୁ ଗତିଶୀଳ କରିବ ଏବଂ ଓଡ଼ିଶାବାସୀଙ୍କ ପାଇଁ ଏକ ଅଧିକ ସୁରକ୍ଷିତ ଓକାର୍ଯ୍ୟକ୍ଷମ ରେଳ ବ୍ୟବସ୍ଥା ଗଠନରେ ସହାୟକ ହେବ ।

## ■ ରାଜ୍ୟରେ ବିଗିଡ଼ିବାକୁ ବସିଲାଣି ସ୍ୱାସ୍ଥ୍ୟସେବା

# କାମ ବନ୍ଦ କରି ଧାରଣାରେ ସ୍ୱାସ୍ଥ୍ୟମିତ୍ର



**ଭୁବନେଶ୍ୱର, ୨୩/୬(ନିପ୍ର):** ରାଜ୍ୟରେ ସ୍ୱାସ୍ଥ୍ୟ ସେବା ମଧ୍ୟରେ ବଢୁଛି ଅସନ୍ତୋଷ । ତିନି ଦଫା ଦାବି ନେଇ ଲୋୟର ପିଏମଜିରେ ଧାରଣାରେ ବସିଛନ୍ତି ସ୍ୱାସ୍ଥ୍ୟମିତ୍ର । କାମ ବନ୍ଦ କରି ହାତରେ ଥାଳି ଧରି ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି । ବର୍ଷାକୁ ଖାତିର ନକରି ଚାଲିଛି ଆନ୍ଦୋଳନ । ଏପଟେ ସ୍ୱାସ୍ଥ୍ୟମିତ୍ରଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ସାମିଲ ହୋଇଛନ୍ତି ବିଜେଡି ଓ କଂଗ୍ରେସ ନେତା । ରାସ୍ତାରେ ଥାଳି ଧରି ଆନ୍ଦୋଳନକୁ ଓହ୍ଲାଇଲେ ସ୍ୱାସ୍ଥ୍ୟ ମିତ୍ର । ପ୍ରଥମେ ଥାଳି ବଜାଇ ସରକାରଙ୍କୁ ଗୁହାରି କଲେ । ଆଉ ପରେ ଲୋୟର ପିଏମଜି ବର୍ଷାରେ ଭିଜି ଭିଜି ରାସ୍ତାରେ ଶୋଇ ଅଭିନବ ଢଙ୍ଗରେ କଲେ ଆନ୍ଦୋଳନ । ଅଲ୍ ଓଡ଼ିଶା ସ୍ୱାସ୍ଥ୍ୟମିତ୍ର ସଂଘ ପକ୍ଷରୁ ଲୋୟର ପିଏମଜିରେ ୩ଦଫା ଦାବି ନେଇ ଦୁଇ ଦିନ ହେଲା ଚାଲିଛି ଜୋରଦାର ଆନ୍ଦୋଳନ । ଚାକିରୀରୁ ଛଟେଇ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶନାମା ଦେବା ପରେ ଏକାଠି ହୋଇ ସରକାର ବିରୋଧରେ ବର୍ଷିଛନ୍ତି ସ୍ୱାସ୍ଥ୍ୟ ମିତ୍ର । ଆନ୍ଦୋଳନରେ ସାମିଲ ହୋଇ ସମର୍ଥନ ଜଣାଇଛନ୍ତି ବିଜେଡି ଓ କଂଗ୍ରେସ ନେତା । ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ ଆନ୍ଦୋଳନକାରୀଙ୍କ ସହ ଧାରଣାରେ ବସି ରାଜ୍ୟ ସରକାର ବିରୋଧରେ ବର୍ଷିଛନ୍ତି । ସ୍ୱାସ୍ଥ୍ୟମିତ୍ରଙ୍କ ଲଢ଼େଇରେ କଂଗ୍ରେସ ବି ସାଥୀରେ ଅଛି ବୋଲି କଂଗ୍ରେସ କହିଛି । ବିଜେପି ସରକାରରେ ରୋଗୀ ହନ୍ତସନ୍ତ ହେଉଥିବା ଅଭିଯୋଗ ଆଣିଛନ୍ତି ଉଭୟ ବିରୋଧୀ କଂଗ୍ରେସ ଓ ବିଜେଡି । ବିଭିନ୍ନ ଡାକ୍ତରଖାନାରେ ନିୟୋଜିତ ଥିବା ଏହି ସ୍ୱାସ୍ଥ୍ୟ ମିତ୍ର ରୋଗୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବିଷୟରେ ସଚେତନ କରାନ୍ତି । କିନ୍ତୁ ଛଟେଇର ନିର୍ଦ୍ଦେଶ ମିଳିବା ପରେ କାମ ବନ୍ଦ କରି ପ୍ରତିବାଦରେ ବସିଛନ୍ତି ସ୍ୱାସ୍ଥ୍ୟ ମିତ୍ର ।

## ବିବାହିତା ମହିଳାଙ୍କୁ ଦୁର୍ଷ୍କର୍ମ ଅଭିଯୋଗ

ହିଞ୍ଜିଳିକାଟୁ, ୨୩।୬(ନିପ୍ର): ବିବାହିତା ମହିଳାଙ୍କୁ ଦୁର୍ଷ୍କର୍ମ କରିବା ସହ ବିବାହର ପ୍ରଲୋଭନ ଦେଖାଇ ୧ଲକ୍ଷ ୮୦ ହଜାର ଟଙ୍କା ଠକି ନେବା ଅଭିଯୋଗରେ ହିଞ୍ଜିଳି ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଜଣଙ୍କ ହେଲେ ହିଞ୍ଜିଳି ଥାନା କାଞ୍ଜିଆମା ଗ୍ରାମର ସଦାଶିବ ବେହେରା (୨୫) । ଏ ନେଇ ହିଞ୍ଜିଳି ଥାନାରେ କେସ ନଂ – ୪୩୧/୨୬ ରେ ଏକ ମାମଲା ରୁଜୁ କରି ଗିରଫ ଯୁବକଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି । ଅଭିଯୋଗ ପ୍ରକାରେ, ହିଞ୍ଜିଳି ଥାନା କାଞ୍ଜିଆମା ଗ୍ରାମର ସଦାଶିବ ବେହେରା ସେହି ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ପ୍ରେମ୍ ଜାଲରେ ଫସାଇଥିଲେ । ମହିଳାଙ୍କ ସ୍ୱାମୀ ବାହାର ରାଜ୍ୟରେ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି । ସ୍ୱାମୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଯୁବକ ଜଣଙ୍କ ବିବାହିତା ମହିଳାଙ୍କ ସହ ଦୀର୍ଘ ୪ ବର୍ଷ ଧରି ଶାରୀରିକ ସମ୍ପର୍କ ରଖି ଆସୁଥିଲେ ।

## ପ୍ରବାସୀ ଶ୍ରମିକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

# ୫ ଜଣଙ୍କୁ କୋର୍ଟ ଚାଲାଣ କଲା ପୋଲିସ

**ସମ୍ବଲପୁର, ୨୩/୬(ନିପ୍ର):** କ୍ଷେତରାଜପୁର ଥାନା ଅନ୍ତର୍ଗତ ବଡ଼ବଜାର, ଧୂବାପଡ଼ା ଅଞ୍ଚଳରେ ଜଣେ କେରଳମ୍ ରାଜ୍ୟର ଶ୍ରମିକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା । ଏହି ଘଟଣାରେ ପୋଲିସ ଆଜି ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏନେଇ ଅତିରିକ୍ତ ଏସପି ଶଶାଙ୍କ ଶେଖର ବେଉରା ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ପ୍ରଦାନ କରିଛନ୍ତି । ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତ ବ୍ୟକ୍ତି ମାନେ ହେଲେ- ଶିବ ଗଣ୍ଡ (୨୩), ପୃଥ୍ୱୀ ନାଗ (୨୮), ସୁଶାନ୍ତ ସୁନା (୩୮), ସଚିନ୍ଦ୍ର ପାଣ୍ଡେ (୩୩) ଓ ସରୋଜ ମେହେର (୩୬) । ସେମାନଙ୍କୁ ଆଜି ୨୩-୦୬-୨୦୨୬ ରେ ଯୁଏସ ୧୨୬(୨)/୨୯୬/ ୧୧୫(୨) /୧୩୩/୩୫୧(୩)/ ୧୦୯(୧)/୩(୫) ବିଏନଏସରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଗତ




୨୧ ତାରିଖ ରବିବାର ଦିନ ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ବଡ଼ବଜାର, ଧୂବାପଡ଼ା ଅଞ୍ଚଳରେ ଜଣେ ପ୍ରବାସୀ ଶ୍ରମିକଙ୍କୁ ସ୍ଥାନୀୟ ଲୋକ ସଂଘବଦ୍ଧ ଆକ୍ରମଣ ତଥା ମାଡ଼ ମାରିଥିଲେ । ଏନେଇ ପୋଲିସ ନିଜେ ମାମଲା ରୁଜୁ କରିଥିଲା । ଏଏସଆଇ ସୂର୍ଯ୍ୟ ନାରାୟଣ ଦାସଙ୍କ ଜରିଆରେ ମାମଲା ରୁଜୁ କରିଥିଲା ପୋଲିସ । ଏନେଇ କ୍ଷେତରାଜପୁର ଥାନାରେ ୧୪୦/୨୦୨୬ ରେ ମାମଲା ରୁଜୁ ହୋଇଥିଲା । ଏନେଇ ଗତକାଲି ଅତିରିକ୍ତ ଏସପି ଅଜୟ ମିଶ୍ର କହିଥିଲେ ଯେ, ଏହା କୌଣସି ଭିଡ଼ ହିଂସା ନୁହେଁ ବରଂ ଉଭୟ ପକ୍ଷ ପରସ୍ପରର ଭାଷା ବୁଝି ନପାରିବାରୁ ଭୁଲ ବୁଝାମଣା ହୋଇ ଏହିଭଳି ଅପ୍ରିତିକର ପରିସ୍ଥିତି ଉପୁଜି ଥିଲା । ଘଟଣା ସମ୍ପର୍କରେ ଅଧିକ ସୂଚନା ଦେଇ ସେ କହିଥିଲେ ଯେ, ଗତ ୨୧ ତାରିଖ ଦିନ ୧୦ଟା ସମୟରେ କ୍ଷେତରାଜପୁର ଥାନା ଅନ୍ତର୍ଗତ ବଡ଼ବଜାର ଧୂବାପଡ଼ା ଅଞ୍ଚଳକୁ କେରଳମ୍ ଉତ୍ତର ଏଲେପି ଜିଲ୍ଲାର ବିଷ୍ଣୁ ଶିବୁ ନାମକ ଜଣେ ଯୁବକ ଆସିଥିଲେ । ସେ ବରଗଡ଼ ଜିଲ୍ଲାରେ ଜଣେ ଠିକାଦାରଙ୍କ ଅଧୀନରେ ଶ୍ରମିକ ଭାବେ କାମ କରୁଥିଲେ । ତାଙ୍କର ମାନସିକ ସ୍ଥିତି ସାମାନ୍ୟ ଅସ୍ୱାଭାବିକ ଥିଲା । ସେ କାମ ଅନ୍ୱେଷଣରେ ସମ୍ବଲପୁର ଆସିଥିଲେ ଓ ବୁଲାବୁଲି କରୁଥିଲେ । ତେବେ ଗତ ୨୧ ତାରିଖରେ ସେ ଧୂବାପଡ଼ା ଅଞ୍ଚଳରେ ଥିବା ସମୟରେ ତାଙ୍କର ବେଶଭୂଷା ଓ ଭାଷାର ତାରତମ୍ୟ ରହିଥିବାରୁ ସ୍ଥାନୀୟ ଲୋକଙ୍କ କଥା ସେ ବୁଝି ପରି ନଥିଲେ କି, ତାଙ୍କ କଥା ସ୍ଥାନୀୟ ଲୋକ ବୁଝି ପରି ନଥିଲେ । ଉଭୟ ପକ୍ଷ ପରସ୍ପରଙ୍କ କଥା ବୁଝି ପାରି ନଥିଲେ । ଏହି ପରିସ୍ଥିତିରେ ସ୍ଥାନୀୟ ଯୁବକ ମାନେ ପ୍ରବାସୀ ଶ୍ରମିକଙ୍କୁ ଜଣେ ଅପରାଧୀ ଓ ଅପରାଧ ସଂଗଠିତ କରି ଆସିଛନ୍ତି ବୋଲି ଅନୁମାନ କରିଥିଲେ । ଯାହା ଫଳରେ ସ୍ଥାନୀୟ ଲୋକ ତାଙ୍କୁ ମାଡ଼ପିଟ କରିଥିଲେ ।

## ଅବକାରୀ ଚଢ଼ାଉରେ ଦେଶୀମଦ ସହ ପୋଚ ନଷ୍ଟ

**ଆଠଗଡ଼, ୨୩।୬(ନିପ୍ର):** ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ ଓ ଆଠଗଡ଼ ଥାନା ଅଧିକାରିଣୀ ମିସ୍ ସୁମତି ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମ ଏବଂ ନିକଟସ୍ଥ କାଜୁ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, କଟକ ଜିଲ୍ଲା ମୋବାଇଲ ୟୁନିଟ ଏବଂ ଆଠଗଡ଼ ଥାନା ସହିତ ଏକ ମିଳିତ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉରେ ସର୍ବମୋଟ ୩୨୨୦ ଲିଟର ଦେଶୀମଦ ସହ ୧୭୧୬୫ ଲିଟର ମଦ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି । ଏହି ଘଟଣାରେ ୬ଟି ମାମଲା ରୁଜୁ ହେବା ସହ କେହି ଗିରଫ ନହେବା ଘଟଣାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଆଠଗଡ଼ ଆଇଆଇସି ସୁମତି ମହାନ୍ତି, ବାଙ୍କୀ ଅବକାରୀ ଥାନା, କଟକ ଜିଲ୍ଲା ମୋବାଇଲ ୟୁନିଟ ସମେତ୍ ସମସ୍ତ ଅବକାରୀ ସହକର୍ମୀ ଅଂଶଗ୍ରହଣ କରିଥିଲେ ।

## ବନ୍ଧୁକ ମୁନରେ ଲୁଟ ମାମଲା: ଜଣେ ଅଭିଯୁକ୍ତ ଗିରଫ

ପିପିଲ, ୨୩/୬(ନିପ୍ର): ଗୋପୀନାଥ ପୁରଠାରେ ଜଣେ ଯୁବକଙ୍କୁ ବନ୍ଧୁକ ମୁନରେ ଟଙ୍କା ଓ ମୋବାଇଲ ଲୁଟ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବଳଙ୍ଗା ପୋଲିସ । ଅଭିଯୁକ୍ତ ଜଣଙ୍କ ଭାଣପୁର ଗ୍ରାମର ଆନନ୍ଦ ବେହେରା ଜଣାପଡ଼ିଛି । ଗତ ୧୩ ତାରିଖ ରାତି ସାଢ଼େ ୧୦ଟା ସମୟରେ ଗୋପୀନାଥପୁର ଗ୍ରାମର ସତ୍ୟ ନାରାୟଣ ସ୍ୱାଇଁ ଭୁବନେଶ୍ୱରରୁ ବାଇକ ଯୋଗେ ଘରକୁ ଫେରୁଥିଲା ବେଳେ ଅଭିଯୁକ୍ତ ଆନନ୍ଦ ଓ ଅନ୍ୟ ୨ଅଭିଯୁକ୍ତ ବାଲିପାଟଣା ଥାନା ଅନ୍ତର୍ଗତ ବିଶ୍ୱାଳ ପଡ଼ା ଗ୍ରାମର ଟୁଲୁ ପ୍ରଧାନ ଓ ହରିପୁର ଗ୍ରାମର ଅଜୁ ବେହେରା ଏକ ପଲସର୍ ବାଇକ୍ ରେ ଆସି ଗୋପୀନାଥ ପୁର ଗାଁ ମୁଣ୍ଡରେ ସତ୍ୟଙ୍କୁ ଅଟକାଇ ତାଙ୍କ ମୁଣ୍ଡରେ ବନ୍ଧୁକ ଦେଖାଇ ମୋବାଇଲ ଓ ୭ହଜାର ଟଙ୍କା ଲୁଟି ନେଇ ଫେରାଇ ହୋଇଯାଇଥିଲେ ।

## ଇମ୍ଫା ପକ୍ଷରୁ 'ସଖୀ ସିଡ୍'ର ଶୁଭାରମ୍ଭ



ଭୁବନେଶ୍ୱର, ୨୩/୬(ନିପ୍ର): ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା) ନିଜର ସାମାଜିକ ଦାୟିତ୍ୱବୋଧ ଶାଖା 'ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେସନ୍' (ବିଆଇପିଏଫ୍) ମାଧ୍ୟମରେ 'ସଖୀ ସୀଡ୍' କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ନେଇ ଘୋଷଣା କରିଛି । ଏହା ଏକ ଅଭିନବ କାର୍ଯ୍ୟକ୍ରମ ଯାହା ଗ୍ରାମାଞ୍ଚଳର ଏବଂ କ୍ଷୁଦ୍ର ମହିଳା ଉଦ୍ୟୋଗୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଏହି ମହିଳାମାନଙ୍କ ପାଖରେ ଉତ୍ତମ ବ୍ୟବସାୟିକ ଚିନ୍ତାଧାରା ଏବଂ ଦୃଢ଼ ଉଦ୍ୟୋଗୀ ହେବାର ସାମର୍ଥ୍ୟ ଥିଲେ ମଧ୍ୟ ସେମାନେ ପ୍ରାୟତଃ ପାରମ୍ପରିକ ଆର୍ଥିକ ସ୍ରୋତ ବା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରୁ ବଞ୍ଚିତ ହୋଇଥାନ୍ତି । ଏହି ଯୋଜନା ଅଧୀନରେ ୧୦ ଜଣ ମହିଳା ଉଦ୍ୟୋଗୀଙ୍କୁ ପ୍ରତ୍ୟେକଙ୍କୁ ୫ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯିବ । ଏହା ସହିତ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର ପକ୍ଷରୁ ସେମାନଙ୍କୁ ସୁସଂଗଠିତ ବ୍ୟବସାୟିକ ପରାମର୍ଶ ଦିଆଯିବ, ଯାହାଦ୍ୱାରା ସେମାନେ ନିଜର ସ୍ଥାୟୀ ବ୍ୟବସାୟକୁ ମଜବୁତ ଓ ସଂପ୍ରସାରିତ କରିପାରିବେ । ଏହି କାର୍ଯ୍ୟକ୍ରମଟି 'କାଟାଲିଟିକ୍ କ୍ୟାପିଟାଲ୍' (ଉତପ୍ରେରକ ପୁଞ୍ଜି) ନୀତି ଉପରେ ଆଧାରିତ, ଯାହା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ଯାତ୍ରାର ପ୍ରାରମ୍ଭିକ ତଥା ସବୁଠାରୁ ଦୁର୍ବଳ ସମୟରେ ଧୈର୍ଯ୍ୟବାନ ଏବଂ ବିପଦ-ସହନଶୀଳ ପାଣ୍ଠି ଯୋଗାଇ ଦେଇ ସଶକ୍ତ କରିଥାଏ ।

## ବିଶ୍ୱ ଦକ୍ଷତା କ୍ରୀଡ଼ା ଯୁବ କ୍ରୀଡ଼ାରେ ଭାରତର ପ୍ରତିନିଧିତ୍ୱ କରିବେ ଓଡ଼ିଶାର ଆକାଶ ଏବଂ ବିଭାସିନ୍ଧୁ



ଭୁବନେଶ୍ୱର, ୨୩/୬: ଜୁନ୍ ୧୮ ରୁ ୨୧ ପର୍ଯ୍ୟନ୍ତ ତୁର୍କୀରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଦକ୍ଷତା କ୍ରୀଡ଼ା ଯୁବ କ୍ରୀଡ଼ା ୨୦୨୬ରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ଓଡ଼ିଶାର ଆକାଶ ରଞ୍ଜନ ମୁଣ୍ଡ ଏବଂ ବିଭାସିନ୍ଧୁ ବାରିକଙ୍କୁ ମନୋନୀତ କରାଯାଇଛି । ଏହି ପ୍ରତିଭାବାନ ପାରା ସଟଲରମାନେ ଉଭୟ ପୁରୁଷ ସିଙ୍ଗଲ୍ସ -ଏସଏଲ ୩ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ, ଯାହା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଏବଂ ଭାରତର ଆଶା ବହନ କରିବ । ଭୁବନେଶ୍ୱରର କିଟ୍ ସ୍କୁଲ ଅଫ୍ ଲିବରାଲ୍ ଷ୍ଟଡିଜ୍‌ର ବିଏ ଇଂରାଜୀ ଛାତ୍ର ଆକାଶ ଗତ ବର୍ଷ କାମ୍ପାଲାରେ ଅନୁଷ୍ଠିତ ଉଗାଣ୍ଡା ପାରା ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଢେଙ୍କାନାଳ ଜିଲ୍ଲାର କିଶୋର ବିଭାସିନ୍ଧୁ ଜୁନିଅର ଏବଂ ସିନିୟର ରାଙ୍କରେ ଜଣେ ପାରା ସଟଲର ।



ଭୁବନେଶ୍ୱର: ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ ଅବସରରେ ଜୟଦେବ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ (ଫଟୋ- ଦିନଲିପି)

## ଗୋଶାଳା ସେବାଶ୍ରମ ପାଇଁ ଭୂମି ପୂଜନ

କାକଟପୁର ୨୩।୬(ନିପ୍ର) : ଜଗଜନନୀ ମା' ମଙ୍ଗଳାଙ୍କ ପୁଣ୍ୟତୋୟା ପ୍ରାଚୀ ତୀର୍ଥ ତଥା ବଣଗାଦୀ ପୂଜାପୀଠ ଅନ୍ତର୍ଭୁକ୍ତ ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ଜଳେଶ୍ୱରପଡ଼ା ଗ୍ରାମ ପଞ୍ଚାୟତର ତରତ ମୌଜାଠାରେ ଶ୍ରୀଗୋପୀନାଥ ଗୋଶାଳା ସେବାଶ୍ରମର ଶିଳାନ୍ୟାସ ଓ ଭୂମିପୂଜନ ଅନୁଷ୍ଠିତ ହୋଇଛି । ପୂଜନ ଉତ୍ସବରେ ମୁଖ୍ୟ ଅତିଥି ଭାବେ କାକଟପୁର ବ୍ଲକ୍ ବିଡିଓ ନାରାୟଣ ଦାଶିତ, ସମ୍ମାନିତ ଅତିଥି ଭାବେ ପୁରୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ମଙ୍ଗଳ ଅଧିକାରୀ, କାକଟପୁର ବ୍ଲକ୍ ପ୍ରଣୀ ଚିକିତ୍ସା ଅଧିକାରୀ ଓ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଯୋଗଦେଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସମ୍ପାଦିକା ଜୟନ୍ତୀ କୁମାରୀ ଦେଇ, ବିଶ୍ୱହିନ୍ଦୁ ପରିଷଦ କାକଟପୁର ଶାଖା ସଭାପତି କାବୁଲା ବିଶ୍ୱାଳ, କୈଳାଶ ନାୟକଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା, କାକଟପୁର ଅଞ୍ଚଳର ଗୋ ସେବକ ଓ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ବାଇକ୍- ବୋଲେରୋ ଧକ୍କା, ଜଣେ ମୃତ

କୁଚିଣ୍ଡା, ୨୩।୬(ନିପ୍ର):ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅଧୀନସ୍ଥ ଟାଇଁସର-କଦୋପଡା ମଝି ବୁଲାଣିରେ ଏକ ବାଇକ୍ ସହ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବାଇକ୍ ଚାଳକ ସୁନ୍ଦରଗଡ ଜିଲ୍ଲା ଧୁରୁଆଡିହି ଥାନା ଦେଉରାପଡାର ଅମିତ ମୁଣ୍ଡା(୩୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି ।

## ତାମିଲନାଡୁ ଗ୍ୟାସ୍ ଲିକ୍ ଘଟଣା: ସହାୟତା ରାଶି ୧୦ ଲକ୍ଷ

ଭୁବନେଶ୍ୱର, ୨୩।୬ : ତାମିଲନାଡୁ ଗ୍ୟାସ୍ ଲିକ୍ ଘଟଣାରେ ମୃତ ଓଡ଼ିଆ ଶ୍ରମିକଙ୍କ ସହାୟତା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଓଡ଼ିଆ ଶ୍ରମିକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ । ପ୍ରଥମେ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିଲେ । ମଙ୍ଗଳବାର ସହାୟତା ରାଶିକୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ଘଟଣାରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ପରେ ସରକାର ପରିସ୍ଥିତିର ସମୀକ୍ଷା କରି ଏହି ସହାୟତା ରାଶିକୁ ବୃଦ୍ଧି କରିଛନ୍ତି ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-28-26

କାର୍ଯ୍ୟର ବିବରଣୀ : ମଣ୍ଡଳ ରେଳ ଚିକିତ୍ସାଳୟ / ଖୋର୍ଦ୍ଧା ରୋଡ଼ ଠାରେ ଖୋଲିବା ସହିତ ଭଲିଟି ଶବ ସଂରକ୍ଷଣ କ୍ୟାବିନେଟ୍‌ର ଡିଜାଇନ, ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 9,53,549.74, EMD : ₹ 19,100/-, ଶେଷ ହେବା ଅବଧି : 02 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.13.07.2026ରିଖ 1500 ଘଣ୍ଟାରେ ।

ଏହି ଇ-ଟେଣ୍ଡରିଙ୍ଗ କ୍ଷେତ୍ରରେ ଡକ୍ୟୁମେଣ୍ଟ ମାଧ୍ୟମରେ ... ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ... ଫାର୍ମ (Firm)ର ... ଦାଖଲ କରାଯାଇଥିବ ଏବଂ ... ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ... ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବିଜ ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ ... ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ... ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି । ଟେଣ୍ଡରଦାତା ... ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ଼

PR-259/R/26-27

## ତାମିଲନାଡୁରୁ ଆସିଲା ୫ ମୃତଦେହ: ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୩।୬(ନିପ୍ର):** ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲାର ଏକ ଘରୋଇ ସି-ଫୁଡ ପ୍ରକ୍ରିୟାକରଣରେ ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ମୃତ ୫ଜଣ ଓଡ଼ିଆ ଶ୍ରମିକଙ୍କ ମୃତଦେହ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱର ପହଞ୍ଚିଛି । ମୃତଦେହଗୁଡ଼ିକ ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିମାନବନ୍ଦର ଯାଇ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଏଥି ସହିତ ମୁଖ୍ୟମନ୍ତ୍ରୀ ପୀଡ଼ିତ ପରିବାରମାନଙ୍କୁ ଭେଟିଛନ୍ତି । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଅଭାବନୀୟ ଘଟଣା ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସେମାନଙ୍କ ପରିବାର ବର୍ଗଙ୍କ



ପ୍ରତି ସମବେଦନା ପ୍ରକାଶ କରିଥିଲେ । ଉଲ୍ଲେଖଯୋଗ୍ୟ, ଏହି ଅଭାବନୀୟ ଘଟଣା ସଂପର୍କରେ ଅବଗତ ହେବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରମ ବିଭାଗ ଓ ତାମିଲନାଡୁ ପ୍ରଶାସନ ସହ ନିରନ୍ତର ସମନ୍ୱୟ ରଖାଯାଉଛି । ମୃତ ଶ୍ରମିକମାନଙ୍କ ପରିଚୟ ସୁନିଶ୍ଚିତ କରାଯାଇଛି ଏବଂ ମୃତଦେହଗୁଡ଼ିକର ବ୍ୟବଚ୍ଛେଦ ପ୍ରକ୍ରିୟା ଶେଷ ହେବା ପରେ ସମ୍ମାନର ସହିତ ସେମାନଙ୍କ ଗାଁକୁ ପଠାଇବା ପାଇଁ ବ୍ୟବସ୍ଥା କରାଯାଉଛି । ଆହତ ଶ୍ରମିକମାନଙ୍କ ଚିକିତ୍ସା ଉପରେ ସରକାର ନଜର ରଖିଛନ୍ତି ଏବଂ ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି । ପୀଡ଼ିତ ପରିବାରମାନଙ୍କୁ ସରକାରୀ ସହାୟତା ଏବଂ ନିୟମାନୁସାରେ କ୍ଷତିପୂରଣ ପ୍ରଦାନ ପାଇଁ ପଦକ୍ଷେପ ନିଆଯାଇଛି ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ